78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

## The Prajatantra

ଝଙ୍କାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୩୮ ● କଟକ ● ରବିବାର ● ୧୩ ଜୁଲାଇ-୨୦୨୫ ● କର୍କଟ-୦୨ ● ସାଲ୍-୧୪୩୧

CUTTACK ● SUNDAY ● 13JULY-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


## ଫକୀରମୋହନ କଲେଜରେ ଛାତ୍ରୀଙ୍କ ଆତ୍ମାହୂତି ଉଦ୍ୟମ

# ଏଚ୍ଓଡି ଗିରଫ, ପ୍ରିନ୍ସିପାଲ୍ ସସ୍‌ପେଣ୍ଡ

**ବାଲେଶ୍ୱର,ଭୁବନେଶ୍ୱର,(ପିପିଏସ୍):** ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ କଲେଜର ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଘଟଣାରେ ଏଜୁକେଶନ ବିଭାଗ ମୁଖ୍ୟ ତଥା ଆସିଷ୍ଟାଣ୍ଟ ପ୍ରଫେସର ସମୀର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ସେ ଛାତ୍ରୀଜଣଙ୍କୁ ମାନସିକ ନିର୍ଯାତନା ଦେବା ସହିତ ଫେବର ମାଗୁଥିଲେ ବୋଲି ଅଭିଯୋଗ ହୋଇଛି। କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଛାତ୍ରୀଜଣଙ୍କ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବା ଯୋଗୁ ଶନିବାର ସେ

- ❑ ଏମ୍ସ ଆଇସିୟୁରେ ଛାତ୍ରୀ, ଅବସ୍ଥା ସଙ୍କଟାପନ୍ନ
- ❑ କମିଟି ଗଢ଼ିଲା ଉଚ୍ଚଶିକ୍ଷା ବିଭାଗ
- ❑ ସ୍ୱତନ୍ତ୍ର ଟିମ୍ କରିବ ୫ଦିଗରେ ତଦନ୍ତ

କଲେଜରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ଏସ୍‌ପି କହିଛନ୍ତି, ସବୁ ଦିଗରୁ ତଦନ୍ତ ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କଲେଜର ଇଣ୍ଟରନାଲ୍ କମିଟି କ'ଣ ନିଷ୍ପତ୍ତି ନେଇଥିଲା, ତା'ର ତର୍ଜମା ଚାଲିଛି। ଯାହାର ବି ତ୍ରୁଟି ସାମ୍ନାକୁ ଆସିବ, କାର୍ଯ୍ୟାନୁଷ୍ଠାନ ନିଆଯିବ। ଆସିଷ୍ଟାଣ୍ଟ ପ୍ରଫେସର ସମୀର ସାହୁଙ୍କୁ ଉଚ୍ଚ ଶିକ୍ଷା ବିଭାଗ ନିଲମ୍ବନ କରିଛି। ତାଙ୍କ ସହିତ ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ମଧ୍ୟ ନିଲମ୍ବନ କରିଛନ୍ତି ସରକାର। ଛାତ୍ରୀଙ୍କ ଅଭିଯୋଗ ଉପରେ ଉପଯୁକ୍ତ ତଦନ୍ତ ନକରି ଦାୟିତ୍ୱରେ ଅବହେଳା କରିଥିବା ଯୋଗୁ କଲେଜର ପ୍ରିନ୍ସିପାଲ ଦିଲ୍ଲୀପ କୁମାର ଘୋଷଙ୍କୁ ରାଜ୍ୟ ସରକାର ତତ୍କାଳ ପ୍ରଭାବରୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଅଧ୍ୟାପକ ଶ୍ରୀ ସାହୁଙ୍କ ବିରୋଧରେ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନା ଅଭିଯୋଗ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀଜଣକ ନିଜ ଦେହରେ ନିଆଁ ଲଗାଇ ଆଜି ଆତ୍ମାହୂତି ଉଦ୍ୟମ କରିଥିଲେ। ଏବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା



ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଦୁଇଟି ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା

### ହଇଚଇ

ଅନୁସାରେ, ଏଫଏମ କଲେଜରେ ଜୁଲାଇ ୧୨ତାରିଖ(ଆଜି) ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଏହି କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଉପଯୁକ୍ତ ଢଙ୍ଗରେ ପରିଚାଳନା କରିପାରିନଥିବା ସରକାର ଅନୁଭବ କରିଛନ୍ତି। ଏପରିକି କଲେଜ ଅଧ୍ୟକ୍ଷ ଭାବେ ନିଜର ଦାୟିତ୍ୱ ମଧ୍ୟ ତୁଲାଇବାରେ ଶ୍ରୀ ଘୋଷ ବିଫଳ ହୋଇଥିବା ଜଣାପଡ଼ିଛି। ତେଣୁ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଅବଧି ମଧ୍ୟରେ ତାଙ୍କର ହେଡକ୍ୱାର୍ଟର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରହିବ। ଜିଲ୍ଲାପାଳଙ୍କ ଅନୁମତି ବିନା ସେ ହେଡକ୍ୱାର୍ଟର ଛାଡ଼ିପାରିବେ ନାହିଁ। କିଛି ଲୋକଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ଘଟିଲା ବୋଲି କୁହାଯାଉଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଏମ୍ସରେ ପହଞ୍ଚି ଛାତ୍ରୀଙ୍କ ଅବସ୍ଥା ପଚାରିବୁଝିଛନ୍ତି। ବିଭାଗପକ୍ଷରୁ କମିଟି ଗଠନ କରାଯାଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଓ ବିଭାଗୀୟ ଯୁଗ୍ମ ଶାସନ ସଚିବ କମିଟିର ସଦସ୍ୟ ରହିଛନ୍ତି। ଗୁରୁତର ଛାତ୍ରୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ।

### କ'ଣ ଥିଲା ଛାତ୍ରୀଙ୍କ ଅଭିଯୋଗ

**ବାଲେଶ୍ୱର,(ପିପିଏସ୍):** ବାଲେଶ୍ୱରର ଏଫଏମ୍ ସ୍ୱୟଂଶାସିତ କଲେଜର ଦ୍ୱିତୀୟ ବର୍ଷର ଏହି ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଛାତ୍ରୀ ଜଣଙ୍କ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଗତ ୧ ତାରିଖରେ ଦେଇଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଥିଲେ,ଏଚ୍ଓଡି ଆସିଷ୍ଟାଣ୍ଟ ପ୍ରଫେସର ସମୀର କୁମାର ସାହୁ ତାଙ୍କୁ ମାନସିକ ନିର୍ଯାତନା



ଦେବା ସହିତ ଅପମାନିତ କରି ଚାଲିଛନ୍ତି। ଶ୍ରେଣୀ ଗୃହରେ ବ୍ୟାକ୍ ଲଗାଇ ଦେବାକୁ ଧମକ ଦେଉଛନ୍ତି। ୬ ବର୍ଷ ବସେଇ ଦେବା ପାଇଁ ସିଧା ଧମକ ଦେଉଛନ୍ତି। ତା' ସହିତ ଅସଦାଚରଣ କରୁଛନ୍ତି। ମୋ ବ୍ୟକ୍ତିଗତ କଥାକୁ ମୋ ଘରକୁ ଜଣାଉଛନ୍ତି। ସବୁଠୁ ବଡ଼ କଥା ହେଉଛି ସେ ମୋ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ମୁଁ ମନା କରିଥିଲି। ତା'ପରେ ସେ ମୋ ସହିତ ଦୁର୍ବ୍ୟବହାର କରି ଚାଲିଛନ୍ତି। ତେଣୁ ମୁଁ ମାନସିକ ଚାପଗ୍ରସ୍ତ ହୋଇ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିଲି। ଯଦି ଘଟଣାର ତର୍ଜମା/ତଦନ୍ତ କଲେଜ କର୍ତ୍ତୃପକ୍ଷ ନ କରିବେ ଓ ମୋତେ ନ୍ୟାୟ ନ ଦେବେ, ତା'ହେଲେ ମୁଁ ଆତ୍ମହତ୍ୟା କରିବି। ଆଉ ଏସବୁ ପାଇଁ ଏଚ୍ଓଡି ସମୀର ସାର ଓ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ।

## ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ

# ଖୋଲିଲାନି ରହସ୍ୟ

**ନୂଆଦିଲ୍ଲୀ,(ଏଜେନ୍ସି):** ଗତ ଜୁନ ୧୨ ତାରିଖରେ ଗୁଜରାଟର ଅହମ୍ମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାକୁ ନେଇ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏୟାର ଟ୍ରାଫିକ କଣ୍ଟ୍ରୋଲ 'ମେ' ଡେ' କଲ୍ ପାଇବାର ୧୩ ସେକେଣ୍ଡ ପୂର୍ବରୁ ଇଞ୍ଜିନକୁ ଇନ୍ଧନ ପ୍ରବାହକୁ ନିୟନ୍ତ୍ରଣ କରୁଥିବା ସୁଇଚ୍‌ଗୁଡ଼ିକୁ



❑ ଜଣେ ପାଇଲଟ ଅନ୍ୟ ଜଣଙ୍କୁ ପଚାରିଥିଲେ, ତୁମେ ଇନ୍ଧନ କାହିଁକି ବନ୍ଦ କଲ ?

ପୁନର୍ବାର 'କଟ୍ ଅଫ୍' (ଇନ୍ଧନ ପ୍ରବାହ ବନ୍ଦ)ରୁ 'ରନ୍' (ଇନ୍ଧନ ପ୍ରବାହ) ମୋଡ୍‌କୁ ଅଣାଯାଇଥିଲା ବୋଲି ବେସାମରିକ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ ଘଟଣାର ତଦନ୍ତ କରି ଦେଇଥିବା ପ୍ରାଥମିକ ରିପୋର୍ଟରେ ଦର୍ଶାଇଛି ଯେ ବିମାନଟି ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ଏହାର ଦୁଇଟି ଯାକ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚ୍‌ଗୁଡ଼ିକ 'ରନ୍'ରୁ 'କଟ୍ ଅଫ୍' ମୋଡ୍‌କୁ ଚାଲିଯାଇଥିଲା। ମାତ୍ର ଏକ ସେକେଣ୍ଡ ବ୍ୟବଧାନ ମଧ୍ୟରେ ଗୋଟିଏ ପରେ ଗୋଟିଏ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚ୍‌ଗୁଡ଼ିକ 'ରନ୍'ରୁ 'କଟ୍ ଅଫ୍' ମୋଡ୍‌କୁ ଚାଲିଯାଇଥିଲା। ଅର୍ଥାତ୍ ଦୁଇଟି ଯାକ ଇଞ୍ଜିନକୁ ଇନ୍ଧନ ପ୍ରବାହ ବନ୍ଦ ହୋଇଯାଇଥିଲା। ଏ କଥା ଦୁଇ ପାଇଲଟଙ୍କ ମଧ୍ୟରୁ ଜଣେ ଜାଣିପାରିଥିଲେ ବୋଲି କକ୍‌ପିଟ୍ ଭଏସ୍ ରେକର୍ଡିଂରୁ ଜଣାପଡ଼ିଛି। ଜଣେ ପାଇଲଟ ଅନ୍ୟ ଜଣଙ୍କୁ ପଚାରିଛନ୍ତି, ତୁମେ ଇନ୍ଧନ କାହିଁକି ବନ୍ଦ କଲ ? ଜବାବରେ ଅନ୍ୟ ପାଇଲଟ ଜଣଙ୍କ କହିଛନ୍ତି, ମୁଁ ସେମିତି କରିନାହିଁ। ବିଶେଷଜ୍ଞଙ୍କ ମତରେ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚ୍‌ଗୁଡ଼ିକୁ ସେମିତି କୌଣସି ଶୈଳୀରେ ଡିଜାଇନ କରାଯାଇନାହିଁ ଯେ ଭୁଲ୍‌ରେ ସେଗୁଡ଼ିକ 'କଟ୍ ଅଫ୍'ରୁ 'ରନ୍' ବା 'ରନ୍'ରୁ କଟ୍ ଅଫ୍' ହୋଇଯିବ। ତେଣୁ ଏହି ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ମଧ୍ୟରୁ ଜଣଙ୍କର ସଂପୃକ୍ତି ଥିବା ନେଇ ପ୍ରଶ୍ନଉଠିଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ ରିପୋର୍ଟ ଅନୁଯାୟୀ ପ୍ରାରମ୍ଭରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ଉଠିବାକୁ ବଳ ପାଇ ନଥିବା ଦୁର୍ଘଟଣାଗ୍ରସ୍ତ ବିମାନଟିର ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚଗୁଡ଼ିକ ପୁନର୍ବାର 'କଟ୍ ଅଫ୍'ରୁ 'ରନ୍' ମୋଡ୍‌କୁ ଆସିବା ପରେ କିଛି କ୍ଷଣ ପାଇଁ ଲାଗିଥିଲା ଯେ ତାହା ଉଡ଼ାଣ ଭରିବାକୁ ସକ୍ଷମ ହେବ। କିନ୍ତୁ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚଗୁଡ଼ିକ ପୁନର୍ବାର 'କଟ୍ ଅଫ୍'ରୁ 'ରନ୍' ମୋଡ୍‌କୁ ଆସିବା ସତ୍ତ୍ୱେ ସେପରି ହୋଇନଥିଲା ଓ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚଗୁଡ଼ିକ ପୁନର୍ବାର 'କଟ୍ ଅଫ୍'ରୁ 'ରନ୍' ମୋଡ୍‌କୁ ଆସିବା ପରେ ବିମାନର ପ୍ରଥମ ଇଞ୍ଜିନଟି ପୁଣିଥିରେ କାମ କରିବା ଭଳି ଅନୁଭବ ହୋଇଥିଲା, କିନ୍ତୁ ଦ୍ୱିତୀୟ ଇଞ୍ଜିନଟି କାମ କରି ନଥିଲା ବୋଲି ବ୍ଲାକ୍ ବକ୍ସରୁ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି।

## କେନାଲ କାମ ବେଳେ ପଡ଼ିଲା ବଜ୍ର, ୩ମୃତ

**ନୀଳଗିରି,ବାଲେଶ୍ୱର,(ପିପିଏସ୍):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ବରହମପୁର ଥାନା ରାଇପାଳ ଅଞ୍ଚଳରେ ଏକ ଅଘଟଣ ଘଟିଛି। କେନାଲ କାମ ଚାଲିଥିବା ବେଳେ ଶନିବାର ବଜ୍ରପାତ ଘଟି ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ବେଳେ ଜଣେ ଜେଶିବି ଅପରେଟର ବୋଲି ଜଣାପଡିଛି। ମୃତକ ହେଲେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢେଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧୀନ ନଳବାହାର ଅଞ୍ଚଳର ଜେଶିବି ଅପରେଟର ଅଜିତ କୁମାର ହାଜିରା(୨୮)। ମିଳିଥିବା ସୂଚନା ମୁତାବକ, ରାଇପାଳ ନିକଟରେ କେନାଲ କାର୍ଯ୍ୟ ଚାଲିଥିବା ବେଳେ ଶ୍ରମିକମାନେ ନିୟୋଜିତ ହୋଇଛନ୍ତି। ଶନିବାର ଅପରାହ୍ନରେ ହଠାତ ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲି ଆସିଥିଲେ। ସେଠାରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଛିଡ଼ା ହୋଇଥିବା ବେଳେ ହଠାତ ବଜ୍ରପାତ ଘଟିଥିଲା। ଫଳରେ ୩ଜଣ ଶ୍ରମିକ ଚେତାଶୂନ୍ୟ ହୋଇପଡିଥିବା ବେଳେ ୨ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,(ଏଜେନ୍ସି):** ଶନିବାର ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ। ଏହି ଅବସରରେ ମହାମହିମ ରାଷ୍ଟ୍ରପତିଙ୍କୁ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଓଡ଼ିଶାର ବିକାଶ ପାଇଁ ତାଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି।





## ଢେଙ୍କାନାଳରେ ମଦମୃତ୍ୟୁ !

### ବିଷାକ୍ତ ଦେଶୀ ମଦ ପିଇ ୨ମୃତ


**ଢେଙ୍କାନାଳ ,(ପିପିଏସ୍):** ଢେଙ୍କାନାଳ ବମ୍ପା ଗ୍ରାମରେ ମଦ ମୃତ୍ୟୁର ବିଭୀଷିକା ଦେଖାଦେଇଛି। ହିନ୍ଦୋଳ ଉପଖଣ୍ଡର ବମ୍ପା ଗ୍ରାମରେ ବିଷାକ୍ତ ଦେଶୀ ମଦକୁ ନେଇ ଆତଙ୍କ ଖେଳିଯାଇଛି। ବିଷାକ୍ତ ଦେଶୀ ମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଓ ତିନି ଗୁରୁତର ଥିବା ଅଭିଯୋଗ ହୋଇଛି। ଚଳିତ ସପ୍ତାହରେ ୭ ଜଣଙ୍କର ମଦଜନିତ ମୃତ୍ୟୁ ଘଟିଛି। ଗୁରୁତର ମାନଙ୍କୁ ଢେଙ୍କାନାଳ ଓ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ ଢେଙ୍କାନାଳରେ ମଦ ମୃତ୍ୟୁ ଅଭିଯୋଗ । ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ଏହି ବିଷାକ୍ତ ଦେଶୀ ମଦ ପିଇ ଶନିବାର ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ମାନଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ଦୁଇ ଜଣ ବମ୍ପା ଗ୍ରାମର ମନ୍ମଥ ସାମଲ ଓ ପ୍ରଫୁଲ ସାମଲ ବୋଲି ଜଣାପଡିଛି। ଗୁରୁତର ମାନେ ସୁଶାନ୍ତ ମାଝୀ, ରାହସ ମାଝୀ ବୋଲି ଜଣାପଡିଛି। ଗତ ଅପରାହ୍ନରେ ସେମାନେ ଦେଶୀ ମଦ ପିଇଥିଲେ। ତେବେ ପିଇବା ପରେ ଛାତି ବିନ୍ଧିବା ସହିତ ଅଣନିଶ୍ୱାସୀ ହୋଇ ପ୍ରବଳ ବାନ୍ତି ହୋଇଥିଲା ବୋଲି ପ୍ରକାଶ କରିଛନ୍ତି ଚିକିତ୍ସିତ ହେଉଥିବା ସୁଶାନ୍ତ ମାଝୀ। ତେବେ ଉକ୍ତ ଗ୍ରାମର ଚଳିତ ସପ୍ତାହରେ ଏହି ଦୁଇ ଜଣଙ୍କୁ ମିଶାଇ ୭ ଜଣଙ୍କର ଏହି ଦେଶୀ ମଦ ପିଇ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକମାନେ ସୁରେଶ ପାତ୍ର, ଦୟାନିଧି ସେଠୀ, ଗୌରା ମାଝୀ, ଡ୍ରାଇଭର ଭୋଇ ଓ ସୁରେଶ ପାତ୍ର ବୋଲି ଜଣାପଡିଛି। ସମସ୍ତେ ଉକ୍ତ ବମ୍ପା ଗ୍ରାମର ଓ ସମସ୍ତଙ୍କ ବୟସ ୪୫ରୁ ୫୫ମଧ୍ୟରେ ହେବ। ଗ୍ରାମରେ ଦେଶୀ ବିଷାକ୍ତ ଜନିତ ମଦ ଯୋଗୁଁ ଗ୍ରାମରେ ଏକ ପ୍ରକାର ଭୟର ବାତାବରଣ ଖେଳି ଯାଇଛି ।

**୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ**

### ଧ୍ୱନିପ୍ରତିଧ୍ୱନି

ଭୋଟର ତାଲିକାରେ ନାମ ନାଗରିକତ୍ୱ ନୁହେଁ !

### ବାଟେଘାଟେ



ଓଡ଼ିଶା ଆସିଲେ କଂଗ୍ରେସ ରାହୁଳ  
କରିଗଲେ ଘୋଡ଼ା ନାଟ  
ଜଗନ୍ନାଥ ଆମ ଆରାଧ୍ୟ ଦେବତା  
ଛୁଇଁଲେନି ତାଙ୍କ ଫଟ  
ଓଡ଼ିଶାରେ ଶୁଭେ ହଟ  
ଏତେ ଅହଂକାର ଗ୍ରହଣ କଲେନି  
ଉତ୍ତରୀୟ ନାଲି ପାଟ  
ବେଳ ଆସିଲାଣି କ୍ଷମତା ପାଇଁକି  
ବୁଲୁଥିବେ ବାର ଘାଟ

-ରାହୀ

# ଡ୍ରାଇଭର ମହାସଂଘ ଦୁଇଫାଳ !

## ବଢ଼ିଲା ସଭାପତି ମେଣ୍ଟୁଲିଙ୍କ ଅଡୁଆ, ରାଜ୍ୟ କୋଷାଧ୍ୟକ୍ଷଙ୍କୁ ବାନ୍ଧିଲା ପୁଲିସ୍

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ଡ୍ରାଇଭର୍ ସଂଘରେ ଫାଟ। ଗୋଟେପଟେ ଡ୍ରାଇଭର୍ ସଂଘର ଆନ୍ଦୋଳନ, ଅନ୍ୟପଟେ ଗଡ଼ିଲା ବସ୍। ୪ ଦିନ ଧରି ରାସ୍ତାରେ ଡ୍ରାଇଭର୍ ମାନେ ଆନ୍ଦୋଳନରେ ବସିଥିବା ବେଳେ ଏହାକୁ ଖୋଲାଖୋଲି ନମାନି ଗାଡ଼ି ଗଡ଼ାଇଛନ୍ତି ଡ୍ରାଇଭର୍ ମାନେ। ରାଜ୍ୟର ବସ୍ ମାଲିକ ସଂଘ ବିଭିନ୍ନ ସ୍ଥାନରୁ ଗାଡ଼ି ଛାଡ଼ିଛି। ଡ୍ରାଇଭର୍ ମାନେ ବି ଏହି ଆନ୍ଦୋଳନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗାଡ଼ି ଗଡ଼ିବା ଜରୁରୀ। ଲୋକେ ହନ୍ତସନ୍ତ ହେଉଛନ୍ତି ସେ ସବୁର ସମାଧାନ ଜରୁରୀ ବୋଲି କହିଛନ୍ତି ବସ୍ ଚଲାଇଥିବା ଡ୍ରାଇଭର୍। ଏହି ଘଟଣା ପରେ ରାଜ୍ୟ ଡ୍ରାଇଭର୍ ସଂଘ ଫାଳ ଫାଳ ହୋଇଥିବା ସ୍ପଷ୍ଟ ଜଣାପଡୁଛି। କାରଣ ଏହା ପୂର୍ବରୁ ବି ଅନ୍ୟ ଏକ ଗୋଷ୍ଠୀ ସଂଘର ନିଷ୍ପତ୍ତି ଓ କାର୍ଯ୍ୟକଳାପକୁ ବିରୋଧ କରିଥିଲା। ଏପଟେ କାନ୍ଦିଲେ ଆଉ ଧମକାଇଲେ ମେଣ୍ଟୁଲି। ଡ୍ରାଇଭର ସଂଘରେ ଫାଟ ପରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ଡ୍ରାଇଭର୍ ସଂଘ ସଭାପତି ପ୍ରଶାନ୍ତ ମେଣ୍ଟୁଲି। ଡ୍ରାଇଭର୍ ମହାସଂଘର ନିଷ୍ପତ୍ତିକୁ ଖିଲାପ କରି ଯେଉଁମାନେ ଗାଡ଼ି ଚଲାଉଛନ୍ତି ସେମାନଙ୍କ ଫଟୋ ଉଠାଇବୁ। ଫଟୋ ଉଠାଇ ସେମାନଙ୍କୁ ଚିହ୍ନଟ କରାଯିବ,ଯେଉଁମାନେ ଏବେ ଗାଡ଼ି ଚଲାଉଛନ୍ତି ସେମାନଙ୍କୁ ସଂଘରୁ ବାହାର କରିବୁ ବୋଲି ଚେତାବନୀ ଦେଇଛନ୍ତି ମେଣ୍ଟୁଲି। ଏପରିକି ମହାସଂଘରୁ ବାହାର କରିବାକୁ ଧମକ ଦେଇଛନ୍ତି ମେଣ୍ଟୁଲି। ଡ୍ରାଇଭର୍ ମହାସଂଘର ଧାରଣାକୁ ବିରୋଧ କରି ବସ୍ ମାଲିକ ସଂଘ ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ ଚଲାଇଛି। ଅନ୍ୟପଟେ ଓଡିଶା ଡ୍ରାଇଭର ମହାସଙ୍ଘ ରାଜ୍ୟ କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା ଗିରଫ ହୋଇଛନ୍ତି। ଦେବଗଡ଼ ନୂତନ ବସଷ୍ଟାଣ୍ଡରେ ଥିବା ଜିଲ୍ଲା ଡ୍ରାଇଭର ମହାସଂଘ କାର୍ଯ୍ୟାଳୟରୁ ତାଙ୍କୁ ଗିରଫ କରିଛି ପୁଲିସ। ଗତକାଲି ଆଦିତ୍ୟଙ୍କ ବିରୁଦ୍ଧରେ ମଞ୍ଜେଶ୍ୱର ଥାନାରେ ମିନି ଟ୍ରକ୍ ମାଲିକ ସଙ୍ଘ ଅଭିଯୋଗ

- ❑ ବସ୍ ମାଲିକସଂଘର ବିରୋଧ
- ❑ ମିନିଟ୍ରକ୍ ମାଲିକ ସଂଘ ଦେଲା ଏଫ୍‌ଆଇଆର
- ❑ ୧୦ କୋଟିର ସ୍କାମ୍‌ରେ ମେଣ୍ଟୁଲି !



କରିଥିଲେ। ଡ୍ରାଇଭର ମାନଙ୍କୁ ଅସମ୍ମାନ କରାଯାଉଛି ବୋଲି ସଂଘ ଅଭିଯୋଗ କରିଥିଲା। ଏହି ଅଭିଯୋଗରେ ପରେ ପୁଲିସ ଆଦିତ୍ୟଙ୍କୁ ଗିରଫ କରିଛି। ଏନେଇ ଦେବଗଡ ଜିଲ୍ଲା ଡ୍ରାଇଭର ମହାସଂଘ ସମ୍ପାଦକ ରଞ୍ଜିତ ପ୍ରଧାନ ସୂଚନା ଦେଇଛନ୍ତି। ଆଦିତ୍ୟଙ୍କ ଦେହ ଅସୁସ୍ଥ ଥିବାବେଳେ ତାଙ୍କୁ ରାତି ଅଧିଆ ଗିରଫ କରାଯାଇଥିବା ସେ କହିଛନ୍ତି। ତେଣେ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଟୁଲିଙ୍କ ବଢିଛି ଅଡୁଆ। ଥାନାରେ ତାଙ୍କ ବିରୋଧରେ ଏତଲା ଦାୟର ପରେ ଏବେ ତାଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି। ସଡ଼କ ପରିବହନ ସଂଘ ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀଙ୍କ ବିଶୋଦଗାର କହିଛନ୍ତି, ଡ୍ରାଇଭରଙ୍କୁ ଧମକ ଚମକ ଦେଇ ହଇରାଣ କରିବାକୁ ସେ ଚେଷ୍ଟା କରୁଛନ୍ତି। ମେଣ୍ଟୁଲି ଓ ଆଦିତ୍ୟଙ୍କୁ ଆକାଉଣ୍ଟ ଯାଞ୍ଚ କଲେ ୧୦ କୋଟିର ସ୍କାମ ଆସିବ। ଏହି ବଡ଼ ସ୍କାମକୁ ନେଇ ରଉ ତଦନ୍ତର ଆବଶ୍ୟକତା ରହିଛି। ଓଡ଼ିଶାରେ ଥିବା ୩୫ଟି ସଂଘରୁ ୨-୩ଟି ସଂଘ ମେଣ୍ଟୁଲିଙ୍କ ସହ ଅଛନ୍ତି। ମେଣ୍ଟୁଲିଙ୍କ ପଛରେ କିଛି ରାଜନୈତିକ ବ୍ୟକ୍ତି ରହି ଉସୁକାଉଛନ୍ତି। ତାଙ୍କ ସଂଘକୁ ସରକାର ଆଇନ ଆଣି ବେଆଇନ ଘୋଷଣା କରନ୍ତୁ। ସୂଚନାଥାଉ କି, ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଟୁଲିଙ୍କ ନାଁରେ ଏତଲା ହୋଇଛି। ମେଣ୍ଟୁଲିଙ୍କ ନାଁରେ ଏତଲା ଦେଇଛି ମିନି ଟ୍ରକ୍ ମାଲିକ ସଂଘ। ଏହି ଏତଲା ସମ୍ପର୍କରେ ସବିଶେଷ ତଥ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇ ନ ଥିବା ବେଳେ, ଏହା ରାଜ୍ୟରେ ଚାଲିଥିବା ଡ୍ରାଇଭର ମହାସଂଘର ଆନ୍ଦୋଳନ ଓ ତାହାର ନେତୃତ୍ୱ ସହ ଜଡ଼ିତ ବିବାଦକୁ ଆହୁରି ତୀବ୍ର କରିଛି। ମିନି ଟ୍ରକ ମାଲିକ ସଂଘ ଏତଲାରେ କହିଛି, ଅଗଣତାନ୍ତ୍ରିକ ପଦ୍ଧତିରେ ଡ୍ରାଇଭର ସଂଘ ହକ ମାଗୁଛି। ଡ୍ରାଇଭର ଓ ମାଲିକଙ୍କୁ ଅପମାନିତ କରାଯାଉଛି। ତେବେ, ଏହା ଡ୍ରାଇଭର ମହାସଂଘର ଚାଲିଥିବା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଏବଂ ସଂଘ ମଧ୍ୟରେ ମତାନ୍ତର କିମ୍ବା ଆନ୍ତଃସଂଘ ବିବାଦ ସହ ଜଡ଼ିତ ହୋଇପାରେ ବୋଲି ଅନୁମାନ କରାଯାଉଛି। ଡ୍ରାଇଭର ମହାସଂଘର ଆନ୍ଦୋଳନ ଆସନ୍ତାକାଲିଠୁ ବସ-ଟ୍ରକ ଗଡିବା ନେଇ ଘୋଷଣା କରିଥିବାବେଳେ ଏହି ଖବର ଏବେ ସାରା ଓଡ଼ିଶାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାନ୍ତ ମେଣ୍ଟୁଲି ଓଡ଼ିଶା ଡ୍ରାଇଭର ମହାସଂଘର ଏକ ପ୍ରମୁଖ ନେତା ଭାବେ ପରିଚିତ। ସେ ନିକଟରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ଦାବି ନେଇ ଆଲୋଚନାରେ ସାମିଲ ହୋଇଥିଲେ, ଯେଉଁଥିରେ ରାଜ୍ୟ ରାଜପଥରେ ରେଷ୍ଟରୁମ ନିର୍ମାଣ ଏବଂ ଓଡ଼ିଆ ଡ୍ରାଇଭରଙ୍କୁ ଶିଳ୍ପରେ ନିଯୁକ୍ତି ଦେବା ଆଦି ପ୍ରସଙ୍ଗ ସାମିଲ ରହିଥିଲା। ତେବେ, ଏକ ବୈଠକରେ ତାଙ୍କର ଅନୁପସ୍ଥିତିକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷରେ, ପ୍ରଶାନ୍ତ ମେଣ୍ଟୁଲି ନିଜେ ଆନ୍ଦୋଳନ ଜାରି ରଖିବା ପାଇଁ ଅଡ଼ି ରହିଛନ୍ତି। ସେ କହିଛନ୍ତି ଯେ, ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏଁ ଆନ୍ଦୋଳନ ବନ୍ଦ ହେବ ନାହିଁ। ସେ ରାଜ୍ୟର ୩୦ଟି ଜିଲ୍ଲାର ଡ୍ରାଇଭରମାନଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ମଧ୍ୟ ଅନୁରୋଧ କରିଛନ୍ତି। ତେବେ, ସେ ସ୍ପଷ୍ଟ କରିଛନ୍ତି ଯେ ଲୋକଙ୍କୁ ହଇରାଣ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ।

ପ୍ରଗତନ୍ତ୍ର




# ପିଆଜର ଉପକାରିତା



କଞ୍ଚା ପିଆଜ ଆମ ଶରୀର ପାଇଁ ଖୁବ୍ ? ଲାଭଦାୟକ । ପ୍ରତ୍ୟେକ ଦିନ କଞ୍ଚା ପିଆଜ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଲାଭ ମିଳିଥାଏ । କଞ୍ଚା ପିଆଜର ବ୍ୟବହାର ଆୟୁର୍ବେଦରେ ମଧ୍ୟ ଅଧିକ କରାଯାଇଥାଏ । ଏହା ଆପଣଙ୍କ ଶରୀର ସୁସ୍ଥ ରଖିବା ସହ ଚର୍ମ ଏବଂ କେଶକୁ ସୁସ୍ଥ ରଖିଥାଏ । କଞ୍ଚା ପିଆଜକୁ ଗରିବଙ୍କ ଔଷଧ ମଧ୍ୟ କୁହାଯାଇଥାଏ । ଯାହା ସହଜରେ ମିଳିଥାଏ, ଶସ୍ତା ଆଉ ସୁସ୍ଥ ମଧ୍ୟ । ଆୟୁର୍ବେଦରେ ପିଆଜକୁ ବାତ ସମ୍ବନ୍ଧୀୟ ରୋଗ ପାଇଁ ଲାଭକାରୀ ମନେକରାଯାଇଥାଏ । ଏହା ଶରୀରରେ ଶକ୍ତି ବଢାଇଥାଏ । ଏହା ପୁରୁଷଙ୍କଠାରେ ଶୁକ୍ରାଣୁ ସଂଖ୍ୟାକୁ ମଧ୍ୟ ଉନ୍ନତ କରେ । ଏଥିସହିତ ନାକରୁ ରକ୍ତସ୍ରାବ ବନ୍ଦ କରିବାରେ ମଧ୍ୟ ତାଜା ପିଆଜ ରସ ସହାୟକ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ପିଆଜ ।

ପିଆଜରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ, ଯେପରିକି କ୍ୱେରସେଟିନ୍ ଏବଂ ସଲଫର ଯୌଗିକ, ଶରୀର ପାଇଁ ଲାଭଦାୟକ । ହୃଦ୍ ? ରୋଗ ଭଲ କରିଥାଏ କଞ୍ଚା ପିଆଜ । ବ୍ଲଡ ପ୍ରେସର କମ୍ ? କରିଥାଏ । କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ହୃଦୟକୁ ସୁସ୍ଥ କରିଥାଏ । ଲାଲ ପିଆଜରେ ମିଳୁଥିବା ଆନ୍ଥୋସାୟାନିନ୍ ଯୌଗିକଗୁଡ଼ିକ କର୍କଟ ରୋଗ ସହିତ ଲଢ଼ିବାରେ ସହାୟକ ହୋଇଥାଏ । ପିଆଜ ମଧ୍ୟ ମଧୁମେହ ପାଇଁ ଲାଭଦାୟକ କାରଣ ଏହା ଇନସୁଲିନ୍ ସମ୍ବେଦନଶୀଳତାକୁ ବୃଦ୍ଧି କରିଥାଏ। ଏବଂ ଯକୃତରେ ଚିନି ମେଟାବୋଲିଜିମ୍ ଉନ୍ନତ କରେ । ପେଟ ସ୍ୱାସ୍ଥ୍ୟ ପାଇଁ ପିଆଜକୁ ଏକ ଭଲ ପ୍ରିବାୟୋଟିକ୍ ଉତ୍ସ ଭାବରେ ବିବେଚନା କରାଯାଏ । ଏଥିରେ ମିଳୁଥିବା ଫାଇବର ଭଲ ବ୍ୟାକ୍ଟେରିଆକୁ ପ୍ରୋତ୍ସାହିତ କରେ, ଯାହା ପେଟ ଭଲ ରଖିଥାଏ ।

# ସବୁଠୁ ଛୋଟ ପକ୍ଷୀ



ବିଶ୍ୱର ସବୁଠାରୁ ଛୋଟ ପକ୍ଷୀର ନାମ ହେଉଛି ବି ହମିଂବାର୍ଡ। କାରବିଆନ୍ ? ଦେଶ କ୍ୟୁବାର ଘନ ଜଙ୍ଗଲରେ ମାତ୍ର ୫ରୁ ୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ପକ୍ଷୀକୁ ଦେଖିବାକୁ ମିଳିଥାଏ। ଏହି ପକ୍ଷୀଟି ଆକାରରେ ଏତେ କ୍ଷୁଦ୍ର ଯେ ଏହା କୌଣସି ମଣିଷର କାଣି ଆଙ୍ଗୁଠିଠାରୁ ମଧ୍ୟ ଛୋଟ ହେବ। ବି ହମିଂବାର୍ଡର ଓଜନ ମାତ୍ର ୧.୫ରୁ ୨ ଗ୍ରାମ୍ ? ମଧ୍ୟରେ ହେବ। ଏହି କାରଣରୁ ଅନେକେ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଦେଇଥାନ୍ତି। ଉଡ଼ିବା ସମୟରେ ବି ହମିଂବାର୍ଡ ମହୁମାଛି ପରି ଶବ୍ଦ କରିଥାଏ ଏବଂ ଏହାର ଆକାର ମଧ୍ୟ ମହୁମାଛି ପରି ହୋଇଥିବାରୁ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଅନେକେ ଭ୍ରମରେ ପଡ଼ିଥାନ୍ତି।

ଏହି କ୍ଷୁଦ୍ର ପକ୍ଷୀର ଅନେକ ଆଶ୍ଚର୍ଯ୍ୟଜନକ ବିଶେଷତ୍ୱ ରହିଛି। ସାଧାରଣତଃ ଅଧିକାଂଶ ପକ୍ଷୀ କେବଳ ଆଗକୁ ଉଡ଼ିପାରନ୍ତି, କିନ୍ତୁ ବି ହମିଂବାର୍ଡ ପକ୍ଷୀ ଆଗ ସହ ପଛକୁ ମଧ୍ୟ ଉଡ଼ିପାରିଥାଏ। ଏହି ପକ୍ଷୀ ଫୁଲ ଭିତରେ ନିଜ ଥଣ୍ଟ ଭର୍ତ୍ତି କରି ଶୋଷିବା ପରେ ତୁରନ୍ତ ପଛକୁ ଫେରିଯାଇ ପରବର୍ତ୍ତୀ ଫୁଲ ପାଖକୁ ଯାଇପାରିଥାଏ। ଏହି ପକ୍ଷୀର ଡେଣା ଫଡ଼ଫଡ଼ ଏତେ ଦ୍ରୁତ ଯେ, ଏହାକୁ ଖାଲି ଆଖିରେ ଦେଖି ହୋଇ ନ ଥାଏ। ପ୍ରତି ସେକେଣ୍ଡ୍ ?ରେ ଏହି ପକ୍ଷୀ ୮୦ରୁ ଅଧିକ ଥର ନିଜ ଡେଣାକୁ ଫଡ଼ଫଡ଼ କରିପାରିଥାଏ। ତେବେ କେବେ କେବେ ଉଡ଼ିବା ସମୟରେ ବି ହମିଂବାର୍ଡର ଡେଣା ଫଡ଼ଫଡ଼ କରିବାର ଗତି ସେକେଣ୍ଡ୍ ? ପ୍ରତି ୨୦୦ରୁ ଅଧିକ ଥର ହୋଇଯାଇଥାଏ, ଫଳରେ ଏହି ଶବ୍ଦ ଠିକ୍ ? ମହୁମାଛିର ଗୁଞ୍ଜରଣ ପରି ଶୁଭିଥାଏ।

# ଶିବ ଭକ୍ତଙ୍କ ମାସ...



**ଶ୍ରାବଣ ମାସରେ ଆରମ୍ଭ ହୋଇଛି। ସମସ୍ତ ଶିବ ଭକ୍ତ ଏହାକୁ ନେଇ ଉତ୍ସାହିତ। କାରଣ ଏହି ମାସକୁ ଭଗବାନ ଶିବଙ୍କ ପୂଜା ଏବଂ ଆରାଧନା ପାଇଁ ବିଶେଷ ମନେ କରାଯାଏ। ଏହା ସହିତ ଶ୍ରାବଣ ସୋମବାର ବ୍ରତ ଭଗବାନ ଶିବଙ୍କ ଭକ୍ତମାନଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ମାସ ପାଇଁ କିଛି ନିୟମ ମଧ୍ୟ ରହିଛି। ସେହିଭଳି କିଛି କାମ ନିଷେଧ ରହିଛି। ଏହା ବିଷୟରେ ଜାଣନ୍ତୁ।**

- ଯଦି ସମ୍ଭବ ତେବେ ଶ୍ରାବଣ ସୋମବାର ବ୍ରତ ପାଳନ କରନ୍ତୁ। ଏହି ବ୍ରତ ଭଗବାନ ଶିବଙ୍କ ଆଶୀର୍ବାଦ ଆଣିଥାଏ ବୋଲି ବିଶ୍ୱାସ କରାଯାଏ।
- ଶ୍ରାବଣ ମାସରେ ଶସ୍ୟ ଏବଂ ମାଂସାହାରୀ ଖାଦ୍ୟ ପରିହାର କରନ୍ତୁ।
- ଶ୍ରାବଣ ମାସରେ "ଓମ ନମଃ ଶିବାୟ" ମନ୍ତ୍ର ଜପ ଏବଂ ଧ୍ୟାନ କରିବା ମଧ୍ୟ ଭଲ।
- ଶ୍ରାବଣ ମାସରେ ଅଭାବୀ ଲୋକଙ୍କୁ ଦାନ କରିବା ଦ୍ୱାରା ଆପଣ ଭଗବାନ ଶିବଙ୍କ ଆଶୀର୍ବାଦ ପାଇବାକୁ ଯୋଗ୍ୟ ହୋଇପାରନ୍ତି।

## ଶ୍ରାବଣ ମାସରେ କ'ଣ କରିବେ ନାହିଁ ?

ଏହି ମାସରେ କ'ଣ କରିବେ ନାହିଁ ତାହା ପାଳନ କରିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଶ୍ରାବଣ ମାସରେ କିଛି ଭୁଲ ଏଡାଇବା ଉଚିତ।

- ଶ୍ରାବଣ ମାସରେ ମାଂସାହାରୀ ଖାଦ୍ୟ, ମଦ୍ୟପାନ ଏବଂ ତମାଖୁ ସେବନ କରିବା ପରିହାର କରନ୍ତୁ। ଏହି ଜିନିଷଗୁଡ଼ିକୁ ପବିତ୍ର ବୋଲି ବିବେଚନା କରାଯାଏ ନାହିଁ।
- ଶ୍ରାବଣ ମାସରେ ପିଆଜ ଏବଂ ରସୁଣ ସେବନ କରିବା ମଧ୍ୟ ଏଡାଇବା ଉଚିତ।
- କ୍ରୋଧ, ଲୋଭ ଇତ୍ୟାଦି ଖରାପ ଚିନ୍ତାଧାରା ଏଡାଇବା ଉଚିତ। ନକାରାତ୍ମକ ଚିନ୍ତାଧାରାଠାରୁ ଦୂରତା ରଖନ୍ତୁ।
- ପଶୁ ଏବଂ ପକ୍ଷୀମାନଙ୍କୁ କ୍ଷତି କରନ୍ତୁ ନାହିଁ। ପ୍ରକୃତିକୁ ମଧ୍ୟ ସଂରକ୍ଷଣ କରନ୍ତୁ। ଏହି କାମଗୁଡ଼ିକ ଶ୍ରାବଣ ମାସରେ ଶୁଭ ଫଳ ଦେଇଥାଏ।
- ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦିଅନ୍ତୁ।

## ଶ୍ରାବଣ ମାସରେ କ'ଣ କରିବା ଉଚିତ ?

- ଶ୍ରାବଣ ମାସରେ ଭକ୍ତମାନେ ନିୟମିତ ଭାବରେ ଭଗବାନ ଶିବଙ୍କ ପୂଜା କରିବା ଉଚିତ।
- ଶ୍ରାବଣ ମାସରେ କ୍ଷୀର, ଜଳ, ଦହି, ଘିଅ ଏବଂ ମହୁ ସହିତ ଶିବଲିଙ୍ଗ ଅଭିଷେକ କରିବା ଉଚିତ।
- ଶ୍ରାବଣ ମାସରେ ବେଲପତ୍ର, ଦୁଦୁରା, ଭାଙ୍ଗ ଏବଂ ଧଳା ଫୁଲ ଅର୍ପଣ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ।

# ଆଜିର ରାଶିଫଳ

**ମେଷ** – କାମ କରିବା ସମୟରେ ମନ ଶାନ୍ତ ରଖନ୍ତୁ। ଅର୍ଥ ସମ୍ବନ୍ଧରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଚାକିରିରେ କିଛି ଭଲ ସୁଯୋଗ ପାଇବେ। ଜୀବନସାଥୀ ସହିତ ରାତ୍ରିଭୋଜନ ପାଇଁ ହୋଟେଲକୁ ଯିବେ।

**ବୃଷ** – ବ୍ୟବସାୟରେ ପ୍ରଗତି ହେବ। ଆପଣ ଲୋକମାନଙ୍କର ସହଯୋଗ ପାଇବେ। ସାମାଜିକ ଜୀବନ ଭଲ ରହିବ। ରଚନାତ୍ମକ କାର୍ଯ୍ୟରେ ଆପଣଙ୍କର ନାମ ହେବ। ପ୍ରେମରେ ସଫଳତା ପାଇବେ।

**ମିଥୁନ** – ପରିବାର ସହିତ ଅଧିକ ସମୟ ଅତିବାହିତ କରିବେ। ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରନ୍ତୁ। ବ୍ୟବସାୟ କାମରେ ଦୂରସ୍ଥାନକୁ ଯିବେ। ଛାତ୍ରଛାତ୍ରୀଙ୍କର ଧ୍ୟାନ ପାଠପଢ଼ାରେ ଲାଗି ରହିବ।

**କର୍କଟ** – ଅଫିସ କାମରେ ବାହାରକୁ ଯିବେ। ଡ଼ାକ୍ତରଙ୍କ ଲାଗି ଦିନଟି ଲାଭପ୍ରଦ। ଦାମ୍ପତ୍ୟ ଜୀବନରେ ନୂଆ ନୂଆ ଖୁସ ଆସିବ। ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଅବସର ପାଇବେ।

**ସିଂହ** – କାର୍ଯ୍ୟକ୍ଷେତ୍ରରେ ମନପ୍ରାଣ ଢ଼ାଳି କାମ କରିବେ। ନିଜ କାମରେ ଅଧିକ ପୁଞ୍ଜି ଲଗାଇପାରନ୍ତି। କିଣାବିକାରେ ସାବଧାନତା ଅବଲମ୍ବନ କରନ୍ତୁ। ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ।

**କନ୍ୟା** – ସମାଜସେବା କ୍ଷେତ୍ରରେ ଥିବା ଲୋକଙ୍କ ଲାଗି ଦିନଟି ଭଲ। ବନ୍ଧୁ ସାହାଯ୍ୟରେ ଆପଣଙ୍କ ଯୋଜନା ସଫଳ ହେବ। ବ୍ୟବସାୟରେ ମନ ମୁତାବକ ସଫଳତା ପାଇବେ।

**ତୁଳା** – ବ୍ୟକ୍ତିତ୍ୱକୁ ବିକଶିତ କରିବା ଲାଗି ଚେଷ୍ଟା କରିବେ। ଅଫିସରେ କାମର ବୋଝ ଅଧିକ ହୋଇପାରେ। ଅଚାନକ ଧନଲାଭ ହେବ। ପ୍ରିୟଜନ ମିଳନ। ସ୍ୱାଦିଷ୍ଟ ଖାଦ୍ୟ ଭୋଜନ କରିବେ।

**ବିଛା** – ଚାକିରିଜୀବୀଙ୍କ ଲାଗି ପଦୋନ୍ନତି ଯୋଗ ଅଛି। ବ୍ୟବସାୟୀଙ୍କୁ ଅଚାନକ ଧନଲାଭ ହେବ। ଖର୍ଚ୍ଚ କମ୍ କରିବାକୁ ଚେଷ୍ଟା କରନ୍ତୁ। ଜୀବନସାଥୀ ଠାରୁ କୌଣସି ଖୁସି ଖବର ପାଇବେ।

**ଧନୁ** – କୌଣସି ବ୍ୟକ୍ତିଙ୍କ ଠାରୁ ଆଶା ଠାରୁ ଅଧିକ ଲାଭ ପାଇବେ। ରାଜନୀତିରେ ମହତ୍ୱାକାଂକ୍ଷା ପୂରା ହେବ। ନବବିବାହିତ ଦମ୍ପତ୍ତିଙ୍କ ସମ୍ବନ୍ଧରେ ମଧୁରତା ବଢ଼ିବ। ଓକିଲଙ୍କ ଲାଗି ଦିନଟି ଭଲ ରହିବ।

**ମକର** – ଜୀବନରେ ହେବାକୁ ଯାଉଥିବା ପରିବର୍ତ୍ତନ ଆପଣଙ୍କ ସପକ୍ଷରେ ହେବ। ଆପଣଙ୍କୁ ରୋଜଗାରର ନୂଆ ଅବସର ମିଳିବ। ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ। ଘରକୁ କୌଣସି ବନ୍ଧୁ ଆସିବେ।

**କୁମ୍ଭ** – ପୂଜାପାଠରେ ଅଧିକ ସମୟ ବିତିବ। ଭାବିଥିବା କାମ ସଂପୂର୍ଣ୍ଣ ହେବ। ଆପଣଙ୍କ କାମ ଦେଖି କର୍ତ୍ତୃପକ୍ଷ ଖୁସି ହେବେ। ଜୀବନସାଥୀଙ୍କୁ ମନର କଥା କହିବେ। ଛାତ୍ରଙ୍କ ଲାଗି ଦିନଟି ଭଲ।

**ମୀନ** – ଆପଣ ନିଜ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରିବେ। ଆପଣଙ୍କର ଜଣାଶୁଣା ନୂଆ ଲୋକଙ୍କ ସହିତ ହେବ। କୌଣସି ନୂଆ ଦାୟିତ୍ୱ ଆପଣ ଶୀଘ୍ର ପାଇବେ।

# ଚିନି ବଦଳରେ ବ୍ୟବହାର କରନ୍ତୁ ପ୍ରାକୃତିକ ମିଠା

ଆପଣଙ୍କୁ ମିଠା ପସନ୍ଦ କି ? ଚିନି ଖାଇବା ଦ୍ୱାରା କ୍ଷତି ଅନେକ କ୍ଷତି ହୋଇଥାଏ । ଚିନିର ମଧ୍ୟ ଗୋଟିଏ ଭିନ୍ନ ସ୍ୱାଦ ରହିଥାଏ । ଯଦି ମିଠା ଖାଇବାକୁ ନେଇ ଆପଣ ଚିନ୍ତାରେ ରହିଛନ୍ତି ତେବେ ଏବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । କାରଣ ଆଜି ଆମେ ଆପଣଙ୍କୁ କିଛି ଭଲ ବିକଳ୍ପ ବିଷୟରେ କହିବୁ ଯାହାକୁ ଆପଣ ଆପଣଙ୍କ ଚିନି ବଦଳରେ ବ୍ୟବହାର କରିପାରିବେ । ମିଠାପ୍ରେମୀମାନେ ଏବେ ମିଠା ଖାଇପାରିବେ। ଏହି ବିଶେଷ ଜିନିଷଗୁଡ଼ିକ ଆପଣଙ୍କୁ କେବଳ ପ୍ରଚୁର ମିଠା ଦେବ ନାହିଁ ।



ଏହା ଛଡ଼ା ଅନେକ ପୋଷକ ତତ୍ୱ ଯୋଗାଇବ ଯାହା ଆପଣଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଚିନି ବଦଳରେ ଏହି ଜିନିଷଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଦ୍ୱାରା କେବଳ ମଧୁମେହ ନୁହେଁ ବରଂ ମେଦବହୁଳତା, ହୃଦରୋଗ, ଡିପ୍ରେସନ ଏବଂ ଚର୍ମ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ନିୟନ୍ତ୍ରଣ ହୋଇପାରିବ । ଭାରତୀୟଙ୍କ ଘରେ ଘରେ ଗୁଡ଼ ଖୁବ୍ ପରିଚିତ । ଏଥିରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ରହିଛି । ଯାହା ରକ୍ତରେ ଶର୍କରାର ହଠାତ୍ ବୃଦ୍ଧି ଘଟେ ନାହିଁ। ଆପଣ ଏହାକୁ ଆପଣଙ୍କ ଚା, ଗରମ କ୍ଷୀରରେ ମିଶାଇ ପିଇ ପାରିବେ । ଯାହାକୁ ଉତମ ବିକଳ୍ପ ବୋଲି କୁହାଯାଇପାରିବ। ଏହା ଖାଇବା ଦ୍ୱାରା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ, ଶରୀରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରେ ଏବଂ ହାଲୁକା ପେଟ ଫୁଲିବା ମଧ୍ୟ ହ୍ରାସ କରିପାରେ ।


- ◆ ଖଜୁରୀ ପ୍ରାକୃତିକ ଭାବରେ ବହୁତ ମିଠା, ନରମ ଏବଂ ଫାଇବର ଗୁଣରେ ଭରପୂର ହୋଇଥାଏ । ଖଜୁରୀରେ ଥିବା ଫାଇବର ରକ୍ତ ପ୍ରବାହରେ ଚିନିର ପ୍ରବେଶକୁ ଧୀର କରିଦିଏ । ଯାହା ଆପଣଙ୍କ ଶକ୍ତି ସ୍ତରକୁ ସ୍ଥିର ରଖେ । ଏଥିରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଆଂଟିଅକ୍ସିଡାଂଟ ମଧ୍ୟ ରହିଛି । ଏହା ଖାଇବା ଦ୍ୱାରା ତୁରନ୍ତ ଶକ୍ତି ପ୍ରଦାନ କରେ, ହଜମରେ ସାହାଯ୍ୟ କରେ ।
- ◆ ନଡ଼ିଆ ଚିନି ନଡ଼ିଆ ତାଳ ଗଛର ରସରୁ ତିଆରି ହୋଇଥାଏ । ଏହାର ସ୍ୱାଦ କାରାମେଲ ପରି ହୋଇଥାଏ। ଏଥିରେ ରିଫାଇନ୍ ଚିନି ତୁଳନାରେ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଏଓ) କମ୍ ଥାଏ । ଏହା ରକ୍ତ ଶର୍କରାରେ ଦ୍ରୁତ ବୃଦ୍ଧି ଘଟେ ନାହିଁ। ଏଥିରେ ଜିଙ୍କ୍, ପୋଟାସିୟମ୍, ଲୌହ ଏବଂ ଆଂଟିଅକ୍ସିଡାଂଟ ମଧ୍ୟ କମ୍ ପରିମାଣରେ ଥାଏ। ଏହା ଦୀର୍ଘସ୍ଥାୟୀ ଶକ୍ତି ପ୍ରଦାନ କରେ ଏବଂ ଖାଇବା ପରେ ଆପଣଙ୍କୁ କ୍ଳାନ୍ତ ଅନୁଭବ କରାଏ ନାହିଁ ।

# ପନୀର ଟିକ୍କା

**ବ୍ରେକଫାଷ୍ଟ ହେଉ ଅବା ଟିଫିନରେ କଣ ଖାଇବା, ଏହାକୁ ନେଇ ସବୁବେଳେ ମନରେ ଚିନ୍ତା ଥାଏ। କାହିଁକିନା ପ୍ରତିଦିନ ଏକା ପ୍ରକାର ଖାଦ୍ୟ ଖାଇ ଖାଇ ବୋର ଲାଗିଥାଏ। ତେଣୁ ଆଜି ଆମେ ଆଣିଛୁ ଆପଣଙ୍କ ପାଇଁ ଏକ ନୂଆ ରେସିପି। ଯାହା ସ୍ୱାଦିଷ୍ଟ ସହିତ ସ୍ୱାସ୍ଥ୍ୟକର ମଧ୍ୟ। ଏହାକୁ ବନାଇବା ବି ବହୁତ ସହଜ। ତାହେଲେ ଆସନ୍ତୁ ଜାଣିବା ପନୀର ଟିକ୍କାକୁ କେମିତି କରିବେ ପ୍ରସ୍ତୁତ।**

**ଆବଶ୍ୟକ ସାମଗ୍ରୀ:** ୨୫୦ ଗ୍ରାମ୍ ପନୀର, ୧ ସିମଲା ଲଙ୍କା, ୧ ପିଆଜ, ୧ ଗିନା ଦହି, ୧ ଚାମଚ ଅଦା-ରସୁଣ ପେଷ୍ଟ, ୧ ଚାମଚ ଗରମ ମସଲା, ୨ ଚାମଚ ହଳଦି ପାଉଡର, ଲାଲ ଲଙ୍କା ପାଉଡର, ଗରମ ମସଲା, ଲୁଣ ସ୍ୱାଦାନୁସାରେ, ତେଲ ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ :** ପନୀର ଟିକ୍କା ବନାଇବା ପାଇଁ ସର୍ବପ୍ରଥମେ ଏହାର ମସଲା ପ୍ରସ୍ତୁତ କରନ୍ତୁ। ଏବେ ଗୋଟେ ପାତ୍ରରେ ଦହି, ଅଦା-ରସୁଣ ପେଷ୍ଟ, ହଳଦି ପାଉଡର, ଲାଲ ଲଙ୍କା ପାଉଡର ଏବଂ ଗରମ ମସଲା ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ପନୀର, ସିମଲା ଲଙ୍କା ଏବଂ ପିଆଜକୁ ଛୋଟ ସାଇଜରେ କାଟି ଦିଅନ୍ତୁ। ଏହି କ୍ୟୁବ୍ସକୁ ଦହି ମିଶ୍ରଣରେ ପକାଇ ମ୍ୟାରିନେଟ କରନ୍ତୁ ଏବଂ ଅଧ ଘଂଟା ପାଇଁ ଅଲଗା ରଖିଦିଅନ୍ତୁ। ଏହାପରେ ମିଡିୟମ୍ ଆଂଚରେ ପ୍ୟାନରେ ତେଲ ପକାଇ ଗରମ ହେବା ପାଇଁ ରଖନ୍ତୁ। ପନୀର କ୍ୟୁବ୍ସକୁ ଟୁଥପିକ କିମ୍ବା ଷ୍ଟିକ୍ସରେ ଲଗାଇ ପ୍ୟାନରେ ରଖି ପ୍ରସ୍ତୁତ କରନ୍ତୁ। ମଝିରେ ମଝିରେ ଷ୍ଟିକ୍ସକୁ ଓଲଟାଇ ପନୀରକୁ ଭଲଭାବେ ହେବାକୁ ଦିଅନ୍ତୁ। ପନୀର ଯେତେବେଳେ ଗୋଲଡେନ୍ ବ୍ରାଉନ ହୋଇଯିବ ସେତେବେଳେ ପନୀର ଟିକ୍କାକୁ ପ୍ଲେଟକୁ ବାହାର କରିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କର ପନୀର ଟିକ୍କା। ଏହାକୁ ଗ୍ରୀନ୍ ଚଟଣୀ ସହିତ ସର୍ଭ କରନ୍ତୁ।



# ଛାଡ଼ପତ୍ର ପରେ ଏବେ ବିଗ୍ ବସ୍ ଯିବେ ଧନଶ୍ରୀ !

ସୁପରଷ୍ଟାର ସଲମାନ ଖାନଙ୍କ ବିବାଦୀୟ ସୋ' ବିଗ୍ ବସ୍ ?ର ଏବେ ଏକ ନୂତନ ସିଜନ୍ ଆରମ୍ଭ ହେବାକୁ ଯାଉଛି। ପ୍ରତି ବର୍ଷ ଏବର୍ଷ ମଧ୍ୟ ବିଗ୍ ବସ୍ ଧାର୍ଯ୍ୟ ସମୟରେ ଆରମ୍ଭ ହେବ। ଏହି ?ସୋ'ର ପ୍ରଶଂସକମାନେ ଏବେ ଏହାର ପ୍ରିମିୟର ପାଇଁ ଅପେକ୍ଷା କରି ବସିଛନ୍ତି। ଏମଧ୍ୟରେ ସୋ'ର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଦିନ ନୂଆ ନୂଆ ଅପଡେଟ୍ ଆସୁଛି। ରିପୋର୍ଟ ଅନୁଯାୟୀ, ଏଥର ବଲିଉଡ୍, ଟିଭି ଏବଂ ଅନେକ ସୋସିଆଲ ମିଡିଆ ଷ୍ଟାର ବିଗ୍ ବସ୍ ?ରେ ନଜର ଆସିବେ।କୁହାଯାଉଛି ଯେ, ସୋ'ର ନିର୍ମାତାଙ୍କ ଦ୍ୱାରା ଭାରତର ଷ୍ଟାର କ୍ରିକେଟରଙ୍କ ପୂର୍ବ ପତ୍ନୀଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଛି। ବିଗ୍ ବସ୍ ୧୯ ପାଇଁ ଯୁଜଭେନ୍ଦ୍ର ଚହଲଙ୍କ ପୂର୍ବ ପତ୍ନୀ ଧନଶ୍ରୀ ବର୍ମାଙ୍କ ସହିତ ଯୋଗାଯୋଗ କରାଯାଇଥିବା ସାମ୍ନାକୁ ଆସିଛି। ଯୁଜଭେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମାଙ୍କର ଏହି ବର୍ଷ ଆଇପିଏଲ ପୂର୍ବରୁ ଛାଡପତ୍ର ନିଶ୍ଚିତ ହୋଇଥିଲା। ଛାଡପତ୍ର ପରେ ଯୁଜଭେନ୍ଦ୍ର ଚହଲ, ଆରଜେ ମହବେସଙ୍କୁ ଡେଟ୍ କରୁଛନ୍ତି। ଉଭୟଙ୍କୁ ପ୍ରାୟତଃ ଏକାଠି ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ, ଯଦି ଧନଶ୍ରୀ ବିଗ୍ ବସ୍ ?ରେ ପ୍ରବେଶ କରନ୍ତି, ତେବେ ସଲମାନ ଖାନଙ୍କ ସୋ'ର ଟିଆରପି ବଢ଼ିବା ନିଶ୍ଚିତ। ଯଦି ଧନଶ୍ରୀ ସୋ' କରିବାକୁ ରାଜି ହୁଅନ୍ତି ତେବେ ତାଙ୍କ ବ୍ୟକ୍ତିଗତ ଜୀବନ ସହ ଜଡିତ ଆହୁରି ଅନେକ ଗୁପ୍ତ କଥା ଉନ୍ମୋଚିତ ହେବ। ଏହା ସହିତ, ତାଙ୍କ ପ୍ରଶଂସକମାନେ ଜାଣିପାରିବେ ଯେ, ଧନଶ୍ରୀ ବାସ୍ତବ ଜୀବନରେ କିପରି। କେବଳ ଏତିକି ନୁହେଁ, ସେ କାହିଁକି ଯୁଜଭେନ୍ଦ୍ର ଚହଲଙ୍କଠାରୁ ଛାଡପତ୍ର ନେଇଥିଲେ ସେ ବିଷୟରେ ମଧ୍ୟ ବହୁତ କିଛି ଜଣାପଡ଼ିବ।







## ମାନୁନାହାନ୍ତି ମାର୍ଗଦର୍ଶିକା -ଗଜାମୁଗ, ବେସନ ଲଡୁ ସ୍ୱପ୍ନ

# ପୋକା ବାଦାମ ଲଡୁ ଅଙ୍ଗନବାଡ଼ି ଶିଶୁଙ୍କ ଜଳଖିଆ

**କେନ୍ଦ୍ରାପଡ଼ା, (ପିପିଏସ):**



ସବୁବେଳେ ବିବାଦରେ ରହି ଆସିଥିବା ରାଜନଗର ବ୍ଲକ ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟର କାର୍ଯ୍ୟ ଧାରା ଓ ଅଧିକାରୀଙ୍କୁ ନେଇ ପୁଣି ଉଠିଛି ପ୍ରଶ୍ନ। ଅଙ୍ଗନବାଡ଼ି କେନ୍ଦ୍ରରେ ସକାଳୁଆ ଜଳଖିଆ ? ଓ ଗର୍ଭବତୀ ପ୍ରସୂତି ମାନଙ୍କ ପାଇଁ ଯୋଗାଉଥିବା ମହାକାଳପଡ଼ା ବ୍ଲକର ପୁରୁଷୋତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀ ଘୋଟାଲା ଉପରେ ଅଭିଯୋଗ ହେଉଛି।ସତେ ଯେମିତି କୁନି କୁନି ପିଲାମାନଙ୍କର ସକାଳୁଆ ଜଳଖିଆ ଉଭାନ ହୋଇ ପୋକଭରା ବାଦାମ ଲଡୁ ଦିଆଯାଉଛି।ରାଜନଗର ବ୍ଲକରେ ୨୭୩ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ପାଇଁ ତଦାରଖ କରିବାକୁ ମହିଳା ସୁପରଭାଇଜର ଅଛନ୍ତି।ଏଠାରେ ସୁପରଭାଇଜର ମାନେ ଦିନେ ଦୁଇଦିନ ଛାଡ଼ିଲେ ଅଧିକାଂଶ ଦିନ କ୍ଷେତ୍ର ପରିଦର୍ଶନରେ ଯାଉନଥିବା ସୁଯୋଗ ନେଇ ଅସାଧୁ ଅଙ୍ଗନବାଡ଼ି କର୍ମୀମାନେ ଅନିୟମିତତାରେ ସାମିଲ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ତେଣୁକରି ସିଡିପିଓଙ୍କ ଦ୍ୱାରା ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉନଥିବାରୁ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ପୋଷଣ ଯୁକ୍ତ ଜଳଖିଆ ଦେବାରେ ଅନିୟମିତତା ହେଉଛି। ଏଥିରେ ସୋମବାର ଓ ଶୁକ୍ରବାର ପୋଷଣ ଯୁକ୍ତ ସକାଳ ଜଳଖିଆ ବେସନ ଓ ଅଟା ଲଡୁ, ମଙ୍ଗଳବାର ଓ ଗୁରୁବାର ଚୁଡ଼ାଲଡୁ, ବୁଧବାର ଏଂ ଶନିବାର ଦିନ ଗଜାମୁଗର ବ୍ୟବସ୍ଥା ରହିଛି। ଏ ସବୁ ନିୟମ ସବୁ ଉଲ୍ଲଂଘନ ହେଉଥିବା ବେଳେ ସିଡିପିଓ, ସୁପରଭାଇଜର ନିଜ ସ୍ୱାର୍ଥ ପାଇଁ ଆଖି ବୁଜି ପିଲାମାନଙ୍କୁ ସଠିକ୍ ପୋଷଣ ଦିଆନଯାଇ କାଗଜପତ୍ରରେ ଦର୍ଶାଉଛନ୍ତି।

ଦୀର୍ଘ ବର୍ଷ ହେବ ଏହି ବ୍ଲକର ସ୍ୱଂୟ ସହାୟକ ଗୋଷ୍ଠିଙ୍କ ଦ୍ୱାରା ସୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିଲା। ହେଲେ ସରକାର ବଦଳିବା ପରେ ବିନା ନୋଟିସ୍ କିମ୍ବା ଟେଣ୍ଡରରେ ମୋଟା ଅଙ୍କର କାରବାର କରି ସ୍ଥାନୀୟ ବ୍ଲକର ସ୍ୱଂୟସହାୟକ ଗୋଷ୍ଠୀଙ୍କ ଅଗୋଚରରେ ପୁରୁଷୋତ୍ତମ ସ୍ୱୟଂ ସହାୟକ ଗୋଷ୍ଠିକୁ ରାଜନଗର ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେବାର ଆଦେଶ ହୋଇଥିବାରୁ ସ୍ଥାନୀୟ ସ୍ୱଂୟ ସହାୟକ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ ଏହି ଯୋଗାଣ କାରୀ ଗୋଷ୍ଠି ନୀୟମ ଅନୁଯାଇ ସଠିକ୍ ଖାଦ୍ୟ ନ ଯୋଗାଇ ତାଙ୍କ ମନ ଇଚ୍ଛାରେ ମାର୍ଗ ଦର୍ଶିକାକୁ ଜଳାଞ୍ଜଳି ଦେଇ ନିମ୍ନମାନର ଖାଦ୍ୟ ଯୋଗାଇ ଚାଲିଛନ୍ତି। ବେସନ ଲଡୁ ସ୍ୱପ୍ନ ହୋଇଥିବା ବେଳେ ପୋକା ବାଦାମ ଲଡୁ ସାଙ୍ଗକୁ ଗମୁ ହୋଇଥିବା ଖଜୁରୀ ଓ ମୁଢି ଚଣା ଦିଆଯାଇଥିବା ଅନ୍ୟାନ୍ୟ କେନ୍ଦ୍ରମାନଙ୍କ ସମେତ ଇଶ୍ୱରପୁରୁ ପଞ୍ଚାୟତର ଯୁନୁସନଗର ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି, ଏସବୁ ସମେତ ନିମ୍ନମାନର ପୋକ ସୁଜି ଏ ସମସ୍ତ ଜିନିଷ ଓଜନରେ କମ୍ ରହୁଥିବା ବହୁ କେନ୍ଦ୍ର ଅଞ୍ଚଳର ହିତାଧିକାରୀ ଅଭିଯୋଗ କରିଛନ୍ତି। ଏହାଛଡ଼ା କେନ୍ଦ୍ରରେ ରନ୍ଧା ଖାଦ୍ୟ କେଉଁଠି ନା କେଉଁଠି ଅନିୟମିତ ହେଉଥିବା ବେଳେ ଅନେକ କେନ୍ଦ୍ରରେ ରୋଷେଇ ହେଉନାହିଁ, ଯେଉଠି ହେଉଛି ତାହା ପୁଣି ସନ୍ତୋଷଜନକ ନୁହେଁ। ଭାତ ଅଣ୍ଡା ତରକାରୀ ବଦଳରେ କଞ୍ଚା ଅଣ୍ଡା ଦିଆଯାଉଛି। ଏଥିପାଇଁ ବ୍ୟାପକ ଅର୍ଥ ବରାଦ ବି ହଡ଼ପ ହେଉଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ପୋଷଣ ମାସ ପାଳନ ହେଉଥିବା ବେଳେ ଶିଶୁମାନଙ୍କୁ ପୋଷଣ ନିମନ୍ତେ ପୃଷ୍ଟିକର ଖାଦ୍ୟ ଦେବାର ବ୍ୟବସ୍ଥା ଏପରି ଅନିୟମିତତା ବିଭାଗୀୟ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ତେଣୁ ବାହାର ଗୋଷ୍ଠୀର ଏଜେନ୍ସି ଯୋଗାଉଥିବା ଅନିୟମିତ ନିମ୍ନମାନର ଶୁଖିଲା ଖାଦ୍ୟକୁ ମାର୍ଗ ଦର୍ଶୀକା ଅନୁଯାୟୀ ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଇ ଦିଆନଗଲେ ଭବିଷ୍ୟତରେ ସ୍ୱାସ୍ଥ୍ୟଗତ ନେଇ ଯାହା କିଛି ଅଘଟଣ ଘଟେ ସେଥିପାଇଁ ଦାୟିତ୍ୱରେ ଥିବା ବିଭାଗ ହିଁ ଦାୟୀ ରହିବା ସହ ଯୋଗାଣକାରୀ ମହିଳା ଗୋଷ୍ଠି ଦାୟୀ ରହିବେ ବୋଲି ଅଞ୍ଚଳର ହିତାଧିକାରୀ ଚେତାବନୀ ଦେଇଛନ୍ତି।

## ବ୍ରହ୍ମପୁର ରେଳଷ୍ଟେସନ୍ ୪ନମ୍ବର ପ୍ଲାଟ୍‌ଫର୍ମରେ ଅଘଟଣ

# ମହିଳା ଓ ପୁରୁଷଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର (ପିପିଏସ୍):**





ବ୍ରହ୍ମପୁର ରେଳ ଷ୍ଟେଶନ୍ ୪ନମ୍ବର ପ୍ଲାଟଫର୍ମରେ ଯାତ୍ରୀଙ୍କ ଯାତାୟାତ ଗହଳି ଭିତରେ ଜଣେ ମହିଳା ଓ ପୁରୁଷ ଅଚେତ ଅବସ୍ଥାରେ ପଡିଥିବା ଯାତ୍ରୀମାନେ ଦେଖିଥିଲେ । ସଙ୍ଗେ ସଙ୍ଗେ ଜିଆର୍‌ପି ଥାନାକୁ ଖବର ଦେବାପରେ ଜିଆର୍‌ପି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ୨ଜଣଙ୍କୁ ଉଦ୍ଧାରକରି ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା । ମିଳିଥିବା ସୂଚନା ପ୍ରକାରେ, ରେଳଯାତ୍ରୀଙ୍କ ଭିଡ ଭିତରେ ପ୍ଲାଟଫର୍ମ ନମ୍ବର ୪ରେ ଅଚେତ ହୋଇ ଜଣେ ୬୨ବର୍ଷର ପୁରୁଷ ଓ ୫୫ବର୍ଷର ମହିଳାଙ୍କୁ ଉଦ୍ଧାର କରିଛି ଜିଆର୍‌ପି ପୁଲିସ୍ । ୨ଜଣଙ୍କ ପାଖରେ ଥିବା ଛୋଟିଆ ବେଗ୍ ନିକଟରେ ବିଷ ପ୍ୟାକେଟ୍‌କୁ ମଧ୍ୟ ପୁଲିସ୍ ଜବତ କରିଛି । ତେବେ ସେମାନେ ବିଷପାନକରି ଜୀବନ ହାରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ୍ ଜାଣିବାକୁ ପାଇଛି ।

ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିନଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାର ଶବ ଗୃହରେ ରଖାଯାଇଛି । ପରିଚୟ ମିଳିବାପରେ ଶବ ବ୍ୟବଚ୍ଛେଦ କରାଯିବ । ନହେଲେ ୭୨ଘଣ୍ଟାପରେ ଜିଆର୍‌ପି ଥାନା ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜିଆର୍‌ପି ଥାନାର ଭାରପ୍ରାପ୍ତ ଥାନାଧିକାରୀ ବିକାଶ ପଲେଇ ସୂଚନା ଦେଇଛନ୍ତି । ଉଭୟଙ୍କ ବ୍ୟାଗ୍ ଜବତ ହୋଇଛି । ୨ଟି କୀଟନାଷକ ପକେଟ୍ ମଧ ଜବତ ହୋଇଥିବା ସେ କହିଛନ୍ତି ।

ଶନିବାର ଅପରାହ୍ନ ୨ଟା ବେଳେ ସୂଚନାପାଇ ଜିଆର୍‌ପି ପୁଲିସ୍ ସେମାନଙ୍କୁ ଉଦ୍ଧାର କରିଥିଲା । ଦୁହେଁ ସକାଳ ୮ଟାରେ ପ୍ଲାଟଫର୍ମ ଟିକେଟ୍ ନେଇ ୪ନମ୍ବର ପ୍ଲାଟ୍‌ଫର୍ମକୁ ଆସିଥିବା ଜିଆର୍‌ପି ପୁଲିସ୍ ସିସିଟିଭି ଫୁଟେଜ୍ ଯାଞ୍ଚବେଳେ ଜାଣିବାକୁ ପାଇଛି । ଦୁହେଁ ଗୋଟିଏ ଜାଗାରେ ବସିଥିଲେ । ଏହାର କିଛି ସମୟପରେ ସେମାନଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଜିଆର୍‌ପି ପୁଲିସ୍ ପକ୍ଷରୁ କୁହାଯାଇଛି । ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ୍ ତଦନ୍ତ କରୁଛି ।

## ଶିମିଳିପାଳରୁ ୩ ଶିକାରୀ ଗିରଫ; ଏକ ଫେରାର

# ତିନି ବନ୍ଧୁକ ସହିତ ବିପୁଳ ପରିମାଣର ବିସ୍ଫୋରକ ଜବତ

**ବାରିପଦା (ପିପିଏସ୍):**



ଶିମିଳିପାଳ ଅଭୟାରଣ୍ୟରର ତଳିଗାଡ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳକୁ ଶିକାର କରିବା ଉଦ୍ଦେଶ୍ୟରେ ପଶିଥିବା ୩ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ। ତେବେ ଜଣେ ଶିକାରୀ ଫେରାର ହୋଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଶିକାରୀମାନେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା କୋଳିଆମ ଗାଁର ଜଗନ୍ନାଥ ନାଏକ, ବୁଦ୍ଧିରାମ ସିଂ ଓ ହରିଶ୍ଚନ୍ଦ୍ରପୁରର କୁଅଁର ମୁର୍ମୁ ଓ ଫେରାର ଅଭିଯୁକ୍ତ ଜଣକ ବୁଦ୍ଧିରାମ ନାଏକ ବୋଲି ଜଣାପଡିଛି। ଏମାନଙ୍କ ପାଖରୁ ୩ଟି ବନ୍ଧୁକ ସହିତ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିବା ସୂଚନା ମିଳିଛି। ଶିମିଳିପାଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର ଅଞ୍ଚଳରେ ଖଞ୍ଜା ଯାଇଥିବା କୃତ୍ରିମ ବୁଦ୍ଧିମତା (ଏଆଇ) ସମ୍ପନ୍ନ କ୍ୟାମେରା ଫୋଟ ବିଶ୍ଳେଷଣ କରି ବିଭାଗ ଶିକାରୀମାନଙ୍କୁ ଚିହ୍ନଟ କରିଥିଲା। ଗୋଇନ୍ଦା ସୂଚନା କୁ ଆଧାର କରି ପୋଡାଡିହା ଓ କପ୍ତିପଦା ରେଞ୍ଜର ମିଳିତ ଦଳ ଉପରୋକ୍ତ ଗାଁ ରେ ଅଭିଯୁକ୍ତ ମାନେ ଥିବା ଜାଣିବାକୁ ପାଇ ଚଢ଼ାଉ କରିଥିଲେ। ତିନିଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଆଉଜଣେ ସେଠାରୁ ଫେରାର ହୋଇଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ବିନା ଡାକ୍ତରୀ ଚିଠାରେ ବିକ୍ରିହେଉଛି ଗର୍ଭନଷ୍ଟ ଔଷଧ

## ବହୁ ଛୋଟ କମ୍ପାନୀର ଔଷଧରେ ଅଧିକ ଲାଭ ପାଉଛନ୍ତି ଦୋକାନୀ !

**ଅସ୍ତରଙ୍ଗ (ପିପିଏସ୍):**



ବିନା ପ୍ରେସ୍‌କ୍ରିପସନ (ଡାକ୍ତରୀ ଚିଠା)ରେ ଅତି ସହଜରେ ବଜାରରେ ମିଳୁଛି ଗର୍ଭନଷ୍ଟ ଔଷଧ। ଏଭଳି ମେଡ଼ିସିନର ବିକ୍ରି ଉପରେ କଡା କଟକଣା ରହିଥିବା ବେଳେ ଦୋକାନୀ କିନ୍ତୁ ଆଇନି କୁ ଅମାନ୍ୟ କରି ଔଷଧ ବିକୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରଶାସନ ଅବହେଳା ପାଇଁ ଏଭଳି ଘଟଣା ବଢ଼ିଚାଲିଛି। ରାଜ୍ୟ ଔଷଧ ନିୟନ୍ତ୍ରକଙ୍କ ଟିମ୍ ପକ୍ଷରୁ କଟକ, ଭୁବନେଶ୍ୱର ଚଢ଼ାଉ ହେଉଥିବା ବେଳେ କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ନଜର ପଡୁନାହିଁ। ଯାହା ଫଳରେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ମାଳମାଳ ଔଷଧ ଦୋକାନୀ ମାନେ ଭୟଶୂନ୍ୟ ହୋଇ ଦୋକାନୀ ଅଧିକ ଲାଭ ଆଶାରେ ଏଭଳି ଔଷଧ ବା ଏମ୍ ପିଟି କିଟ ବିକୁଛନ୍ତି।

ସୁରକ୍ଷିତ ଗର୍ଭପାତ କରିବା କେବଳ ଡାକ୍ତରଙ୍କ ପରାମର୍ଶରେ ହୋଇ ପାରିବ। ଏଥିପାଇଁ ଭ୍ରୁଣର ବୟସ ପୂର୍ବରୁ ସ୍ଥିର ହୋଇଛି। ତେବେ ଗର୍ଭପାତ କରିବା ପାଇଁ ମେଡ଼ିସିନ (ମାଇଫ୍ ପ୍ରିଷ୍ଟୋନ - ମିସୋପ୍ରୋଷ୍ଟୋଲ )ରହିଛି। ଏହି ମେଡ଼ିସିନ କେବଳ ଡାକ୍ତରୀ ପ୍ରେସକ୍ରିପସନ ରେ ବିକ୍ରି କରାଯିବ। ଏ ନେଇ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟରେ ନିୟମ ରହିଛି। ଯେଉଁ ମହିଳାଙ୍କ ପାଇଁ ଏହି ଔଷଧର ଆବଶ୍ୟକତା ରହିଛି ତାଙ୍କର ଡାକ୍ତରୀ ଚିଠା ଔଷଧ ଦୋକାନୀ ଦେଖିବେ। ଉକ୍ତ ଚିଠାରୁ ଏକ କପି ନିଜ ପାଖରେ ରଖିବେ। ମେଡ଼ିସିନ ବିକ୍ରିର ବିଲ ପ୍ରସ୍ତୁତ କରିବେ। ଡାକ୍ତରଙ୍କ ପଞ୍ଜୀକରଣ ନମ୍ବର ଓ କ୍ରେତାଙ୍କର ନାଁ ଓ ଠିକଣା ଦୋକାନ ରେଜିଷ୍ଟରରେ ଲେଖି ରଖିବେ। ଏଭଳି କିଛି ନିୟମ ଭିତରେ ଗର୍ଭପାତ ବା ନଷ୍ଟ କରିବା ଔଷଧ ବିକ୍ରି କରାଯାଇପାରିବ। ହେଲେ ଅସ୍ତରଙ୍ଗ ଓ କାକଟପୁର ବଜାରରେ ଏହା ଅତି ସହଜରେ ମିଳିଯାଉଛି। ଦୋକାନୀ ମୁହଁ ଚିହ୍ନା ଗ୍ରାହକଙ୍କୁ ବିନା ଦ୍ୱିଧାରେ ଔଷଧ ପ୍ରଦାନ କରୁଛନ୍ତି। ଡାକ୍ତରୀ ଚିଠା ନ ଦେଖି ଔଷଧ ବିକ୍ରି କରୁଛନ୍ତି। କିଛି ଦୋକାନୀ ଏକ ରେଜିଷ୍ଟରରେ କେବଳ ଗ୍ରାହକଙ୍କ ନାଁ ଲେଖିଦେଇ ଔଷଧ ବିକି ଦେଉଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ଏମପିଟି ଔଷଧ ବିକ୍ରିରେ ଏକ ବଡ଼ ଅଂଶ ଲାଭ ରହିଛି। ବହୁ ଛୋଟ ଛୋଟ କମ୍ପାନୀ ଏବେ ଅସ୍ତରଙ୍ଗ ବଜାରରେ ପ୍ରବେଶ କରି ମୋଟା ଅଙ୍କର ଲାଭାଂଶ ଦୋକାନୀଙ୍କୁ ଦେଉଛନ୍ତି। ତେଣୁ ଲୋଭରେ ପଡ଼ି ଔଷଧ ଦୋକାନୀ ବିକ୍ରି କରୁଛନ୍ତି। ତେବେ ଏହି ଛୋଟ କମ୍ପାନୀର ଷ୍ଟକ ଠିକ ଭାବେ ଷ୍ଟକିଷ୍ଟ, ଏଜେନ୍ସି କିମ୍ବା ଦୋକାନ ରେ ଯାଞ୍ଚ ହେଉନଥିବାରୁ ସେଗୁଡିକୁ ସହଜରେ ଦୋକାନୀ ବେଆଇନିରେ ବିକି ଦେଉଛନ୍ତି। କାକଟପୁର, ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାଳ ମାଳ ଔଷଧ ଦୋକାନ ରହିଛି। ତେଣୁ ପ୍ରଶାସନ ତରଫରୁ ଯାଞ୍ଚ ହେଉ ନଥିବାରୁ ବ୍ୟବସାୟୀମାନେ ଭୟଶୂନ୍ୟ ଭାବେ କିଟ ବେଆଇନି ବିକ୍ରି କରୁଛନ୍ତି। ସାଧାରଣ ଦାବୀ ହୋଇଛି ବେଆଇନି ବିକ୍ରି କୁ ଔଷଧ ନିୟନ୍ତ୍ରକ ବିଭାଗୀୟ ଅଧିକାରୀ ଅଚାନକ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଚଢ଼ାଉ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ନିଶାଡିଙ୍କ ଉତ୍ପାତ: ବିଅର ବୋତଲ ମାଡରେ ପୁଲିସ ଅଧିକାରୀ ଆହତ

**କଣ୍ଟାପଡା (ପିପିଏସ):**

ଗୋବିନ୍ଦପୁର ଥାନାଅଞ୍ଚଳରେ ନିଶାଗ୍ରସ୍ତଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଯାହାର ସୁଯୋଗ ନେଇ କିଛି ବ୍ୟକ୍ତି ଚୋରା ମାଦକ ଦ୍ରବ୍ୟର ଖୁଲମଖୋଲା ବ୍ୟବସାୟ ଆରମ୍ଭ କରିଦେଇଛନ୍ତି। ନିଶାଡିମାନେ ଏତେ ମାତ୍ରାରେ ବେପରୱା ହୋଇଯାଇଛନ୍ତି ଯେ ପୁଲିସକୁ ମରଣାନ୍ତକ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି ଏହି ଥାନା ଅନ୍ତର୍ଗତ ଝାରପଡା ନିକଟରେ। ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ଏହି ଅଞ୍ଚଳର ଏକ ରାସ୍ତା କଡରେ ପ୍ରାୟ ଚାରୀ ପାଞ୍ଚ ଜଣ ଯୁବକ ମଦ୍ୟପାନ କରୁଥିଲେ। ସେହି ସମୟରେ ଆସୁଥିବା ଗୋବିନ୍ଦପୁର ପୋଲିସ ପେଟ୍ରୋଲିଙ୍ଗ୍ ଗାଡି ସେମାନେ ରାସ୍ତା କଡାରେ ବସି ନିଶା ସେବନ କରୁଥିବାରୁ ସେଠାରୁ ଉଠିଯିବାକୁ କହିଥିଲେ। ଏହି ସମୟରେ ନିଶାସେବନ କରୁଥିବା ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ଡ୍ୟୁଟିରେ ଥିବା ଚିନ୍ମୟ ଦ୍ୱିବେଦୀଙ୍କ ଉଣ୍ଡକୁ ଲକ୍ଷ୍ୟକରି ଏକ ବିଅର ବୋତଲରେ ଆକ୍ରମଣ କରିଥିଲେ। ଅଧିକାରୀ ଜଣକ ନିଜକୁ ରକ୍ଷା କରିବା ପାଇଁ ବିଅର ବୋତଲକୁ ଧରିନେଇଥିଲେ। ଏଥିରେ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତେବେ ସେଠାହେର ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ଆକ୍ରମଣ କରିଥିବା ଯୁବକ ସ୍ମୃତିରଞ୍ଜନ ରାଉତକୁ କାବୁକରି ଥାନାକୁ ଆଣିଥିଲେ। ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଗୋବୀନ୍ଦପୁର ଥାନାରେ ୧୬୫/୨୫ ନମ୍ବରରେ ଏକ ମାମଲା ଦାୟର ହୋଇଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି।

## ଧୂଷୁରୀ ମେଡିକାଲ ଯିବାକୁ ବାଟ ଓଗାଳିଛି ଗଛ

# ଯାଇ ପାରୁନାହିଁ ଆମ୍ବୁଲାନ୍ସ

**ଧୂଷୁରୀ (ପିପିଏସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଧୂଷୁରୀଠାରେ ଅବସ୍ଥିତ, ଏରିଆ ହସ୍ପିଟାଲରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା କିନ୍ତୁ ମେଡିକାଲ ଯିବାକୁ ହେଲେ ଆଣ୍ଠୁଏ ପାଣି ତା ସାଙ୍ଗକୁ ଦୀର୍ଘ ଦିନ ହେବ ରାସ୍ତା ଅଟକାଇଛି ଗଛ ଏବଂ ମିଳୁନାହିଁ ଆବଶ୍ୟକ ଔଷଧ। କେମିତି ଚାଲିବ ସ୍ୱାସ୍ଥ୍ୟ ସେବା। ଭଦ୍ରକ ଜିଲ୍ଲାର ଧୂଷୁରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ, ଧୂଷୁରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଠିକ୍ ଚିକିତ୍ସା ସୁବିଧା ମିଳିପାରୁ ନ ଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।ଧୂଷୁରୀ ହେଉଛି ଭଦ୍ରକ ଜିଲ୍ଲାର ରାଜନୈତିକ ପେଣ୍ଠସ୍ଥଳ। ଏଇ ଧୂଷୁରୀରୁ ବହୁ ବିଧାୟକ ପ୍ରତିନିଧିତ୍ୱ କରି ଓଡିଶା ବିଧାନସଭାରୁ ମନ୍ତ୍ରୀ ପଦ ବି ଅଳଙ୍କୃତ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ପଦ ବି ଏଇ ଧୂଷୁରୀ ମାଟିରୁ ଅତୀତରେ ହୋଇଛନ୍ତି। ଆଉ ଏବେ ବି ଏଇ ଧାମନଗରରୁ ଓଡିଶା ସରକାରରେ ସ୍ଥାନ ପାଇଛନ୍ତି ଯୁବ ମନ୍ତ୍ରୀ ସୂର୍ଯ୍ୟବଂଶୀ। ଦୀପ ତଳ ଅନ୍ଧାର ଭଳି ପରିସ୍ଥିତି ଉପୁଜିଛି ଏଇ ଧୂଷୁରୀରେ। ଧୂଷୁରୀ ଠାରେ ଥିବା ଏରିଆ ହସ୍ପିଟାଲ ଉପରେ ଧାମନଗର ବ୍ଲକର ଧୂଷୁରୀ, କୋଠାର, ଭଙ୍ଗସାହି, ନଦୀଗାଁ, ସାହସପୁର, ବମକୁରା, ପାଳସାହି, ରଇପୁର, ହସନାବାଦ ସମେତ ତିହିଡି ବ୍ଲକ ଏବଂ ପଡୋଶୀ ଯାଜପୁର ଜିଲ୍ଲାର ଲୋକମାନେ ନିର୍ଭର କରିଥାନ୍ତି। ଏତଦ୍‌ଭିନ୍ନ ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥ ଭଳି ବ୍ୟସ୍ତ ବହୁଳ ସଡ଼କରେ ଦୁର୍ଘଟଣା ଜନିତ ଘଟଣା ପାଇଁ ପଥଚାରୀ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ବ୍ଲକରେ ଥିବା ୧୩ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଧୂଷୁରୀ ସ୍ୱାସ୍ଥ୍ୟ କେନ୍ଦ୍ର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର। କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାତାୟାତ ପାଇଁ ହେଉଛି ସମସ୍ୟା। ମେଡିକାଲ ଗେଟ ପାଖରେ ଆଣ୍ଠୁଏ ପାଣି ତା' ସହିତ ମେଡିକାଲ ଯିବା ରାସ୍ତା ଉପରେ ଗଛ ପଡ଼ି ଥିବାରୁ ଯାତାୟାତ ବାଧାପ୍ରାପ୍ତ। ଆମ୍ବୁଲାନ୍ସ ରୋଗୀ ନେବା ଆଣିବା ପାଇଁ ଅସୁବିଧା ହେଉଥିବା ବେଳେ କୌଣସି ଗାଡ଼ି ପ୍ରବେଶ କରି ପାରୁନାହିଁ ମେଡିକାଲ ଭିତରକୁ। ଏମିତିକି ଏବେ ପୁଣି ବର୍ଷା ଦିନ, ଏହି ବର୍ଷା ଦିନ ରେ ଧୂଷୁରୀ ଅଞ୍ଚଳ ତଳି ଏରିଆ ହୋଇଥିବାରୁ ବନ୍ୟା ଜଳ ତଥା ଜଳ ବାହିତ ସଂକ୍ରାମକ ରୋଗ ବ୍ୟାପି ଥାଏ ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାପାଇଁ ଏମିତି ଅସୁବିଧା ତା ସାଙ୍ଗକୁ ଆବଶ୍ୟକ ପରିମାଣରେ ଔଷଧ ମିଳୁ ନାହିଁ ଏହି ହସ୍ପିଟାଲରେ। ଏଠି ରାସ୍ତା ଉପରୁ ଗଛଟିଏ ହଟାଇବା ପାଇଁ କାହାରି ଉଦ୍ୟମ ନାହିଁ, ଏଠି ବନ ବିଭାଗ ନିରବ, ଏଠି ରାଜସ୍ୱ ବିଭାଗ ନିରବ ଆଉ ହାତ ଟେକି ବସିଛି ନିରବ ସାଜିଛି ସ୍ୱାସ୍ଥ୍ୟ ବିଭାଗ। ଏହି ଅବସ୍ଥା ଆଗାମୀ ଦିନରେ ସମାଧାନ ନ ହେଲେ ଜନସାଧାରଣ ରାଜ ରାସ୍ତାକୁ ଅବତରଣ କରିବେ ବୋଲି ଚେତାବନୀ ଦେଇଛନ୍ତି ଧୂଷୁରୀବାସୀ।



## ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

# ଉସ୍ତାପଲ୍ଲୀରେ ସ୍ୱାସ୍ଥ୍ୟ ଟିମ୍, ଘରକୁ ଘର ବୁଲି ଯାଞ୍ଚ


**ବ୍ରହ୍ମପୁର(ପିପିଏସ୍):**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅଧିନସ୍ଥ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଝାଡ଼ାବାନ୍ତି ବ୍ୟାପିଥିବା ନେଇ ଖବର ଆସିବାପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ଅସ୍ଥାୟୀ ମେଡିକାଲ୍ କ୍ୟାମ୍ପ କରି ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଏପରିକି ଝାଡ଼ାବାନ୍ତିରେ ପୀଡିତ ହୋଇ ସୁସ୍ଥ ହେବାପରେ କିଛିଜଣଙ୍କ ମୃତ୍ୟୁ ହୋଇଥିଲା । ଏହା କେଉଁ କାରଣରୁ ହେଲା ଓ ମୃତ୍ୟୁର କାରଣ କ'ଣ ତାହାର ମଧ ଖୋଳତାଡ କରୁଛି ସ୍ୱାସ୍ଥ୍ୟ ବିଭାଗ । ସୂଚନାଥାଉକି, ଦିଗପହଣ୍ଡି ବ୍ଲକ୍ ସହଦେବ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଉସ୍ତାପଲ୍ଲୀ ଆଦିବାସୀ ଗ୍ରାମରେ ଗତ ୧୦ଦିନ ତଳେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କିଛି ଗ୍ରାମବାସୀ ଦିଗପହଣ୍ଡି ଓ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସୁସ୍ଥ ହେବାପରେ ଗ୍ରାମକୁ ଫେରିଥିଲେ । ସେଥିମଧ୍ୟରୁ କିଛିଜଣ ଅନ୍ୟ ରୋଗ କାରଣରୁ ମୃତ୍ୟୁବରଣ କରିଥିଲେ । ଝାଡ଼ାବାନ୍ତି ଖବରପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମରେ ପହଞ୍ଚି ଉସ୍ତାପଲ୍ଲୀ ଗ୍ରାମରେ ଥିବା ୧୮ଟି ପରିବାରର ୯୫ଜଣ ସଦସ୍ୟଙ୍କ ଟିକ୍‌ନିକ୍ ସ୍ୱାସ୍ଥ୍ୟ କରିଥିଲା । ଗ୍ରାମରେ ୩ଜଣଙ୍କ ମୃତ୍ୟୁ ହେବାପରେ ଶନିବାର ପୁଣି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପୋଗ୍ରାମ ମ୍ୟାନେଜର(ଡିପିଏମ୍) ବୁଲୁନାଥ ସାହୁଙ୍କ



ନେତୃତ୍ୱରେ ୯ଜଣିଆ ଏକ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଉସ୍ତାପଲ୍ଲୀରେ ପହଞ୍ଚିଥିଲେ । ସେଠାରେ ପୁଣି ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଝାଡ଼ାବାନ୍ତିକୁ କିପରି ମୁକାବିଲା କରିବା ସେନେଇ ଗ୍ରାମବାସୀଙ୍କ ଉପସ୍ଥିତିରେ ସଚେତନତା କରାଯାଇଥିଲା । ଗ୍ରାମରେ ବ୍ଲିଚିଂ ପକାଇବା ସହ ଗ୍ରାମର ପାଣିର ନମୁନା ମଧ ସଂଗ୍ରହ କରିଥିଲେ । ସନ୍ଧ୍ୟାରେ ଡିପିଏମ୍ ଶ୍ରୀ ସାହୁଙ୍କ ସହ ଯୋଗାଯୋଗ ବେଳେ ବର୍ତ୍ତମାନ ଗ୍ରାମରେ କୌଣସି ଝାଡ଼ାବାନ୍ତି ରୋଗୀ ନାହାଁନ୍ତି । ଆଗାମୀ ସପ୍ତାହେ ବ୍ୟାପି ଉସ୍ତାପଲ୍ଲୀ, ସହଦେବ ଟିକରପଡା ସହ ଆଖପାଖ ଗ୍ରାମ ଗୁଡିକରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଞ୍ଚ କରିବା ସହ ଝାଡ଼ାବାନ୍ତିକୁ କିପରି ମୁକାବିଲା କରିବା ସେନେଇ ସଚେତନ କରିବେ ବୋଲି କହିଛନ୍ତି । ସୂଚନାଥାଉକି, ପୂର୍ବରୁ ସାନଖେମୁଣ୍ଡି ବ୍ଲକ୍‌ର ତାଳପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିବା ଖବରପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେଠାରେ ବର୍ତ୍ତମାନ ସ୍ଥିତି ସ୍ଥିର ଥିବାବେଳେ ଦିଗପହଣ୍ଡି ବ୍ଲକ୍ ଉସ୍ତାପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିବା ଖବର ଶୁଣି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ପଦକ୍ଷେପ ନିଆଯାଇ ଲୋକଙ୍କୁ ସଚେତନ କରିବା ସହ ଚିକିତ୍ସା ଜାରି ରହିଛି । ଗ୍ରାମରେ ବର୍ତ୍ତମାନ ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକରି ପଞ୍ଚାୟତ ଅଞ୍ଚଳରେ ଉଚିତ୍ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେଇଥିବା ଡିପିଏମ୍ ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ମାନସ ପାଣିଗ୍ରାହୀ, ଡାକ୍ତର ରତ୍ନାକର ଘଡେଇ, ଡାକ୍ତର ମଧୁସୂଦନ ପାଣିଗ୍ରାହୀ, ଫାର୍ମାଶିଷ୍ଟ ଜିତେନ୍ଦ୍ର କୁମାର ଦାସ, ଏଏନ୍‌ଏମ୍ ପିନାକୀଲତା ବେହେରା, ଅସୀମା ସାହୁ, ରେବତୀ ବିଡିକା, ସୁଦେଷ୍ଣା ସାହୁ, ବିଜୟଲକ୍ଷ୍ମୀ ବିଷୋୟୀଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ସଦସ୍ୟମାନେ ଉପସ୍ଥିତରହି ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚକରି ଗ୍ରାମବାସୀଙ୍କୁ ସଚେତନତା କରିଥିଲେ ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ: ସ୍ତ୍ରୀ ଆଖିରେ ଲୁହ, ଓପାସରେ ପରିବାର



ଭଦ୍ରକ (ପିପିଏସ): ଅର୍ଥ ସାଜିଛି ଚିକିତ୍ସାରେ ବାଧକ। ଧୂଷୁରି ପଞ୍ଚାୟତ ଅନ୍ତର୍ଗତ ଓଲଟପୁର ଗ୍ରାମର ଅକ୍ଷୟ କୁମାର ବିଶ୍ୱାଳ, ବୟସ:- ୪୩, ପିତା:- ସ୍ୱର୍ଗତ ଗୌରାଙ୍ଗ ବିଶ୍ୱାଳ। ୩ ବର୍ଷ ହେଲା ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଅକ୍ଷୟ। ଏହାର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସରିଲାଣି। ପୈତୃକ ଜମି ମଧ ନିଜର ବିକ୍ରି କରି ସାରିଲେଣି। ଆଉ କିଛି ନାହିଁ ଯାହାକୁ ସେ ବିକ୍ରି କରି ଚିକିତ୍ସା ନିମନ୍ତେ ଉପଯୋଗ କରି ପାରିବେ। ଅକ୍ଷୟ ପରିବା ଦୋକାନ ରେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରନ୍ତି ଯେଉଁ ଦୁଇ ପଇସା ହୁଏ ସେସବୁ ଚାରି ପ୍ରାଣୀ ତଥା ତାଙ୍କ ପତ୍ନୀ ଦୀପ୍ତି ମୟୀ, ପୁଅ ଆଦିତ୍ୟକୁ ଚଳେଇବା ତଥା ତେଲ ଲୁଣରେ ସରିଯାଏ। ଆଉ ଅର୍ଥ କାହିଁ ଯାହାକୁ ସେ ଚିକିତ୍ସା ପାଇଁ ଲଗେଇ ପାରିବେ।

ଆବଶ୍ୟକ ଚିକିତ୍ସାର ବ୍ୟବସ୍ଥାପାଇଁ ପର୍ଯ୍ୟାପ୍ତ ପରିମାଣର ଧନ ଅନୁପଲବ୍ଧ ଯୋଗୁଁ ୩ ବର୍ଷ ସେହି ରୋଗରେ ଯୁଝୁଛନ୍ତି। ନେତା ରାଜନେତା ଆସୁଛନ୍ତି ନିର୍ବାଚନ ସମୟରେ ଆଉ ଦେଇ ଯାଉଛନ୍ତି ଖାଲି ପ୍ରତିଶ୍ରୁତି, କାହାର ବି ଧାନ ନାହିଁ ଅକ୍ଷୟଙ୍କ ପ୍ରତି ନା ଅଛି ପ୍ରଶାସନର ନା ଅଛି ରାଜନେତାଙ୍କର ସବୁ ଖାଲି ମିଛ ପ୍ରତିଶ୍ରୁତିରେ ସୀମିତ। ରୋଗ ର ଅବସ୍ଥା ଦିନକୁ ଦିନ ଗମ୍ଭୀର ହେଇ ଯାଉଥିବା ସତ୍ତ୍ୱେ ଚିକିତ୍ସା ପ୍ରାପ୍ତିରେ ବିଳମ୍ବ ଘଟୁଛି। ଏନୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏହି ପରିପ୍ରେକ୍ଷୀରେ ଉଦବେଗ ପ୍ରକାଶ ପାଇଛି। ଏଥିପାଇଁ ବୃହତ୍ ଅଙ୍ଗୀକାର ଓ ସାମାଜିକ ଉଦ୍ୟମର ଆବଶ୍ୟକତା ରହିଛି ଏଣୁ ଖୁବ୍‌ଶୀଘ୍ର ଅକ୍ଷୟଙ୍କୁ ପ୍ରଶାସନିକ ସ୍ତରରୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପଳିକିରୀ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବନମହୋତ୍ସବ



ଧାମନଗର (ପିପିଏସ): ଧାମନଗର ବ୍ଲକ ଅନ୍ତର୍ଗତ ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ '୭୬ ତମ ବନ ମହୋତ୍ସବ ସପ୍ତାହ' ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ରାଉତଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିସରରରେ 'ମା' ପାଇଁ ଗଛଟିଏ' ଅଭିଯାନ କ୍ରମରେ ବୃକ୍ଷରୋପଣ କରାଯାଇ ଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ କ୍ଲାଇମେଟ୍ ଚେଞ୍ଜ୍ ଓ ଗ୍ଲୋବାଲ ୱାର୍ମିଂ ଭଳି ବୈଶ୍ୱିକ ଆହ୍ୱାନ ଗୁଡ଼ିକର ସମାଧାନ କରିବା ପାଇଁ ଆଜିର ସମୟରେ ଅଧିକ ବୃକ୍ଷରୋପଣ କରିବାର ଆବଶ୍ୟକତା ରହିଛି ବୋଲି ସୂଚନା ଦେଇଥିଲେ। ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ସମସ୍ତଙ୍କର ଦାୟିତ୍ୱ। ତେଣୁ, ବୃକ୍ଷରୋପଣ ମାଧ୍ୟମରେ ନୂଆ ବନୀକରଣ ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ। ଆସନ୍ତୁ, ଆମେ ସମସ୍ତେ ଏହି ବର୍ଷା ଋତୁରେ ନିଜ ମା'ଙ୍କ ନାମରେ ଗଛଟିଏ ଲଗାଇବା ଏବଂ ଆମ ପରିବେଶକୁ ସବୁଜ, ସୁନ୍ଦର ଓ ସୁରକ୍ଷିତ ରଖିବା ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ରାଉତ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି। ତେଣୁ ପୂର୍ବାପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ବନ ମହୋତ୍ସବ ପାଳନ ଅନେକ ଗୁରୁତ୍ୱ ବହନ କରୁଛି।

ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷରୋପଣ ହିଁ ଶ୍ରେଷ୍ଠ ବିକଳ୍ପ, ଏଣୁ ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ପରିସର ସମେତ ଘରୋଇ ତଥା ସାର୍ବଜନୀନ ଖାଲି ସ୍ଥାନ ଗୁଡ଼ିକରେ ବୃକ୍ଷ ଲଗାଯିବାକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ଅଛି ବୋଲି ସହକାରୀ ଶିକ୍ଷକ ଅଶୋକ କୁମାର ନାୟକ, ଲୀଳାବତୀ ହେମ୍ବ୍ରମ, ସୁହାଗୀ ହେମ୍ବ୍ରମ, ମିନାକ୍ଷୀ ସୂତାର,କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ନାୟକ ପ୍ରମୁଖ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ପର୍ଯ୍ୟାବରଣ ସନ୍ତୁଳନ ରକ୍ଷା ଦିଗରେ ଆମ ଭୂମିକା' ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ବିଦ୍ୟାଳୟ ପରିଚଳନା କମିଟିର ସଭାପତି ସୁଧାକର ମାଝୀ ସଭିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ କାକଟପୁର- ଅସ୍ତରଙ୍ଗ ଜେଏମ୍ଏଫ୍‌ସି କୋର୍ଟ
## ବିଚାରପତିଙ୍କ ପରିଦର୍ଶନ, ସମୀକ୍ଷା ସହ ବୃକ୍ଷରୋପଣ



ଅସ୍ତରଙ୍ଗ (ପିପିଏସ୍): ବହୁ ପ୍ରତୀକ୍ଷାର ଅନ୍ତଃ ଘଟିବାକୁ ଯାଉଛି। ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ପୁରୀଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସିଭିଲ ଜେଏମ୍ଏଫସି କୋର୍ଟ। ଏହା ପୂର୍ବରୁ ଶନିବାର ପୂର୍ବାହ୍ନରେ ପ୍ରଶାସନିକ ବିଚାରପତି ସମ୍ମାନୀୟ ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜିଲ୍ଲା ଏବଂ ଦୌରାଜଜ, ପୁରୀ ଅଜନ୍ତା ଷଡ଼ଙ୍ଗୀ ସହ ଅନ୍ୟ ପ୍ରମୁଖ ଅଧିକାରୀମାନେ ଗସ୍ତକରି ଅସ୍ତରଙ୍ଗ ତହସିଲ ନିକଟରେ ନିର୍ମିତ ହୋଇଥିବା ଅସ୍ଥାୟୀ ଜେଏମ୍ଏଫ୍‌ସି କୋର୍ଟ ଉଦଘାଟନ ଅବ୍ୟବହିତ ପୂର୍ବରୁ କୋର୍ଟର ବିଭିନ୍ନ ରୁମ୍ ପ୍ରଭୃତି ସମେତ ଆନୁଷଙ୍ଗିକ ବ୍ୟବସ୍ଥା ସମୀକ୍ଷା କରିବା ସହିତ କୋର୍ଟ ପରିସରରେ ବୃକ୍ଷରୋପଣ କରିଛନ୍ତି।

ଗସ୍ତ ସମୟରେ ପୁରୀବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ନିର୍ବାହୀ ଯନ୍ତ୍ରୀ କୁଶଳ କୁମାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି, ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଅତିଥିମାନେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳା ମନ୍ଦିର ପରିଦର୍ଶନ କରି ମା' ମଙ୍ଗଳାଙ୍କ ଦର୍ଶନ କରିବା ସହିତ କାକଟପୁର ଜେଏମଏଫସି କୋର୍ଟ ପରିଦର୍ଶନ ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ଅସ୍ତରଙ୍ଗ ଓ କାକଟପୁର ୨ଟି କୋର୍ଟ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି। କୋର୍ଟଟି ଖୋଲିଲେ ସ୍ଥାନୀୟ ଅଞ୍ଚଳବାସୀ ଆଇନ ସେବା ପାଇପାରିବେ। ପୂର୍ବରୁ ନିମାପଡା ଯିବାକୁ ପଡୁଥିଲା। ଯେଉଁଥି ପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ। କୋର୍ଟଟି ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ଆଇନ ସେବା ପାଇପାରିବେ।

# ଗାଈ ଆଣିବାକୁ ଯାଇଥିବାବେଳେ ବଜ୍ରପାତ, ମହିଳାଙ୍କ ମୃତ୍ୟୁ



ଅସ୍ତରଙ୍ଗ (ପିପିଏସ୍): ଶନିବାର ଅପରାହ୍ନ ସମୟରେ ଗାଈ ଆଣିବାକୁ ଯାଇଥିବା ବେଳେ ବଜ୍ରଘାତ ରେ ଟଳି ପଡିଲେ ମହିଳା। ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ସାହୁବୁଦା ଅଞ୍ଚଳର ୬୦ବର୍ଷୀୟ ମହିଳା କାମିନୀ ସ୍ୱାଇଁ ବର୍ଷା ପବନ ଆସିବାରୁ ନିକଟରେ ଥିବା ବିଲକୁ ଗାଈ ଆଣିବାକୁ ଯାଇଥିବା ବେଳେ ଅଚାନକ ବଜ୍ରପାତରେ ଟଳି ପଡ଼ିଥିଲେ। ପରିବାର ଲୋକ ନିକଟସ୍ଥ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, କିନ୍ତୁ ଡକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସନ୍ଧ୍ୟା ହେବାରୁ ମୃତ ଦେହ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି। ରବିବାର ଦିନ ପୂର୍ବାହ୍ନରୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶବବ୍ୟବଚ୍ଛେଦ ହେବ ବୋଲି ସୂଚନା ଦେଇଛନ୍ତି ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ତର ଶାନ୍ତି ଭୂଷଣ ଜେନା। ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଚାରିଛକ ଥାନା ଅଞ୍ଚଳର ଚୋରି ଗାଡ଼ି ପିପିଲିରୁ ଉଦ୍ଧାର: ୨ ଜଣ ଗିରଫ



ଚାରିଛକ, (ପିପିଏସ): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମରୁ ଏକ ବୋଲେରା ପିକ୍‌ଅପ ଗାଡି ନମ୍ବର ଓଡ଼ି-୦୨-ୟୁ-୧୩୨୮ ଚୋରି ହୋଇ ଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଚାରିଛକ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲୁ ରଖିଥିଲା। ବିଶେଷ ସତ୍ରରୁ ଖବର ପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏଏସଆଇ ସବିତା କୁମାରୀ ଦେବୀ, କୈଳାସ ପ୍ରଧାନ ପ୍ରମୁଖ ସଦଳବଳେ ପିପିଲି ଅଞ୍ଚଳରେ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ଉ କରି ଉକ୍ତ ଚୋରି ଗାଡି ଟିକୁ ଜବତ କରିବା ସହିତ ୨ଜଣ ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପିପିଲି ଥାନା ଅଞ୍ଚଳର ଅଜୟ କୁମାର ସୁକଳ ଓ ଗୋପ ଥାନା ଅଞ୍ଚଳର ରମଜାନ ଖାଁ। ଉଭୟ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲଣ କରିଥିବା ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ



ବ୍ରହ୍ମପୁର (ପିପିଏସ୍): ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ କର୍ମଚାରୀ ସଂଘର ୫୨ତମ ବାର୍ଷିକ ଅଧିବେଶନ ଓ ନୂତନ ବର୍ଷ ପାଇଁ କର୍ମକର୍ତ୍ତା ଚୟନ ହୋଇସାରିଛି । ସଭାପତି ଡ.ମିହିର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସରକାରୀ ଏନ.ପି.ଏସ୍ ନିୟମରେ ଭୁକ୍ତଥିବା କର୍ମଚାରୀ ମାନଙ୍କ ପରିବାର ସଦସ୍ୟଙ୍କୁ ମୃତ୍ୟୁକାଳୀନ ପେନସନ ମିଳୁଥିବା ବେଳେ ବିଶ୍ୱ ବିଦ୍ୟାଳୟ କର୍ମଚାରୀ ମାନେ ସେଥିରୁ ବାଦ ପଡିଛନ୍ତି । ସରକାରୀ କର୍ମଚାରୀଙ୍କୁ ୟୁ.ପି.ଏସ୍ ଲାଗୁ ହେଉଥିବା ବେଳେ ବିଶ୍ୱ ବିଦ୍ୟାଳୟ ଗୁଡିକରେ ଲାଗୁ ନାହିଁ । ସରକାରଙ୍କ ଏଭଳି ନୀତି ଯୋଗୁଁ କର୍ମଚାରୀମାନେ ଦୁଃଖ ପ୍ରକାଶ କରିଥିଲେ । ଏଥିସହ ସରକାରଙ୍କ ବିଶ୍ୱ ବିଦ୍ୟାଳୟରୁ ବିଭିନ୍ନ ପଦପଦବୀ ଉଚ୍ଛେଦ ଦ୍ୱାରା କର୍ମ କ୍ଷେତ୍ରରେ ବିଭିନ୍ନ ଅସୁବିଧା ଉପରେ ଆଲୋଚନା ହୋଇଥିଲା । ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ । ୨୦୨୫-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମଧ୍ୟରେ ସଭାପତିଭାବେ ଡ.ମିହିର କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଭାବେ ସତ୍ୟନାରାୟଣ ଶତପଥୀ, ମନୋଜ କୁମାର ଶତପଥୀ, ଉପସଭାପତି ଦେବୀ ପ୍ରସାଦ ବେହେରା, ସଂଗ୍ରାମ କେଶରୀ ନାୟକ, ସାଧାରଣ ସମ୍ପାଦକ ଇନ୍ଦ୍ର ପ୍ରସାଦ ବେହେରା, ସଙ୍ଗଠନ ସମ୍ପାଦକ ପ୍ରଦୀପ କୁମାର ବେହେରା, ସମ୍ପାଦକ ମିତ୍ରଭାନୁ ମେହେର, ଦେବୀ ପ୍ରସାଦ ମିଶ୍ର, ସହ ସମ୍ପାଦକ ଏମ୍.ତାରିଣୀୟା ରେଡ୍ଡୀ, ଏନ.ଭୀମରାଜୁ ରେଡ୍ଡୀ, କୋଷାଧ୍ୟକ୍ଷ ସିମାଞ୍ଚଳ ବେହେରା ଏବଂ ଉପଦେଷ୍ଟା ଭାବେ ଡ.ଗୌରୀ ଶଙ୍କର ମହାରଣା ପ୍ରମୁଖ ଚୟନ ହୋଇଥିବା ବେଳେ ୨୮ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ମଧ୍ୟ ଚୟନ କରାଯାଇଛି । ମଞ୍ଚରେ ଅନ୍ୟ ମାନଙ୍କ ସମେତ ଗତ ବର୍ଷର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପାତ୍ର, ସହ ସମ୍ପାଦକ କୁରେଶ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ଇନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆବଶ୍ୟକୀୟ ବର୍ଷା ଅଭାବରୁ ରୁଆ ବେଉଷଣ କାମ ହୋଇ ପାରୁନାହିଁ

ଚାରିଛକ, (ପିପିଏସ): ଆଷାଢ଼ ମାସ ଯାଇ ଶ୍ରାବଣ ମାସ ହେଲାଣି। କିନ୍ତୁ ପୁରୀ ଜିଲ୍ଲାର ଚାରିଛକ, ନିମାପଡା, ନୟାହାଟ, କାକଟପୁର ପ୍ରଭୃତି ଅଞ୍ଚଳରେ ଆବଶ୍ୟକୀୟ ବର୍ଷା ହୋଇନାହିଁ। ଫଳରେ ଏହି ଅଞ୍ଚଳର ଚାଷୀମାନେ ରୁଆ ବେଉଷଣ କାମ ଆରମ୍ଭ କରି ନ ପାରି ମେଘ ପାଇଁ ଆକାଶକୁ ଚାହିଁ ବସିଛନ୍ତି। ଚଳିତବର୍ଷ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଆସିଥିବା ପାଣିପାଗ ବିଭାଗ ସୂଚନା ଦେଇଥିଲା। ବଙ୍ଗୋପସାଗର ରେ ବି ଏକାଧିକ ଲଘୁଚାପ ସୃଷ୍ଟି ହେଉଛି। କିନ୍ତୁ ଏହି ଅଞ୍ଚଳରେ ଆବଶ୍ୟକୀୟ ବର୍ଷା ହେଉନାହିଁ। ପାଣିପାଗ ଅନୁକୂଳ ହେଉ ନ ଥିବାରୁ ଚାଷୀ ମାନେ ବିଲରେ ତଳି ପକାଇ ପାରୁ ନାହାଁନ୍ତି। କିଛି ଚାଷୀ ତଳି ପକାଇଥିଲେ ମଧ ବିଲରେ ପାଣି ନ ଥିବାରୁ ରୁଆ ବେଉଷଣ କାମ ଆରମ୍ଭ କରି ପାରୁନାହାଁନ୍ତି ବୋଲି କହିଛନ୍ତି ତୁଳସୀପୁର ଗ୍ରାମର ଚାଷୀ ନବଘନ ସାହୁ ଓ ସୁରେନ୍ଦ୍ର ଭୋଇ। ଚାଷୀମାନଙ୍କ କହିବା କଥା ଏତେ ବେଳକୁ ରୁଆ ବେଉଷଣ କାମ ଜୋର ସୋରରେ ଚାଲିବା କଥା। ଚିତାଲାଗି ଅମାବାସ୍ୟା ବେଳକୁ ଧାନ ଗଛ ବଢ଼ି ଚାରିଆଡ଼ ସବୁଜିମା ହୋଇ ଯିବା କଥା। ପାଣିପାଗରେ ଅସନ୍ତୁଳନ ଦେଖା ଦେଇଛି। ଫଳରେ ଆଷାଢ଼ ମାସ ଯାଇ ଶ୍ରାବଣ ମାସ ହେଲାଣି କିନ୍ତୁ ଆବଶ୍ୟକୀୟ ବର୍ଷା ହୋଇ ନାହିଁ। ଏବେ ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଯଦି ସରକାର ସବୁ କେନାଲରେ ପାଣି ଯୋଗାଇ ଦିଅନ୍ତେ ତେବେ ଚାଷୀମାନେ ରୁଆ ବେଉଷଣ କାମ ଆରମ୍ଭ କରି ପାରନ୍ତେ। ଏ ଦିଗରେ ଦୃଷ୍ଟି ଦେବାକୁ ଚାଷୀ ମାନେ ସରକାରଙ୍କ ପାଖରେ ଦାବି କରିଛନ୍ତି।

# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଓ ମା' ପାଇଁ ଗଛଟିଏ



ରଘୁନାଥପୁର (ପିପିଏସ): ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଜଗତସିଂହପୁର ଜିଲ୍ଲା କୃଷକ ସଙ୍ଗଠନ ଓ ବିଷୁବ ସଂସଦ ମିଳିତ ଆନୁକୁଲ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାସ୍ଥ୍ୟ ସଚେତନତା ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା ପୌରହିତ କରିଥିଲେ। ଏଥିରେ ଅବସରପ୍ରାପ୍ତ ବନବିଭାଗ ଅଧିକାରୀ ନିରଞ୍ଜନ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱରେ ପରିବେଶ ଅସନ୍ତୁଳନକୁ ନେଇ ଦେଖାଦେଇଥିବା ବିପଦ ପ୍ରତି ସତର୍କ କରାଇବା ସହ କେବଳ ବୃକ୍ଷ ହିଁ ଆମ ଜୀବନକୁ ବଞ୍ଚାଇ ପାରିବ ବୋଲି ପ୍ରକାଶ କରିଥିଲେ। କାରଣ ମନୁଷ୍ୟର ଜୀବନ ଧାରଣ ପାଇଁ ଆବଶ୍ୟକ ଅମ୍ଳଜାନ କେବଳ ବୃକ୍ଷ ହିଁ ଦେଇଥାଏ। ଗୋଟିଏ ବୃକ୍ଷ ତାର ଜୀବନକାଳ ମଧ୍ୟରେ ୬.୫ ଲକ୍ଷ ଟଙ୍କାର ଅମ୍ଳଜାନ ପ୍ରଦାନ କରିଥାଏ ବୋଲି ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ସ୍ୱର୍ଣ୍ଣପଦକ ପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡା ରାଜକିଶୋର ବରାଳ ସୁନ୍ଦର ସ୍ୱାସ୍ଥ୍ୟପାଇଁ ଦୈନନ୍ଦିନ ଶରିରଚର୍ଯ୍ୟାରେ ଖାଦ୍ୟପେୟ, ପ୍ରାଣାୟମ ଓ ଖେଳକୁଦ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

ଏହାଛଡା ମୁକ୍ତବାୟୁ ସେବନ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ମା' ଓ ଧରିତ୍ରୀ ମାତାକୁ ସମ୍ମାନ ଜଣାଇ ଗଛଟିଏ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଲମିନି ସଭାପତି ବିନୋଦ ବିହାରୀ ମହାନ୍ତି ପିଲାଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରି ବିଭିନ୍ନ ପ୍ରକାର ପ୍ରାଣାୟମ ଶିଖାଇଥିଲେ। ଆଲମିନୀ ଉପସଭାପତି ଚନ୍ଦ୍ରଶେଖର ସିଂହ, ଶିକ୍ଷକ ସୁଜିତ କୁମାର ବେହେରା ଓ ପ୍ରମୋଦ କୁମାର ଭୋଇ ଅନୁରୂପ ଭାବେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ପରିସରରେ ଅତିଥିଙ୍କ ପକ୍ଷରୁ ଚାରାରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ମୌସୁମୀ ରଥ ସଭା ସଞ୍ଚାଳନ, ଶକୁନ୍ତଳା ସେଠି ସ୍ୱାଗତ ପର୍ବ ଓ ରଞ୍ଜିତା ବେହେରା ଧନ୍ୟବାଦ ଦେଇଥିଲେ। ଗୀତାରାଣୀ ବିଶ୍ୱାଳ ଓ କର୍ମଚାରୀ ହରେକୃଷ୍ଣ ସାହୁ ଏଥିରେ ସହଯୋଗ କରିଥିଲେ। ଅନୁରୂପ ଭାବେ ଡ଼ା ବରାଳଙ୍କ ତତ୍ତ୍ୱାବଧାନରେ ଶୀର୍ଲୋ ନବଗ୍ରାମ ହାଇସ୍କୁଲ ଓ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରରେ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟ ସମାପନ ହୋଇଛି।

# ପାରାଦୀପ ପୋର୍ଟ କ୍ରିକେଟ୍ ଜିଲ୍ଲା ଆନୁକୂଲ୍ୟରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପାରାଦୀପ (ପିପିଏସ୍): ପାରାଦୀପ ପୋର୍ଟ କ୍ରିକେଟ ଜିଲ୍ଲା ଆନୁକୂଲ୍ୟରେ ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଶନିବାର ଦିନ ଉଦଘାଟିତ ହୋଇଯାଇଛି। ଏଥିରେ ପାରାଦୀପର ୯ ଗୋଟି ଦଳ ବେଥାନୀ କନଭେଣ୍ଟ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ଡିଏଭି ସ୍କୁଲ ପାରାଦୀପ, ଅରବିନ୍ଦ ଏଜୁକେସନ ସେଣ୍ଟର, ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରେଡ କମ୍ବାଇନ ସ୍କୁଲ ଓ ଗ୍ରୀନ କମ୍ବାଇନ ସ୍କୁଲ ଭାଗ ନେଇଛନ୍ତି। ଉଦଘାଟନୀ ସମାରୋହରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ବନ୍ଦର କ୍ରୀଡା ପରିଷଦ ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧୀ ମୁଖ୍ୟ ଅତିଥି ଏବଂ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତେବେ କ୍ରୀଡାର ବିକାଶ ଏବଂ ଛାତ୍ରମାନଙ୍କ ମଧ୍ୟରେ କ୍ରିକେଟ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରାଇବା ନେଇ ଓଡିଶା କ୍ରିକେଟ ଆସୋସିଏସନର ଉଦ୍ୟମ ଓ ପ୍ରଚେଷ୍ଟାକୁ ଉଭୟ ଅତିଥି ପ୍ରଶଂସା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପ କରାଯାଇ ସେମାନଙ୍କ ମଧ୍ୟରେ ଲିଗ ମ୍ୟାଚ ଖେଳାଯିବ ଏବଂ ଏହାଚଳିତ ଜୁଲାଇ ୧୨ ରୁ ୧୯ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦୁଇ ଗ୍ରୁପର ବିଜେତା ଟିମ ମଧ୍ୟରେ ଜୁଲାଇ ୨୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦର କ୍ରୀଡା ପରାମର୍ଶଦାତା ରବିନ୍ଦ୍ର କୁମାର ଦାସ, ବନ୍ଦର କ୍ରୀଡା ପରିଷଦର ସହ ସମ୍ପାଦକ ଧୂନଚନ୍ଦ୍ର ତରାଇ, କ୍ରିକେଟ ବୈଷୟିକ ସଦସ୍ୟ ଶିଶିର କୁମାର ପତି ପ୍ରମୁଖ ପରିଚାଳନା କରୁଛନ୍ତି।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ



ବ୍ରହ୍ମପୁର (ପିପିଏସ୍): ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଣପତି ସାବତ ଫାଉଣ୍ଡେସନର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ବିଭାଗୀୟ ଅଧାପକ ଡ.ବିଭୂତି ପ୍ରସାଦ ବାରିକ । ମଞ୍ଚାସୀନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ବିଭାଗ ମୁଖ୍ୟ ଡ.ସୁଶୀଲ କୁମାର ରାଠୋର । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗଣପତି ସାବତ ଫାଉଣ୍ଡେସନର ମୁଖ୍ୟ ତଥା ପୂର୍ବତନ ବୈଜ୍ଞାନିକ ଡ. ବି.ସି. ସାବତ ସାମ୍ପ୍ରତିକ ସମୟରେ ଉଦ୍ୟମିତା ବିକାଶ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଡ. ଭି.ଭି.ରାମାରାଓ, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଅଧାପକ ଡ. ଏସ୍.ପି.ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପ୍ରିୟାଂଶୁ ପଟ୍ଟନାୟକ, ଇଲେଟ କ୍ରଞ୍ଜିଜ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିନାକ୍ଷୀ ଦାଶ ପ୍ରମୁଖ ଯୋଗଦେଇ ଉଦ୍ୟମିତା ବିକାଶରେ ପ୍ରଯୁକ୍ତି କୌଶଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକ ଏବଂ ବିଶ୍ୱ ବିଦ୍ୟାଳୟ କୁଳସଚିବ ବରିଷ୍ଠ ପ୍ରଶାସନିକ ଅଧିକାରୀ ପାର୍ବତୀ ମଞ୍ଜରୀ ମହାଳିକ ଯୋଗଦେଇ ଏ ସମ୍ପର୍କରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଶେଷରେ କରୁଣାଲତା ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କବି ବିଦ୍ୟୁତ୍‌ପ୍ରଭା ଦାସଙ୍କ ଜୟନ୍ତୀ



କେନ୍ଦ୍ରାପଡ଼ା (ପିପିଏସ୍): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ଓ ଓଡିଆ ସାହିତ୍ୟ ସମାଜ, କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ପ୍ରକୃତି ପ୍ରାଣ , ମାନବିକତା ଓ ସୌନ୍ଦର୍ଯ୍ୟବୋଧର କବି ବିଦ୍ୟୁତପ୍ରଭା ଦାସଙ୍କ ୯୯ତମ ଜୟନ୍ତୀ ସମାରୋହ ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ବିଶିଷ୍ଟ କବି ଓ ସାହିତ୍ୟ ସମାଲୋଚକ ଶତ୍ରୁଘ୍ନ ପାଣ୍ଡବ , ମୁଖ୍ୟ ବକ୍ତା ସାହିତ୍ୟ ସମାଲୋଚକ ଓ ପ୍ରାବନ୍ଧିକ ଡକ୍ଟର ବାସୁଦେବ ଦାସ , ସମ୍ମାନିତ ଅତିଥି ସାହିତ୍ୟ ସମାଲୋଚକ ରବିନ୍ଦ୍ର ସାମଲ, ସମ୍ମାନିତ ବକ୍ତା ଗାଳ୍ପିକ ପ୍ରଦୀପ ନାୟକ କବି ବିଦ୍ୟୁତପ୍ରଭା ଦାସଙ୍କ ଜୀବନୀ, ଦର୍ଶନ, ସାରସ୍ୱତ କୃତି ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ବର୍ଷ କେନ୍ଦ୍ରାପଡ଼ା ଜିଲ୍ଲା ତାର ଏହି ପ୍ରସିଦ୍ଧ ଭୂମିକନ୍ୟା କବି ବିଦ୍ୟୁତପ୍ରଭା ଦାସଙ୍କ ଜନ୍ମ ଶତବାର୍ଷିକୀକୁ ସ୍ମରଣୀୟ ଭାବେ ପାଳନ କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ। ପରିଷଦର ସଂପାଦକ ସରୋଜ କୁମାର ମହାନ୍ତିଙ୍କ ସଂଯୋଜନାରେ ଏହି ସଭାରେ ଅଧ୍ୟାପକ ପବିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅଜୟ ସାମଲ, ଭାଗୀରଥି ଜେନା, ପ୍ରାଧ୍ୟାପକ ଶ୍ରୀଧର ସାମଲ , ପ୍ରେମାନନ୍ଦ ଖଣ୍ଡୁଆଳ, ପ୍ରାଧ୍ୟାପକ ବଳରାମ ଲେଙ୍କା, ଶ୍ରୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଅବସ୍ଥାରେ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ପ୍ରକଳ୍ପ



ଭାପୁର (ପିପିଏସ): ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ଗ୍ରାମ୍ୟ ପରିବେଶକୁ ପରିଷ୍କାର ରଖିବାକୁ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା. କିନ୍ତୁ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟରେ ଲାଗିବା ବଦଳରେ ବିଭିନ୍ନ ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ନୟାଗଡ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମ ଠାରେ ଆର୍ଥିକ ବର୍ଷ ୨୦୨୨-୨୩ ରେ ୧.୫୦ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିବା ବର୍ଜ୍ୟବସ୍ତୁ ପରିଚାଳନା ନିର୍ମାଣ ପ୍ରକଳ୍ପଟି ଏବେ କାର୍ଯ୍ୟରେ ନଲାଗି ନଷ୍ଟ ହେବାକୁ ବସିଛି। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ଅଂଶ ବିଶେଷ ଏହି ପ୍ରକଳ୍ପ ଗୁଡିକ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା.କିନ୍ତୁ ତାହାକୁ ବ୍ୟବହାର ନକରିବା ଯୋଗୁଁ ଏବେ ସେ ସବୁ ନଷ୍ଟ ହେବାକୁ ବସିଲାଣି. ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା କୁହନ୍ତି ଯେ, ପ୍ରତ୍ୟେକ ପଞ୍ଚାୟତରେ ତିଆରି ହୋଇଥିବା କଠିନ ବାଜ୍ୟବସ୍ତୁ ପୃଥକୀକରଣ ପ୍ରକଳ୍ପ ଗୁଡିକ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ।

# ମୃତ୍ୟୁ ସହ ଲଢ଼େଇ କରୁଛନ୍ତି ଲକ୍ଷ୍ମୀଚରଣ, ଅର୍ଥ ସାଜିଛି ବାଧକ
## ସହଯୋଗର ହାତ ବଢ଼ାଇଲେ ଛତ୍ରପୁର ବିଧାୟକ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ମାଧପୁର ଗ୍ରାମର ୪୫ବର୍ଷୀୟ ହରିଜନ ଯୁବକ ଲକ୍ଷ୍ମୀଚରଣ ବେହେରା। ଗତ ଅକ୍ଟୋବର ମାସ ଠାରୁ କିଡ଼ନି ଏବଂ ଲିଭର ଜନିତ ଦୁରାରୋଗ୍ୟରେ ଶିକାର ହୋଇ ଶଯ୍ୟାଶାୟୀ ହୋଇପଡ଼ି ରହିଥିବା ବେଳେ ସ୍ୱାସ୍ଥ୍ୟ ସେବା ନିମନ୍ତେ ଅର୍ଥ ସାଜିଛି ବାଧକ। ସ୍ୱଳ୍ପ ସଞ୍ଚିତ କିଛି ଅର୍ଥ ଏହି ୮ମାସରେ ଚିକିତ୍ସା ସକାଶେ ସରି ଯାଇଥିବା ଯୋଗୁଁ ବର୍ତ୍ତମାନ ସେ ବେସାହାରା ହୋଇ ମୃତ୍ୟୁକୁ ଚାହିଁ ବସିଛି। ଏହି ଖବର ଶୁଣି ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଆର୍ଥିକ ସହଯୋଗର ହାତ ବଢ଼ାଇବା ସହ ସରକାରୀ ସ୍ତରରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଥାଉକି ନିଜର ଦୁଇଟି ଝିଅ, ଗୋଟିଏ



୯ବର୍ଷର ପୁଅ ଏବଂ ରୋଗିଣୀ ସ୍ତ୍ରୀ ଥିବା ବେଳେ ଅସହାୟ ଶିଶୁମାନଙ୍କୁ ଦି ଓଳି ଦି ମୁଠା ଖାଇବାକୁ ମିଳିବା ବି କଷ୍ଟସାଧ ହୋଇପଡିଛି । ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ଅସହାୟ ଲକ୍ଷ୍ମୀର ସହାୟତା ସାତ ସପନ ପାଲଟିଯାଇଛି। ସ୍ଥାନୀୟ ବାସିନ୍ଦା କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି, ସଂସ୍ଥା ଏବଂ ସରକାରୀ କଳ ଉକ୍ତ ବ୍ୟକ୍ତି ପ୍ରତି ସାମାନ୍ୟ ଦୃଷ୍ଟି ଦେଲେ କିମ୍ବା ସହାୟତର ହାତ ବଢ଼ାଇଲେ ଅକାଳରେ ଲିଭି ଯାଉଥିବା ଜୀବନଦୀପଟି କାଳେ ରକ୍ଷା ହୋଇଯାଇପାରନ୍ତା। ଏଣୁ ସମସ୍ତଙ୍କୁ ଲକ୍ଷ୍ମୀଚରଣଙ୍କ ପରିବାର ତରଫରୁ ଅନୁରୋଧ କରାଯାଇଛି ଯେ କୌଣସି ହୃଦୟବାନ ବ୍ୟକ୍ତି କିମ୍ବା ସଂସ୍ଥା ସହାୟତ ନିମନ୍ତେ ଆଗଭର ପ୍ରକାଶ କରିଥିଲେ ଲକ୍ଷ୍ମୀର ଜୀବନ ଦୀପଟି ପୁଣି ଉଦ୍‌ଜୀବିତ ହୋଇ ପରିବାର ତ୍ରାହି ପାଆନ୍ତେ।

# ବ୍ୟଥା ବଢ଼ାଉଛି ରାସ୍ତା



କଳାହାଣ୍ଡି : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲ ପାଟଣାଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା ସହ କାଳଦୁଦା ଘାଟି ମୁଖ୍ୟରାସ୍ତା କାଦୁଅରେ ପଚପଚ ହୋଇ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି । ମିଳିଥିବା ସୂଚନାନୁସାରେ, ଗତ କିଛିଦିନ ତଳେ ଲଗାଣ ବର୍ଷାରେ କାଳଦୁଦା ଘାଟି ଉଭୟ ପାର୍ଶ୍ୱରେ ଥିବା ମାଟି ଅତଡ଼ା ଧସି ମୁଖ୍ୟ ରାସ୍ତାରେ ପଡ଼ିବା ଫଳରେ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତା ଆରମ୍ଭରୁ ଅନେକ ସ୍ଥାନରେ ଛୋଟ ବଡ଼ ଖାଲଖମା ସହ କୃତ୍ରିମ ପୋଖରୀ ସୃଷ୍ଟି ହେବା ସହ କାଦୁଅ ପଚ ପଚ ହେବା ଫଳରେ ପଥଚାରୀଙ୍କଠାରୁ ଆରମ୍ଭ କରି ଯାନବାହନ ଚଳାଚଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଉଛି । ଏମିତିକି ଲୋକେ ବାଇକରେ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି । ଜରୁରୀକାଳିନ ଆମ୍ବୁଲାନ୍ସ ଗାଡ଼ି ସମେତ ଅନେକ ଛୋଟ ବଡ଼ ଗାଡ଼ି ସେ ରାସ୍ତା ଦେଇ ଯିବା ସମୟରେ ରାସ୍ତାର ଅବସ୍ଥା ପାଇଁ ଘଣ୍ଟା ଘଣ୍ଟା ଧରି ଫସି ରହୁଥିବା ଦୃଶ୍ୟ ସାମ୍ନାକୁ ଆସୁଛି । ରାସ୍ତା ନିର୍ମାଣ କାମ କରୁଥିବା ଠିକାଦାର ମନଇଚ୍ଛା ରାସ୍ତା ନିର୍ମାଣ କରୁଥିବା ବିଷୟରେ ସ୍ଥାନୀୟ ଲୋକେ ଅନେକ ଥର ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଚୁପ ରହିବା ଘଟଣାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ମତାମତ ମିଳିପାରିନାହିଁ । ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ରାସ୍ତା ନିର୍ମାଣ ସହ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ କାଦୁଅ ସରସର ହେଉଥିବା ସ୍ଥାନରେ ତୁରନ୍ତ ମରାମତି କିମ୍ବା ବିଏମ୍‌ଡବ୍ଲ୍ୟୁ ପକାଇବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

### ରାଇସ୍ ମିଲ୍ ପାଉଁଶଗଦାରେ ନାବାଳକଙ୍କ ମୃତ୍ୟୁ ଘଟଣା

# ଏନ୍‌ଏଚ୍‌ଆର୍‌ସିର ରିପୋର୍ଟ ତଲବ, ୨୧ରେ ଶୁଣାଣି

ବରଗଡ଼ : ବରଗଡ଼ ଜିଲ୍ଲା ଭେଡ଼େନ ଥାନା ଅନ୍ତର୍ଗତ ମହୁଲେ ଗ୍ରାମରେ ରହିଥିବା କାଳେଶ୍ୱର ରାଇସ୍ ମିଲ୍‌ର ପାଉଁଶ ଗଦାରେ ପଡ଼ି ବଇପୁର ଗ୍ରାମର ଜଣେ ନାବାଳକ ପ୍ରତ୍ୟୁଷ ଭୋଇଙ୍କ ମୃତ୍ୟୁ ଘଟଣା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ପାଖରେ ପହଞ୍ଚିଛି । ଭବାନୀପାଟଣା ନାନଡ଼ୋଲର ଜଣେ ସାମାଜିକ କର୍ମୀ ଦିଲ୍ଲୀପ କୁମାର ଦାଶ ପ୍ରତ୍ୟୁଷଙ୍କ ମୃତ୍ୟୁ ଘଟଣା ନେଇ ଏନ୍‌ଏଚ୍‌ଆର୍‌ସିର ଦୃଷ୍ଟି ଆକର୍ଷଣ କରିବା ପରେ ସେ ନେଇ ଏକ ମାମଲା ପଞ୍ଜୀକୃତ କରି ଏନ୍‌ଏଚ୍‌ଆର୍‌ସି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ଏହି କ୍ରମରେ ଗୁରୁବାର ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ବରଗଡ଼ ଜିଲାପାଳଙ୍କୁ ନୋଟିସ୍ କରି ରିପୋର୍ଟ ତଲବ କରିଛନ୍ତି । ୭ ଦିନ ମଧ୍ୟରେ ପ୍ରତ୍ୟୁଷ ଘଟଣା ନେଇ ସରକାର ତଥା ପ୍ରଶାସନ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛି । ଏହା ସହିତ ଆସନ୍ତା ୨୧ ତାରିଖ ଭୁବନେଶ୍ୱରରେ ଉକ୍ତ ମାମଲାର ଶୁଣାଣି ହେବ ଏବଂ ଏଥିରେ ଉପରୋକ୍ତ ଅଧିକାରୀ କିମ୍ବା ସେମାନଙ୍କ ପ୍ରତିନିଧି ଉପସ୍ଥିତ ରହିବାକୁ ଏନ୍‌ଏଚ୍‌ଆର୍‌ସିର ନିର୍ଦ୍ଦେଶ ରହିଛି । ପ୍ରକାଶ ଥାଉକି, ଗତ ଫେବ୍ରୁଆରୀ ୨୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍‌ରେ ପ୍ରତ୍ୟୁଷ ନିକଟସ୍ଥ ଏକ ନଈ ଝରଣାକୁ ସାଇକେଲ ଯୋଗେ ଗାଧୋଇଥିବା ବେଳେ ରାସ୍ତାକଡ଼େ ସ୍ତୁପ ଭଳି ଗଦା ହୋଇଥିବା ରାଇସ୍ ମିଲର ପାଉଁଶ ଗଦାରେ ପଡ଼ିଯାଇଥିଲେ । ତେବେ ସେହି ପାଉଁଶ ଗଦାରେ ନିଆଁ ଥିବା ଯୋଗୁ ସେ ଗୁରୁତର ହୋଇଥିଲେ । ଖବର ପାଇବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭୀମସାର, ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ତେବେ ସେଠାରେ ୪୦ ଦିନ ଚିକିତ୍ସିତ ହେବା ପରେ ଗତ ଏପ୍ରିଲ ୮ ତାରିଖ ଉନ୍ନତର ଚିକିତ୍ସା ପାଇଁ କଟକ ଏସ୍.ସିବି ଡାକ୍ତରଖାନାକୁ ପରିବାର ଲୋକେ ସ୍ଥାନାନ୍ତର କରିଥିଲେ । ଏପ୍ରିଲ ୯ ତାରିଖ ସକାଳ ୭ଟା ୩୦ ମିନିଟ୍‌ରେ ସେଠାରେ ସେ ଭର୍ତ୍ତି ହୋଇଥିଲେ । ପରଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଫେରିବା ବାଟରେ କାଳେଶ୍ୱର ରାଇସ୍ ମିଲ୍ ସମ୍ମୁଖରେ ମୃତଦେହ ରଖି ଲୋକେ ଆନ୍ଦୋଳନ କରିଥିଲେ । ପରେ ଏ ନେଇ ଏତଲା ହେବା ପରେ ପୋଲିସ ମିଲ୍ ମାଲିକଙ୍କୁ ଗିରଫ କରିଥିଲା । ସେହିପରି ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ହୋଇଥିଲା ।

# ୩ ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୫ ଗିରଫ

କେନ୍ଦୁଝର, (ହି.ସ.)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଓ କେନ୍ଦୁଝର ଜିଲ୍ଲାକୁ ଲାଗି ରହିଥିବା ପଡୋଶୀ ଝାଡଖଣ୍ଡ ରାଜ୍ୟରେ ସୁନା ରୂପା ଗହଣା ଲୁଟ୍‌ରେ ସମ୍ପୃକ୍ତ ତିନି ଜଣ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି ପୁଲିସ । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି । ଏହି ଆନ୍ତଃରାଜ୍ୟ ଲୁଟେରାମାନେ କେନ୍ଦୁଝର ଜିଲ୍ଲାର ବଡ଼ବିଲ ଯୋଡ଼ା ଓ ଚମ୍ପୁଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୁଟ୍ କରୁଥିଲେ । ସେମାନଙ୍କଠାରୁ ପୋଲିସ୍ ୨୯.୫୩୦ ଗ୍ରାମ ସୁନା ତିନିକିଲୋ ୬୮୧.୨୭ଗ୍ରାମ ରୂପା ଗହଣା ସହ ସେମାନେ ବ୍ୟବହୃତ ଏକ ହୋଣ୍ଡା ସାଇନ୍ ମୋଟର ସାଇକେଲକୁ ଜବତ କରିଛି ପୋଲିସ୍ । ଏହି ଅଭିଯୁକ୍ତ ମାନେ ହେଲେ ଝାଡଖଣ୍ଡ ରାଜ୍ୟର ମଝଗାଁ ଥାନା ଅନ୍ତର୍ଗତ ରାଜେନ୍ଦ୍ର ପିଙ୍ଗୁଆ ଓ ଦିପକ ଗୋପ, ଜଗନ୍ନାଥପୁର ଥାନା ଅନ୍ତର୍ଗତ ସରୋଜ କେଶରୀ ଏବଂ ତାଙ୍କ ସହ ଜଡ଼ିତ ଝାରଖଣ୍ଡ ରାଜ୍ୟର ବାଗବେଡା ଥାନା ଅନ୍ତର୍ଗତ ଶିବ ପ୍ରକାସ ପ୍ରାସାଦ ଓ ରାଜେନ୍ଦ୍ର ପ୍ରସାଦ । ଏମାନଙ୍କୁ ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ପିଙ୍ଗୁଆ ।

# ହୀରାକୁଦ ଜଳଭଣ୍ଡାରରୁ ୧୪ ଗେଟ୍ ଖୋଲା

ସମ୍ବଲପୁର, (ହି.ସ.)- ହୀରାକୁଦ ଜଳଭଣ୍ଡାରରୁ ୧୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଥିବା ବେଳେ ଏହାପରେ ସଂନ୍ଧ୍ୟା ୬ଟା ୫୦ ରେ ଗୋଟିଏ ଏବଂ ୭ଟା ୨୦ ରେ ଆଉ ଗୋଟିଏ ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଫଳରେ ରାତି ସାଢ଼େ ୮ଟା ସୁଦ୍ଧା ମୋଟ୍ ୧୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୧୦ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୪ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳପତନ ୬୦୫.୧୯ ଫୁଟ୍ ରହିଥିଲା । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୧ ହଜାର ୭୫୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିଲା ବେଳେ ୧୬ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୭ ହଜାର ୫୨୫ କ୍ୟୁସେକ୍ ଜଳ ନିଷ୍କାସନ ହେଉଥିଲା । ପ୍ରକାଶ ଥାଉକି, ଗତ ୬ ତାରିଖ ଠାରୁ ହୀରାକୁଦ ଜଳଭଣ୍ଡାରରୁ ଛଡାଯାଉଛି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ । ତେବେ ଜଳଭଣ୍ଡାରର ଉପର ମୁଣ୍ଡରେ ବର୍ଷାର ପରିମାଣ କମିଥିବାରୁ ସ୍ଥିତିକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟାରେ ୨ଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

# ସମୟଚକ୍ରରେ ଲୋପ ପାଉଛି 'ସାଧବ ବୋହୂ'

ଜୟପୁର, (ହି.ସ.)- ଦିନକୁ ଦିନ ବିଜ୍ଞାନର ଯେତିକି ଅଗ୍ରଗତି ହେଉଛି ଜୀବନଗନର ସେମିତି କ୍ଷତି ହେବାରେ ଲାଗିଛି । ନୂତନ ଯନ୍ତ୍ରପାତି ଆବିଷ୍କାର ବେଳେ ଅନେକ ଜୀବ ଦୁନିଆରୁ ଲୋପ ପାଇବାରେ ଲାଗିଛନ୍ତି । କୋରାପୁଟ ଜିଲ୍ଲାରେ ବର୍ଷାର ଆଗମନରେ ଅଂଚଳର ବିଲବାଡ଼ି, ପଡ଼ିଆରେ ଆପେ 'ସାଧବ ବୋହୂ' ବହୁ ସଂଖ୍ୟାରେ ଦେଖିବାକୁ ମିଳୁଥିଲା ଓ ଧୀରେ ଧୀରେ ଏହା ଆଉ ପ୍ରାୟତଃ ଦେଖାଯାଉ ନାହାନ୍ତି । ବର୍ଷା ପରେ ଯେତେବେଳ ଘାସ ତିଆରି ହୋଇ ଧରଣୀ ରାଣୀକୁ ସବୁଜ ଶାଢ଼ୀ ପିନ୍ଧାଇ ଦିଏ, ସେହି ସମୟରେ ପ୍ରକୃତିର କେଉଁ କୋଣରୁ ଲାଭ ଟୁଳମୂଳ ସାଧବ ବୋହୂମାନେ ମାଟି ଉପରକୁ ବାହାରି ପଡ଼ି ପ୍ରକୃତିର ସୌନ୍ଦର୍ଯ୍ୟକୁ ଶତଗୁଣ କରି ସଜାଇ ଦିଅନ୍ତି । ଏ ଦୃଶ୍ୟ ଦେଖି କବି ଓ ପ୍ରକୃତି ପ୍ରେମୀମାନଙ୍କୁ ଭାବପ୍ରବଣ କରିଦିଏ । ଯଦି ନିଜ ଭାଷାରେ ଲେଖି ଅନେକ କବିତା କବିର ଭାଷାରେ ସାଧବ ବୋହୂ ସବୁ ଧରଣୀ ରାଣୀର ସବୁଜ ରଙ୍ଗର ଶାହାରେ କାମ ମୋଟି ପରି ସବୁ ଲଟକି ରହୁଛନ୍ତି । ସାଧକ ବୋହୂର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ କୁନି ଛୋଟ ପିଲାଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ଖୁବ୍ ଆନନ୍ଦ ଅନୁଭବ କରିଥାନ୍ତି ! ହାତରେ ଗୋଟାଇ ଖେଳିବାରେ ମାତିଯାନ୍ତି । କିନ୍ତୁ ବର୍ତମାନ ଦିନ ଆସିଛି ସେହି ଛୋଟ ଜୀବଟି ପ୍ରକୃତିର ପ୍ରତିକୂଳ ପରିବେଶରେ ଖାପ ଖୁଆଇ ନ ପାରି ଦିନକୁ ଦିନ ଧରା ବକ୍ଷରୁ ଉଭେଇ ଯାଉଛନ୍ତି ! ସାଧବ ବୋହୁ ଏକ କୀଟ ପ୍ରଜାତିର । ଏହାକୁ ଇଂରାଜୀରେ "ଲେଡି ଦ" ବୋଲି କୁହାଯାଉଥିବା ବେଳେ ବୈଜ୍ଞାନିକଙ୍କ ଭାଷାରେ ପ୍ରାଣୀ ବିଜ୍ଞାନରେ 'ଅଢେର ଅଗଚିଳିତା' କୁହାଯାଏ । ଏହି କୀଟ ବର୍ଷା ଦିନରେ ମାଟି ଭିତରୁ ଉପରକୁ ଆସନ୍ତି ଆସିବା ରାସ୍ତାରେ ମାଟି ଭିତରେ ଏକ ସୁଡଙ୍ଗ ରାସ୍ତା ସୃଷ୍ଟି ହୁଏ ! ଯହାରା ଅମ୍ଳଜାନ ବାଷ୍ପ ମାଟି ଭିତରକୁ ସୁବିଧାରେ ପ୍ରବେଶ କରି ଚାଷ ଜମିକୁ ଉର୍ବର କରିଥାଏ ବୋଲି ଚାଷୀମାନେ ବିଶ୍ୱାସ କରିଥାନ୍ତି । ଏହା ଏକ କ୍ଷତିକାରର କୀଟ ନୁହେଁ । ଏମାରଙ୍କ ବର୍ତମାନ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ରାସାୟନିକ ସାର ଓ ଜୀଟନାଶକ ଅଧିକ ଅମା ଆଶାରେ ଚାଷୀ ଜମିମାନଙ୍କର ବ୍ୟବହାର ଯୋଗୁଁ ସାଧବ ବୋହୂର ବଂଶ ଲୋପ ପାଇଯାଉଛି ବୋଲି ପ୍ରକୃତି ପ୍ରେମୀମାନେ ମତ ଦେଉଛନ୍ତି । ପତଙ୍ଗମାନଙ୍କୁ ଯେପରି ଅନୁକୂଳ ପରିବେଶରେ ବଂଚାଇ ରଖାଯାଉଛି ସେହିଭଳି ଏହି ନିର୍ଭିକ କୀଟର ସୁରକ୍ଷା କରାଯାଉ ବୋଲି ପ୍ରକୃତି ପ୍ରେମୀମାନେ ଦାବି କରୁଛନ୍ତି ।

# ବିଶ୍ୱ ଜନସଂଖ୍ୟା ଦିବସ

କନ୍ଧମାଳ, (ହି.ସ.)- କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମୋ ଭାରତ ଫୁଲବାଣୀ ତରଫରୁ ଆମ୍ବେଦକର କଲେଜ ଖଜୁରୀପଡ଼ା ଠାରେ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଆମ୍ବେଦକର କଲେଜ ର ଅଧକ୍ଷ ଡଃ. ପ୍ରଶାନ୍ତ କୁମାର କର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅଧାପକ ପ୍ରମୋଦ କୁମାର ନାୟକ, ବାସୁଦେବ ସାହୁ, ରଶ୍ମୀ ରଞ୍ଜନ ଲେଙ୍କା, ରାମକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ଭାବରେ ଖଜୁରୀପଡ଼ା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷାବିତ୍ ପଙ୍କଜ ପ୍ରଧାନ ଏବଂ ମୋ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଦିବସରେ ଦେଶର ଜନସଂଖ୍ୟା କିପରି ନିୟନ୍ତ୍ରଣ ହେବା ଉପରେ ଆଲଚନା ମୁଖ୍ୟ ବିଷୟବସ୍ତୁ ଥିଲା । ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ରଚନା ଓ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ନେହଲତା ମହାନ୍ତି, ପ୍ରଭାସିନୀ ସାହୁ, ଶୁଭଶ୍ରୀ ପଣ୍ଡା, ଜ୍ୟୋତିର୍ମୟୀ ଗଣ୍ଡ ପ୍ରମୁଖ ବିଜୟୀ ହୋଇ ଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ କ୍ଷ କୁଇଜ ଓ ରଚନା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା କ୍ଷ ବୈଠକରେ ମୋ ଭାରତ କନ୍ଧମାଳର ସହ କର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ପତିତପାବନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜୟପୁର, (ହି.ସ.)- ଜୟପୁର ବ୍ଲକ ସଭାଗୃହରେ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିରରେ ଜୟପୁର ବିଡିଓ ଶକ୍ତି ମହାପାତ୍ର ଏବିଡିଓ ମନୋଜ ନାୟକ, ବିଏଲଓ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ । ଏଠାରେ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ଦିଆଯାଇଥିଲା । ଦୁଇ ଦିନ ଧରି ଚାଲିବ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ । ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ସଂଶୋଧନ ଓ ବାଦ ନେଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ଧାରା ଓ ଉପଧାରା ସଂପର୍କରେ ଶିକ୍ଷକ କିରଣ ମହାରଣା ପ୍ରଶିକ୍ଷଣ ଦେଇଥିଲେ । ବୁଥ ସ୍ତରୀୟ ଅଧିକାରୀଙ୍କ ଭୂମିକା ଏବଂ କର୍ତ୍ତବ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଘର ଘର ସର୍ଭେ କରିବା ଭୋଟରଙ୍କ ଘରକୁ ଯିବା ସମୟରେ ନିଜ ପରିଚୟ ଦେବା, ପରିଚୟ ପତ୍ର, ନିଯୁକ୍ତି କ୍ରମ ଦେଖାଇବା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଘରକୁ ଆସିଥିବା ସୂଚନା ଦେବା ଆଦି ପ୍ରଶିକ୍ଷଣ ଦିଆଯାଇଥିଲା । ଜୟପୁର ବ୍ଲକରେ ୯୯ଟି ବୁଥ ବିଏଲଓଙ୍କ ମଧ୍ୟରୁ ଆଜି ୫୦ ଜଣ ବିଏଲଓ ୧୦ ଜଣ ବିଏଲଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

# ଜାତୀୟ ମତ୍ସ୍ୟ ଚାଷୀ ଦିବସ

ସୁବର୍ଣ୍ଣପୁର, (ହି.ସ.) – ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ର ସମସ୍ତ ବ୍ଲକ୍‌ରୁ ମତ୍ସ୍ୟ ଚାଷୀ ଯୋଗଦେଇଥିଲେ । ମତ୍ସ୍ୟ ଚାଷୀଙ୍କୁ ମାଛଚାଷ ଉପରେ ସରକାରଙ୍କ ପ୍ରମୁଖ ଯୋଜନା ଉପରେ ଆଲୋକପାତ କରି ମତ୍ସ୍ୟଚାଷୀ କିପରି ମାଛଚାଷ କରି ଅଧିକ ଲାଭବାନ ଓ ଉପକୃତ ହୋଇପାରିବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ସ୍ୱାଗତ କରିବା ସହ ଚାଷୀଙ୍କୁ ମାଛଚାଷ ଓ ସମସ୍ତ ସ୍କିମ ଉପରେ ସୂଚନା ଦେଇଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡ଼ ରଞ୍ଜନ ଦାସ ଯୋଗଦେଇ ମାଛ ଚାଷ କରିବା ସଙ୍ଗେ ସଙ୍ଗେ ଗାଈ, କୁକୁଡ଼ା, ବତକ ପାଳନ କରି କିପରି ଚାଷୀ ସରକାରଙ୍କ ପ୍ରମୁଖ ଯୋଜନା ଗୁଡ଼ିକର ରୁ କିପରି ଉପକୃତ ହେଇପାରିବେ ଏହି ଯୋଜନାଗୁଡ଼ିକୁ ବୁଝାଇଥିଲେ । ମାଛଚାଷ କରି ଲାଭବାନ ହୋଇଥିବା ତିନି ଜଣ ମତ୍ସ୍ୟ ଚାଷୀଙ୍କୁ ସମ୍ମାନିତ କରିଥିଲେ । ଏଥିରେ ମଂଚ ପରିଚାଳନା ପୁରନ୍ଦର ପଣ୍ଡା କରିଥିଲେ, ମସ୍କିମା ଲାକ୍ରା, ଅମିତ ଲାକ୍ରା, ସାଗର ମିତ୍ର ଅଙ୍କିତ ମିଶ୍ର,ଏ ଏଫ୍ ଓ ସଦର ପ୍ରତାପ କିଶୋର ମେହେର,ଏ ଏଫ୍ ଓ ଉଲୁଣ୍ଡା ଶ୍ରବଣ କୁମାର କଅଁର, ଚିତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ମାଲକାନଗିରି, (ହି.ସ.) - ମାଲକାନଗିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବୁଟିଗୁଡା ଠାରେ ମାଲକାନଗିରି ସବୁଜବାହିନୀ ତରଫରୁ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗଦାନ କରି ଗଛ ଆମ ପାଇଁ କିପରି ବଂଚିବାପାଇଁ ସାହାଯ୍ୟ କରେ ତା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ରୂପେ ମାଲକାନଗିରି ମହାବିଦ୍ୟାଳୟ ସବୁଜବାହିନୀ ଅଧିକାରୀ ଡ଼.ରଞ୍ଜନ କୁମାର ସାଇଁ ଗଛ, ଜଳ ଓ ମାଟି କିପରି ଅଙ୍ଗାଅଙ୍ଗି ଭାବେ ଜଡିତ ତାହା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ରୂପେ ମାଷ୍ଟର ଟ୍ରେନର ସବୁଜବାହିନୀ ଦୁର୍ଯ୍ୟୋଧନ ପାତ୍ର ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କୁ ଗଛ ଲଗାଇବା ସହ ତାହାର ଯତ୍ନନେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି ରବୀନ୍ଦ୍ର ନାଥ ଧର ଯୋଗଦେଇ ଗଛଟିଏ ପିଲାଟିଏ ଉବାଚ ଦେଇ ପିଲାମାନଙ୍କୁ ଘର ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଉପଦେଶ ଦେଇଥିଲେ । ଏବିଓ ଗୌରାଙ୍ଗ ସଜ୍ଜନ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହାସହିତ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଗୌରୀ କୋପେ ମଧ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୟଳନ କରିଥିଲେ । ସହକାରୀ ଶିକ୍ଷକ ଲଡୁକିଶୋର ବେହେରା ଓ ସହ ଶିକ୍ଷୟତ୍ରୀ ମମତା ସାହୁ, ଅଭିସ୍ପା ତରାଇ ସହ ଅନ୍ୟାନ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହାୟତା କରିଥିଲେ । ଏହି ଅବସରରେ ଅଳା, ଆମ୍ବ, ପଣସ, ଗଙ୍ଗଶିଉଳି ଅନ୍ୟାନ ଔଷଧୀୟ ଗଛ ସମେତ ପ୍ରାୟ ଦୁଇଶହରୁ ଅଧିକ ଗଛ ବୃକ୍ଷ ରୋପଣ କରାଯାଇଥିଲା । ଶେଷରେ ଶିକ୍ଷୟତ୍ରୀ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଭର୍ତ୍ତି କାର୍ ଜବତ



ତୁମୁଡ଼ିବନ୍ଧ : ତୁମୁଡ଼ିବନ୍ଧ ଥାନା ଆନ୍ତର୍ଗତ କାଳିସାପାଦର ରାସ୍ତା ୫ନଂ. ରାଜ୍ୟ ରାଜପଥରେ ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରାଯାଇଛି । ସୂଚନା ଅନୁସାରେ ବାଲୁଗୁଡାଠାରୁ ମୁନିଗୁଡା ଅଭିମୁଖେ ଏକ କାର (ଓଡି ୦୫ଏ ୩୨୯୧) ଗାଡ଼ି ସହ ୧କୁଇଣ୍ଟାଲ ୫୦କେଜି ଗଞ୍ଜେଇ ତୁମୁଡ଼ିବନ୍ଧ ପୋଲିସ ଜବତ କରିଛି । ପରେ ତୁମୁଡିବନ୍ଧ ଅତିରିକ୍ତ ତହସିଲଦାର ସୁନୀଲ କୁମାର ନାୟକ ଘଟଣା ସ୍ଥଳରେ ଉପସ୍ଥିତ ରହି ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା । ଏଥିରେ ଥାନା ଅଧିକାରୀ ଆଶୁତୋଷ ଜେନା , ଅମ୍ବିକା ପାତ୍ର, ଅନନ୍ତ ପ୍ରଧାନ, ମନୋରଞ୍ଜନ କଁହର, ଏଏସାଇ ସଞ୍ଜୟ କୁମାର ପ୍ରଧାନ, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ନାଳରେ ଭାସିଗଲେ ଦୁଇ ଭାଇ
# ସାନ ମୃତ, ବଡ଼ର ଶବ ଉଦ୍ଧାର

ସୁବର୍ଣ୍ଣପୁର, (ହି.ସ.)- ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧ ପାଲି ପଂଚାୟତ ଅନ୍ତର୍ଗତ ମାଝିମୁଣ୍ଡା ଗ୍ରାମର ଧର୍ମଦାଣ୍ଡି ନାଳରେ ଗାଧୋଉଥିବା ବେଳେ ଦୁଇ ଭାଇ ଟିକେଶ୍ୱର ବାରିକ ଓ ନିରଞ୍ଜନ ବାରିକ ନିଖୋଜ ହୋଇଯାଇଥିଲେ । ଉଦ୍ଧାର କରିଛି ସ୍ଥାନୀୟ ଅଗ୍ନିଶମ ବାହିନୀ । ଉଭୟ ଯୁବକ ହେଉଛନ୍ତି ମାଝୀମୁଣ୍ଡା ଗ୍ରାମର ଦୁଇଭାଇ ଟିକେଶ୍ୱର ବାରିକ (୩୫) ଓ ନିରଞ୍ଜନ ବାରିକ (୩୦) । ବିଲରେ ଚାଷ କାମ ସାରି ଦୁଇ ଭାଇ ଧର୍ମଦାଣ୍ଡି ନାଳକୁ ଗାଧୋଇବାକୁ ଯାଇଥିଲେ । ବଡ଼ଭାଇ ଗାଧୋଉଥିବା ବେଳେ ହଠାତ୍ ପାଣି ମାଡ଼ି ଆସିଥିବାରୁ ସେ ଭାସି ଯାଉଥିବା ଦେଖି ସାନଭାଇ ବଡ଼ଭାଇକୁ ବଂଚାଇବାକୁ ଯାଇ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ସ୍ଥାନୀୟ ଲୋକେ ଦୁଇ ଭାଇ ଭାସୁଥିବା ଦେଖି ମଧ ପାଣିର ସ୍ରୋତ ଅଧିକ ଥିବାରୁ ଉଦ୍ଧାର କରିବାକୁ ସାହସ କରି ନ ଥିଲେ । ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଆସି ଖୋଜାଖୋଜି କରିଥିଲେ । କିନ୍ତୁ, ବର୍ଷା ଓ ରାତି ଅନ୍ଧାରରେ ନିଖୋଜ ଭାଇଦ୍ୱୟଙ୍କୁ ପ୍ରଥମଦିନ ଉଦ୍ଧାର କରିବା ସମ୍ଭବ ହୋଇ ନଥିଲା । ଦ୍ୱିତୀୟ ଦିନ ସକାଳେ ମୃତ ବଡଭାଇ ଟିକେଶ୍ୱରଙ୍କୁ ଅଗ୍ନିଶମବାହିନୀ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ମୃତ ସାନ ଭାଇ ନିରଞ୍ଜନଙ୍କ ଶବ ତୃତୀୟ ଦିନ ସକାଳେ ଘଟଣାସ୍ଥଳ ଠାରୁ ଦୁଇ କି.ମି. ଦୂରରୁ ନାଳରୁ ଉଦ୍ଧାର କରିଥିବା ଜଣାଯାଇଛି । ପ୍ରତିକୂଳ ପାଣିପାଗ ଓ ଗଭୀର ପାଣିର ପ୍ରଖର ସ୍ରୋତ ସତ୍ତ୍ୱେ ଦୀର୍ଘ ୩ ଦିନର ପ୍ରାଣମୂର୍ଚ୍ଛା ଉଦ୍ୟମ, ଧୈର୍ଯ୍ୟ ଓ କଠିନ ପରିଶ୍ରମ ଯୋଗୁଁ ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀର ଷ୍ଟେସନ ଅଫିସର ପାଉଲୁଶ କୁଜୁରଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀ ରଶ୍ମି ରଞ୍ଜନ ବାରିକ, ସନ୍ତୋଷ ବେହେରା, ସୁଜିତ୍ ରାଉତ୍, ସୁଶୀଲ ମାଝୀ, ଏସ ଏନ୍ ଝୁଟିଆ, ଏନ୍- କେ ସାହୁ, ପି. ମେଂଟାଲିଟି, ୟୁ ଏସ ଧରୁଆ, ପି. ବର୍ଗେ, ପି. କର୍ଣ ପ୍ରମୁଖ ସମସ୍ତଙ୍କ ସହଯୋଗରେ ମୃତ ଦୁଇ ଭାଇଙ୍କ ଶବ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି କ୍ଷ ଆଶା ଆଶଙ୍କାରେ ଖୁବ ଦୁଃଖ କଷ୍ଟରେ ଜୀବନ ବିତାଉଥିବା ଏ ଶୋକ ସନ୍ତପ୍ତ ପରିବାରକୁ ପୋଲିସ ଓ ମେଡ଼ିକାଲ ଟିମ୍ ର ସହାୟତାରେ ଦୁଇ ଭାଇଙ୍କ ଶବ ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରାଯାଇଛି ।

# ଶିଶୁ ବିଭାଗରେ ଗଣ୍ଡଗୋଳ, ଥାନାରେ ମାମଲା

କୋରାପୁଟ (ହି.ସ.) - କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିଭାଗ ୱାର୍ଡରେ ଗତ ସୋମବାର ରାତି ପ୍ରାୟ ସାଢେ ୧୧ ଟା ସମୟରେ ୪ଜଣ ଦୁର୍ବୃତ୍ତ କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମାରପିଟ କରିବା ଓ ମହିଳା ନର୍ସଙ୍କୁ ଦୁଃବ୍ୟବହାର କରିଥିବା ନେଇ ଜୟପୁର ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ପରେ ସଦର ପୁଲିସ ସିସିଟିଭି ଯାଂଚ କରି ଦୁର୍ବୃତ ମାନଙ୍କୁ ଚିହ୍ନଟ କରିବ ବୋଲି ସଦର ଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ପୁଲିସ ସୂଚନା ଅନୁଯାୟୀ ଗତ ସୋମବାର ରାତି ସାଢେ ୧୧ଟା ସମୟରେ ଜଣେ ନାବାଳିକା ରୋଗୀ ଚିକିତ୍ସାଳୟକୁ ଆସିଥିଲେ । ଏହିପରି ଉପସ୍ଥିତ ନର୍ସ ମାନେ ସଂପୃକ୍ତା ନାବାଳିକା ରୋଗୀକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସାଲାଇନ ପ୍ରଦାନ କରିଥିଲେ । ହଠାତ ଜଣେ ଯୁବକ ମାତାଲ ଅବସ୍ଥାରେ ପହଁଚି ନାବାଳିକାଙ୍କ ସାଲାଇନ ବାହାର କରିବାକୁ ଲାଗିଥିଲା । ଏହିପରି ସୁରକ୍ଷାକର୍ମୀ ଦୁର୍ବୃତକୁ ଅଟକାଇ ବାହାରକୁ ଯିବାକୁ କହିଥିଲେ । ଦୁର୍ବୃତ ଜଣକୁ ବାହାରକୁ ଯାଇ ଅନ୍ୟ ୩ଜଣ ଦୁର୍ବୃତଙ୍କୁ ଡାକିଆଣିଥିଲେ । ୪ଜଣ ଦୁର୍ବୃତ ଡାକ୍ତରଖାନାରେ ଥିବା ନର୍ସ ଏବଂ ପିତବାସ ଚାଲାଣ ନାମକ ଜଣେ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାଡ ମାରିଥିଲେ । ସେଠାରେ ଦାୟୀତ୍ୱରେ ଥିବା ୩ଜଣ ନର୍ସଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏଥିନେଇ କର୍ମଚାରୀ ମାନେ ନିଜର ସୁରକ୍ଷା ପାଇଁ ଗତ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକଙ୍କୁ ଲିଖିତ ଭାବେ ଜଣାଇବା ପରେ ଅଧିକ୍ଷକ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଛି ।

# ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

ସମ୍ବଲପୁର, (ହି.ସ.) : ସମ୍ବଲପୁର ଜିଲ୍ଲା ଟାସ୍କଫୋର୍ସ୍ ର ଅଧକ୍ଷ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ ଅଧକ୍ଷତାରେ ତାଙ୍କ ଦପ୍ତରରେ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ସମ୍ବଲପୁର ଜିଲ୍ଲା ସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟି ର ସଦସ୍ୟ ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଶତ୍ରୁଜିତ ସାହୁ ଏହି ବୈଠକ ର ଉଦ୍ଦେଶ୍ୟ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଉପସ୍ଥିତ ସଦସ୍ୟ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ କମିଟି ର ଉପସ୍ଥିତ ସଦସ୍ୟ ମାନଙ୍କୁ ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ ଶିଶୁ ଓ କିଶୋର ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ ସମ୍ବନ୍ଧୀୟ ନିୟମକୁ ଉପସ୍ଥାପନ କରିଥିଲେ କ୍ଷ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଅଶୋକ କୁମାର ଭୋଇ ମତ ପ୍ରକାଶ କରିଥିଲେ ଯେ ଉପଖଣ୍ଡ ସ୍ତରରେ ଏହି ଟାସ୍କଫୋର୍ସ୍ କୁ ଅଧିକ କ୍ରିୟାଶୀଳ କରେଇବା ସଙ୍ଗେ ନିୟମିତ ବ୍ୟବଧାନ ରେ ବିଭିନ୍ନ ସଂସ୍ଥା ଉପରେ ଚଢ଼ଉ କରି ଶିଶୁ ଶ୍ରମିକ ଉଦ୍ଧାର ପ୍ରକ୍ରିୟା ତ୍ୱରାନ୍ୱିତ କରି ଆଇନ ଖିଲାପକାରୀ ନିଯୁକ୍ତି ଦାତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକ ରେ ବିଶଂଚି ଧରୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ, ରେଢ଼ାଖୋଲ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ପ୍ରଶାନ୍ତ ପାଢ଼ୀ, ସମ୍ବଲପୁର ଜିଲ୍ଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ବିଜୟ କୁମାର ପୁରୋହିତ ଏବଂ ରବୀନ୍ଦ୍ର କୁମାର ମହାନ୍ତି, ଆଦର୍ଶ ସ୍ୱେଚ୍ଛାସେବୀ ସଂଗଠନ ର ସଂଯୋଜିକା ଜ୍ୟୋତି ଶତପଥୀ, ଚାଇଲ୍ଡ ହେଲ୍ପ ଲାଇନ ର ପ୍ରକଳ୍ପ ସଂଜୋଜିକା ଶୁଭ୍ରା ଭୋଇ, ଏଡ୍ - ଏଟ୍ - ଆକ୍ସନ ର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଏବଂ ସିଡ଼ି ଅନୁଷ୍ଠାନ ର ବାଲ୍ୟ ବିବାହ ପ୍ରକଳ୍ପର ସଂଯୋଜକ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ ଆଦି ଉପସ୍ଥିତ ରହି ତାଙ୍କ ମତାମତ ଦେଇଥିଲେ ।

# 'ଜନସଂଖ୍ୟା ଅନୁପାତରେ ଜଙ୍ଗଲ ଓ ବନ୍ୟପ୍ରାଣୀ ବୃଦ୍ଧି' ଶୀର୍ଷକ ଆଲୋଚନା

ସମ୍ବଲପୁର, (ହି.ସ.)- ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ହାଡ଼ିପାଲି ସରକାରୀ ଗ୍ରାମ ଜଙ୍ଗଲ ଓ ବନ୍ୟ ପ୍ରାଣୀ ପଂଚାୟତ ବିଦ୍ୟାଳୟ ପରିସରରେ ଏହି ଅଂଚଳର ସ୍କୁଲ ସମୂହକୁ ନେଇ ବିଶ୍ୱ ଜନସଂଖ୍ୟା ଦିବସ ଓ ବନ ମହୋତ୍ସବ ଉପଲକ୍ଷେ 'ଜନସଂଖ୍ୟା ଅନୁପାତରେ ଜଙ୍ଗଲ ଓ ବନ୍ୟପ୍ରାଣୀ ବୃଦ୍ଧି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କରୁଣାକର ଧନୱରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ୍ ତଥା ମାଜସେବୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଣ ଓ ବନ୍ୟପ୍ରାଣୀ କିପରି ମାନବ ସମାଜର ବନ୍ଧୁ ତାହା ଉଲ୍ଲେଖ କରି ଉଭୟର ସଂଖ୍ୟା ବୃଦ୍ଧି ଓ ମଣିଷର ସଂଖ୍ୟା ହ୍ରାସ ପାଇଁ ଆହ୍ୱାନ ଦେଇଥିଲେ । ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦାସ ଓ ପୂର୍ବତନ ଫରେଷ୍ଟର ଶେଖର ବନମାଳୀ ନମଦେଓ ମଧ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥି ଗଣ ପୂର୍ବରୁ ଆୟୋଜିତ ପରିବେଶକୁ ନେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସହକାରୀ ଶିକ୍ଷକ ଗୋପାଳ ନାଥଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବରିଷ୍ଠ ଶିକ୍ଷକ ପୌଲସ୍ତି କୁମାର ପଟେଲ ପ୍ରାରମ୍ଭିକ ସୂଚନା, ପୁନମ୍ ପ୍ରେମାଞ୍ଜଳି ଡ଼ାଙ୍ଗ ଅତିଥି ପରିଚୟ ଓ ପ୍ରାଥମିକ ଶିକ୍ଷୟିତ୍ରୀ ସବିତା ପଟେଲ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହା ପରେ ସ୍କୁଲ ପରିସରରେ ଭିଷ୍ଣୁଦେବ ସାହୁ, ରେଖା ସିଂ ଓ ବିଜୟ ପଟେଲଙ୍କ ନେତୃତ୍ୱରେ ଅତିଥି ଓ ଛାତ୍ରଛାତ୍ରୀମାନେ ଶତାଧିକ ଚାରା ରୋପଣ କରିଥିଲେ । ଏହା ପୂର୍ବରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାଇଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୩।୭।୨୦୨୫ ■ ରବିବାର

# ଦାୟିତ୍ୱହୀନତାର ନିଦର୍ଶନ

ଯେକୌଣସି ଦୁର୍ଘଟଣାର ସବୁଠାରୁ ବଡ଼ ଶିକ୍ଷା ହେଉଛି ସେ ପ୍ରକାର ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେପାଇଁ ପ୍ରତ୍ୟେକ ସ୍ତରରେ ପୂରାମାତ୍ରାରେ ପଦକ୍ଷେପ ଗ୍ରହଣ କରିବା । କିନ୍ତୁ ଏପରି ଲାଗୁଛି ବାରମ୍ବାର ଦୁର୍ଘଟଣା ଘଟିଚାଲିଥିବା ସତ୍ତ୍ୱେ ପ୍ରଶାସନିକ ବ୍ୟବସ୍ଥା ତାହା ଉପରେ ଧ୍ୟାନ ଦେବା ଜରୁରୀ ବୋଲି ମନେକରୁନାହିଁ । ନିଦ ତେବେ ଭାଙ୍ଗୁଛି ଯେବେ କୌଣସି ବଡ଼ ଧରଣର ଦୁର୍ଘଟଣା ଯୋଗୁଁ ଲୋକଙ୍କ ଆକ୍ରୋଶ ବନ୍ଧ ଭାଙ୍ଗୁଛି । ଗୁଜରାଟର ବରୋଦାରେ ଏକ ପୋଲ ଭାଙ୍ଗିପଡ଼ିବା ଓ ତାହାଫଳରେ ଧନଜୀବନ ହାନି ହେବା ଘଟଣା ସରକାରୀ ବ୍ୟବସ୍ଥାର ବ୍ୟାପକ ଦାୟିତ୍ୱହୀନତା ଓ ସମ୍ବେଦନହୀନତାର ପ୍ରମାଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଉଲ୍ଲେଖଯୋଗ୍ୟ ଯେ ବରୋଦାରେ ଆନନ୍ଦ ଓ ପାଦରାକୁ ଯୋଡୁଥିବା ବ୍ୟସ୍ତବହୁଳ ପୋଲର ଏକ ଅଂଶ ଅଚାନକ ଧସିପଡ଼ିଲା । ଏହା ଫଳରେ କେତେକ ମଟରଯାନ କ୍ଷତିଗ୍ରସ୍ତ ହୋଇ ଭଙ୍ଗାପୋଲରୁ ମହିସାଗର ନଦୀ ବକ୍ଷକୁ ଖସିପଡ଼ିଲା । ଖବର ମୁତାବକ, ଏହି ଦୁର୍ଘଟଣା ଯୋଗୁଁ ଅତିକମ୍‌ରେ ଅଠର ଜଣଙ୍କର ଜୀବନହାନି ଘଟିଛି ଓ ଅନ୍ୟ କେତେକ ଆହତ ହୋଇଛନ୍ତି । ଏ ଘଟଣାକୁ ମଧ୍ୟ କୌଣସି ଦୁର୍ଘଟଣା ଭାବେ ଦେଖାଯାଇଛି ଓ ମୃତାହତଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ତଦନ୍ତ ଲାଗି ଆଶ୍ୱାସନା ମଧ୍ୟ ପ୍ରଦାନ କରାଯାଇଛି ।

ତେବେ, ଏପ୍ରକାର ଘୋଷଣା ଆଦି ପରେ ସରକାରୀ ବ୍ୟବହାର କିଛି ହିଁ ଦିନ ପରେ ପୁଣି ସେଇ ପୁରୁଣା ଗୁଳାକୁ ଫେରିଯାଉଛି ଓ ସମ୍ଭବତଃ କୌଣସି ସମ୍ଭାବ୍ୟ ଦୁର୍ଘଟଣା ପାଇଁ ଅପେକ୍ଷା କରିବାକୁ ପଡୁଛି । ଯେଉଁ ପୋଲ ଜର୍ଜର ହୋଇଯିବା ଓ କେବେ ବି ଦୁର୍ଘଟଣାର ଶିକାର ହେବାର ଆଶଙ୍କା ନେଇ ଖବର ପ୍ରକାଶ ପାଇସାରିଥିଲା, ତା'ଉପରେ ଯାତାୟାତକୁ ରୋକିବା କି ଅନ୍ୟ ସୁରକ୍ଷା ବ୍ୟବସ୍ଥା କରାଯିବାର ଆବଶ୍ୟକତା କେହି କାହିଁକି ଅନୁଭବ କଲେ ନାହିଁ, ତାହା ବୁଝିବା ମୁସ୍କିଲ । ଏବେ ଏପ୍ରକାର ପ୍ରଶ୍ନ ତୀବ୍ର ସ୍ୱରରେ ଉତ୍‌ଥାପନ କରାଯିବା ଅକାରଣ ନୁହେଁ । ଗୁଜରାଟରେ ଏପ୍ରକାର ଖରାପ ଅବସ୍ଥାରେ ଥିବା ପୋଲଗୁଡ଼ିକ କିପରି ଏଯାଏ ଲୋକଙ୍କ ବ୍ୟବହାରରେ ଲାଗୁଛି, ତାହା ମଧ୍ୟ ଗମ୍ଭୀର ବିଷୟ । ଦୁର୍ବଳ ହୋଇଯାଇଥିବା ପୋଲଗୁଡ଼ିକର ନିର୍ମାଣ ପାଇଁ କିଏ ଦାୟୀ ଏବଂ ସେଠି ଏକାଧିକ ପୋଲ ଭୁଶୁଡ଼ିପଡ଼ିବାର କାରଣ ଅନୁଧ୍ୟାନ କରି ସଂପୃକ୍ତ କଣ୍ଟ୍ରାକ୍ଟର ଓ ଇଞ୍ଜିନିୟରଙ୍କୁ ଦାୟୀ କରି ଦଣ୍ଡବିଧାନ ମଧ୍ୟ କରାଯିବା ଆବଶ୍ୟକ । ଏଯାଏ ସେପରି ପଦକ୍ଷେପ କାହିଁକି ନିଆଯାଇ ନାହିଁ, ତାହା ଚିନ୍ତାର ବିଷୟ ।

ଯେଉଁ ରାଜ୍ୟର ବିକାଶକୁ ଦେଶସାରା ଉଦାହରଣ ଭାବେ ଉପସ୍ଥାପନ କରାଯାଉଛି, ସେଠି ମାତ୍ର ଚାଳିଶ ବର୍ଷ ତଳେ ନିର୍ମିତ ପୋଲର ସ୍ଥିତି ଯଦି ଏପରି ଜର୍ଜର ସ୍ଥିତିରେ ପହଞ୍ଚିଯାଇଛି ତେବେ ସେ ପାଇଁ ଦାୟୀ କିଏ ? କ'ଣ ସେ ସବୁ ଲୋକଙ୍କୁ ତଦନ୍ତ ପରିସରକୁ ଆଣି କାଠଗଡ଼ାରେ ଛିଡ଼ା କରାଯାଇ ପାରିବ ନାହିଁ । ବରୋଦାରେ ପୋଲ ଧସିପଡ଼ିବା ଘଟଣା ଦେଶରେ ପୋଲ ଧସିବା ଅନେକ ଘଟଣା ମଧ୍ୟରୁ ଗୋଟିଏ । ଏହା ପୂର୍ବରୁ ୨୦୨୨ ଅକ୍ଟୋବରରେ ଗୁଜରାଟର ମୋରବୀ ସହରରେ ମଛୁ ନଦୀରେ ନିର୍ମିତ ପୋଲ ଧସି ପଡ଼ିଥିଲା, ଯାହାଫଳରେ ଏକଶହ ପଞ୍ଚତିରିଶ ଲୋକଙ୍କର ମୃତ୍ୟୁ ଘଟିଥିଲା । ସେବେ ଖବର ଆସିଥିଲା ଯେ ସରକାର ସବୁ ପୋଲ ଯାଞ୍ଚ କରିବେ ଓ ରକ୍ଷଣାବେକ୍ଷଣ ଠିକ୍ ଢଙ୍ଗରେ କରିବେ । କିନ୍ତୁ ଏବେ ପୋଲ ଧସିପଡ଼ିବା ଘଟଣା ଫଳରେ ବାସ୍ତବତା ପୁଣି ସାମନାକୁ ଆସିଛି । ଯଦି କୌଣସି ପୋଲ ଦୁର୍ବଳ ହୋଇଯାଇଛି, ତା'ର ମରାମତି ଏପରିକି ପୁନଃନିର୍ମାଣ କରାଯିବା ଦରକାର । ବିଡ଼ମ୍ବନାର ବିଷୟ ଏହି ଯେ ବରୋଦାର ପୋଲ ଜର୍ଜର ସ୍ଥିତିରେ ଅଛି ବୋଲି ଆଶଙ୍କା କରାଯିବା ସତ୍ତ୍ୱେ ସେଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ । ଏହି ଦାୟିତ୍ୱହୀନତା ପାଇଁ ଦାୟୀ କିଏ ତା'ର ତଦନ୍ତ କରି ପୋଲଗୁଡ଼ିକୁ ସୁରକ୍ଷିତ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ । ❒❒

# ଦଶଗ୍ରୀବରୁ ରାବଣ

ରାମାୟଣରେ ରାବଣ ଚରିତ୍ର ଅତ୍ୟନ୍ତ ଉଲ୍ଲେଖନୀୟ। ରାବଣ ସଂହିତା ଅନୁସାରେ, ଦଶଗ୍ରୀବ ନିଜ ଭାଇ କୁବେରଙ୍କ ପରି ଧନ ଏବଂ ପ୍ରତିଷ୍ଠା ପାଇବା ପାଇଁ ଦଶ ହଜାର ବର୍ଷ ଧରି ବ୍ରହ୍ମାଙ୍କୁ ତପସ୍ୟା କଲେ। ଦଶଗ୍ରୀବଙ୍କ ତପସ୍ୟାରେ ବ୍ରହ୍ମା ସନ୍ତୁଷ୍ଟ ହୋଇ ଅଜେୟ ହେବାରେ ବର ପ୍ରଦାନ କଲେ। ତପସ୍ୟା ଉପରାନ୍ତ, ଦଶଗ୍ରୀବ ବ୍ରହ୍ମାଙ୍କ ବରରେ ବଳଶାଳୀ ହୋଇ କୁବେରଙ୍କୁ ପରାସ୍ତ କରିବା ସହ ପୁଷ୍ପକ ବିମାନ ପ୍ରାପ୍ତ କଲେ। ଏକଦା ଦଶଗ୍ରୀବ ଆନନ୍ଦରେ ଭ୍ରମଣ କରୁଥାନ୍ତି।

ଭ୍ରମଣ କରୁ କରୁ ଶରବଣ ନାମକ ଏକ ଜଙ୍ଗଲରେ ପହଞ୍ଚିଗଲେ। ସେହି ଜଙ୍ଗଲ ମଧ୍ୟରେ ଗୋଟିଏ ଜ୍ୟୋତିର୍ମୟ ଗିରି ସ୍ୱର୍ଣ୍ଣମୟ ଇନ୍ଦ୍ରଧନୁ ପରି ଦେଖାଯାଉଥିଲା। ଦଶଗ୍ରୀବ ସେହି ଗିରି ଶିଖରକୁ ଯିବାକୁ ଚାହିଁଲେ। କିନ୍ତୁ ସେଠି ପୁଷ୍ପକ ବିମାନ ଆଉ ଚଳିଲା ନାହିଁ, ଏଥିରେ ଦଶଗ୍ରୀବ ଆଶ୍ଚର୍ଯ୍ୟ ହୋଇଗଲେ। ଏହି ସମୟରେ ନନ୍ଦୀ ପ୍ରକଟ ହୋଇ ଦଶଗ୍ରୀବଙ୍କୁ ଚାଲିଯିବାକୁ କହିଲେ। ନନ୍ଦୀ କହିଲେ, ହେ ରକ୍ଷପତି ! ଏହି ପର୍ବତ ହେଉଛି ଶିବଙ୍କ ବାସସ୍ଥାନ। ଶିବଙ୍କ ଅନୁମତି ନପାଇଲେ ଦେବତା, ଯକ୍ଷ, ଗନ୍ଧର୍ବ ବା ଦାନବ କେହି ହେଲେ ଏଠାକୁ ଆସିପାରନ୍ତି ନାହିଁ। ତେଣୁ ତୁମେ ଶୀଘ୍ର ଏଠାରୁ ଫେରିଯାଅ। କିନ୍ତୁ ଦଶଗ୍ରୀବ ନନ୍ଦୀଙ୍କୁ ଅପମାନିତ କଲେ। ଦଶଗ୍ରୀବ କହିଲେ, ଏହି ପର୍ବତ ମୋ ଯାତ୍ରାରେ ବାଧା ସୃଷ୍ଟି କରିଛି, ଏହାକୁ ମୁଁ ମୂଳରୁ ଉପାଡ଼ି ଫିଙ୍ଗି ଦେବି। ଏହା କହି ଦଶଗ୍ରୀବ କୈଳାସ ଗିରିର ମୂଳକୁ ଧରି ଟେକିବାରୁ କୈଳାସ ଗିରି ଅଳ୍ପ ଉଠି ଦୋହଲିବାରେ ଲାଗିଲା। ଏଥିରେ ସମସ୍ତ ଗଣ ଭୟଭୀତ ହୋଇଗଲେ। ତେଣୁ ଶିବ କୈଳାସ ଗିରି ଶିଖରରେ ନିଜ ଗୋଡ଼ ଆଙ୍ଗୁଠି ରଖି ଅଳ୍ପ ଚାପି ଦେବାରୁ କୈଳାସ ଗିରି ଯଥା ସ୍ଥାନରେ ବସିଗଲା। ସେତିକିବେଳେ ଦଶଗ୍ରୀବର ସମସ୍ତ ହାତ ସେହି ଗିରିତଳେ ଚାପି ହୋଇ ରହିଗଲା। ଅତ୍ୟନ୍ତ ପୀଡ଼ା ସହ୍ୟ ନକରିପାରି ଦଶଗ୍ରୀବ ବିଳାପ କରିବାକୁ ଲାଗିଲେ। ଏହି ବିଳାପରେ ଦେବତା ମାନଙ୍କ ଆସନ ଦୋହଲି ଗଲା, ସମୁଦ୍ର ଉଛୁଳି ଢେଉ ସବୁ କୂଳ ଲଙ୍ଘନ କଲା। ଦଶଗ୍ରୀବ ଏପରି ରାବକରି ବିକଳ ହେବାରୁ ମନ୍ତ୍ରୀମାନେ ତାଙ୍କୁ ଶିବସ୍ତୁତି କରିବାକୁ କହିଲେ। ସ୍ତୁତିରେ ମହାଦେବ ସନ୍ତୁଷ୍ଟ ହୋଇ ଦଶଗ୍ରୀବଙ୍କୁ ପୀଡ଼ାରୁ ମୁକ୍ତ କଲେ ଏବଂ କହିଲେ ହେ ଦଶଗ୍ରୀବ ! ଯନ୍ତ୍ରଣାରେ କାତର ହୋଇ ତୁ ଯେଉଁ ରାବ କଲୁ, ସେହି କାରଣରୁ ଆଜି ଠାରୁ ତୋର ନାମ ରାବଣ।

ଡା. ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ

# ଭୋଟର ତାଲିକାରେ ନାମ ନାଗରିକତ୍ୱ ନୁହେଁ !

ଧ୍ୱନିପ୍ରତିଧ୍ୱନି

ଭର୍ତ୍ତୃହରି ମହତାବ



ବିହାରର ଭୋଟର ତାଲିକାର ସମୀକ୍ଷା ବା ଗହନ ପୁନଃନିରୀକ୍ଷଣକୁ ବନ୍ଦ କରିବା ଆବେଦନକୁ ସୁପ୍ରିମକୋର୍ଟ ଅସ୍ୱୀକାର କରିଦେଇଛି । କିନ୍ତୁ ଆଧାର କାର୍ଡ, ରେସନକାର୍ଡ ଓ ଭୋଟର କାର୍ଡକୁ ମାନ୍ୟତା ଦେଇଛି । ଅର୍ଥାତ୍ ଏ ପ୍ରକାର କାର୍ଡକୁ ପରିଚୟପତ୍ର ଭାବେ ବିଚାରକୁ ନିଆଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛି । ଅବଶ୍ୟ ଏ ସଂକ୍ରାନ୍ତରେ ଏଯାଏ ଅନ୍ତିମ ନିର୍ଣ୍ଣୟ ନିଆଯାଇ ନାହିଁ । ଆଗାମୀ ଶୁଣାଣି ଜୁଲାଇ ୨୮ରେ ହେବ ଏବଂ ଯଦି ସମ୍ଭବ ହୁଏ, ତେବେ ସେଇଦିନ କୌଣସି ଠୋସ୍ ନିର୍ଣ୍ଣୟ ନିଆଯାଇପାରେ । କିନ୍ତୁ ଏବେ ସ୍ପଷ୍ଟ ହୋଇଯାଇଛି ଯେ ବିହାରରେ ପୁନଃନିରୀକ୍ଷଣ ପ୍ରକ୍ରିୟା ଯଥାବିଧି ଜାରି ରହିବ । ଲକ୍ଷ୍ୟ କରିବାର କଥା ହେଉଛି ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ କମିଶନକୁ ସଂକେତ ଦେଇଛନ୍ତି ଯେ ସେଠାରେ ଚାଲିଥିବା ପୁନଃନିରୀକ୍ଷଣ ଅଭିଯାନରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରେସନ କାର୍ଡକୁ ମଧ୍ୟ ବୈଧ ଦସ୍ତାବିଜ ଭାବେ ସାମିଲ କରିବା ଲାଗି ବିଚାର କରାଯାଇପାରେ । ଏମିତି ମଧ୍ୟ ସମ୍ଭବ ଯେ ନିର୍ବାଚନ କମିଶନ ପୁନଃନିରୀକ୍ଷଣ ପ୍ରକ୍ରିୟାରେ ଏହି ପରିବର୍ତ୍ତନ କରିଦେଇପାରନ୍ତି । ତେବେ ସୁପ୍ରିମକୋର୍ଟ କୌଣସି ଆଦେଶ ଦେଇନାହାନ୍ତି, କିନ୍ତୁ ନିଜର ଇଚ୍ଛା ପ୍ରତି ଇଙ୍ଗିତ କରିଦେଇଛନ୍ତି ।

ଏ ପୁନଃନିରୀକ୍ଷଣ ପ୍ରକ୍ରିୟା ସନ୍ଦର୍ଭରେ ପ୍ରାୟ ଦଶଟି ଆବେଦନ ଦାଏର ହୋଇଛି, ଯାହାମଧ୍ୟରୁ ଅଧିକାଂଶ ଆବେଦନ ବିରୋଧୀ ପକ୍ଷ ଦଳମାନଙ୍କ ଦ୍ୱାରା କରାଯାଇଛି । ଆରଜେଡି, ତୃଣମୂଳ କଂଗ୍ରେସ, କଂଗ୍ରେସ, ଏନସିପି, ସିପିଆଇ, ସିପିଆଇ(ଏମ୍‌ଏଲ୍), ଶିବସେନା (ଉଦ୍ଧବ), ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତାମାନେ ମଧ୍ୟ କମିଶନଙ୍କ ପଦକ୍ଷେପକୁ ଚାଲେଞ୍ଜ କରିଛନ୍ତି । ଏହି ଆବେଦନକାରୀଙ୍କ ପକ୍ଷରୁ ଦିଗ୍‌ଗଜ ଓକିଲମାନେ ମଧ୍ୟ ପୂରା ଉଦ୍ୟମ କରିଥିଲେ ଯେ ପୁନଃନିରୀକ୍ଷଣ କାର୍ଯ୍ୟ ଉପରେ ରୋକ ଲଗାଇ ଦିଅନ୍ତୁ, କିନ୍ତୁ ନିର୍ବାଚନ କମିଶନ ନିଜର ଯୁକ୍ତି ଓ ଦସ୍ତାବିଜ ପୂରା ପ୍ରସ୍ତୁତି ସହ ଉପସ୍ଥାପନ କରିଥିଲେ ।

ପୁନଃନିରୀକ୍ଷଣର କାମ ବାସ୍ତବରେ ନିର୍ବାଚନ କମିଶନ କରିଥାନ୍ତି ଓ ଏ କାମ ଯଦି ତାହା ନ କରିବ, ତେବେ କରିବ କିଏ ? ହଁ, ସୁପ୍ରିମକୋର୍ଟ ଦୁଇଟି ବିଷୟରେ ଆବେଦନକାରୀଙ୍କ ଶୁଣାଣିକୁ ଯୋଗ୍ୟ ବୋଲି ସ୍ୱୀକାର କରିଛନ୍ତି, ଗୋଟିଏ ହେଉଛି ପୁନଃନିରୀକ୍ଷଣର ସମୟ ଓ ଦ୍ୱିତୀୟ, ପୁନଃନିରୀକ୍ଷଣ ସମୟରେ ପେଶ୍ କରାହେବାକୁ ଥିବା ଦସ୍ତାବେଜ । ପୁନଃନିରୀକ୍ଷଣରେ ଆଧାର କାର୍ଡକୁ ପ୍ରମାଣ ଭାବେ ସ୍ୱୀକାର ନ କରିବା ନେଇ ନିଜ ନିର୍ଣ୍ଣୟ ସପକ୍ଷରେ ନିର୍ବାଚନ କମିଶନ ତତ୍‌କ୍ଷଣାତ କିଛି କହିପାରି ନାହିଁ । ନିର୍ବାଚନ କମିଶନ ପାଖରେ ଜୁଲାଇ ୨୧ ତାରିଖ ଯାଏ ସମୟ ଅଛି । ସୁପ୍ରିମକୋର୍ଟଙ୍କ ନିର୍ଣ୍ଣୟ କାରଣରୁ ନିର୍ବାଚନ କମିଶନ ଆଜି ସମାଲୋଚିତ ଯେ ହେଉଛଇ, ଏହା କମିଶନ ହେଜିବା ଦରକାର । ଭୋଟର ତାଲିକାରେ ବଭ୍ରାଟ ଥିବା ଅଭିଯୋଗ କିଛି ନୂଆ ନୁହେଁ । ଏବେ ପୁଣି ରାଜନୈତିକ ଦଳମାନେ ନିର୍ବାଚନ କମିଶନ ଉପରେ ଆରୋପ ଲଗାଇ ଚାଲିଛନ୍ତି । ତେଣୁ ଲୋକେ ମଧ୍ୟ ଚିନ୍ତିତ, ଅଭିଯୋଗ ହେବା ପରେ ନିର୍ବାଚନ କମିଶନ ଅନନ୍ୟୋପାୟ ହୋଇପଡ଼ିବା ଅପେକ୍ଷା ଠୋସ୍ ସମାଧାନ ସହିତ ସାମନାକୁ ଆସିବା ଦରକାର । ଏହା ହେଉଛି ନିର୍ବାଚନ କମିଶନଙ୍କ କାମ । ରାଜନୈତିକ ଦଳମାନଙ୍କୁ ତାହା ବିଶ୍ୱାସକୁ ନେବା ଦରକାର । ତା'ହେଲେ ସୁପ୍ରିମକୋର୍ଟଙ୍କ ଆବଶ୍ୟକ ପଡ଼ନ୍ତା ନାହିଁ ।

ସୁପ୍ରମିକୋର୍ଟ କହିଛି ଯଦି ନିର୍ବାଚନ କମିଶନକୁ ବିହାର ଭୋଟରତାଲିକାର ପୁନଃନିରୀକ୍ଷଣ କରିବା ବେଳେ ନାଗରିକତ୍ୱର ଯାଞ୍ଚ ମଧ୍ୟ କରିବାର ଥିଲା, ତେବେ ତାହା ବହୁ ଆଗରୁ କରିବାର ଥିଲା । ଏମିତି ବି ଦେଖିବାକୁ ଗଲେ ନାଗରିକତ୍ୱ ଯାଞ୍ଚ କରିବା ନିର୍ବାଚନ କମିଶନଙ୍କ କାମ ନୁହେଁ । ନିର୍ବାଚନ କମିଶନ ଅବଶ୍ୟ ସୁପ୍ରିମକୋର୍ଟକୁ ଆଶ୍ୱାସନା ଦେଇଛନ୍ତି ଯେ କୌଣସି ବ୍ୟକ୍ତିର ନାମ ତା'ର ଶୁଣାଣି ବିନା ଭୋଟର ତାଲିକାରୁ ବାଦ ଦିଆଯିବ ନାହିଁ । ତେବେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯେକୌଣସି ପରିଚୟପତ୍ରକୁ ନାଗରିକତ୍ୱର ପ୍ରମାଣ ବୋଲି କହିବା ଆଇନ ସମ୍ମତ ନୁହେଁ । ଯେତେବେଳେ ଆଧାର କାର୍ଡ ପ୍ରସ୍ତୁତ କରାହେଲା, ସେତେବେଳେ ବି ଏକଥା ଉଠିଥିଲା । ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଆଧାର କାର୍ଡ-ନମ୍ବର କେବଳ ଏକ ପରିଚୟପତ୍ର, ତାହା ନାଗରିକତ୍ୱ ନମ୍ବର ନୁହେଁ । ଏହାକୁ କେବଳ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ପାଇଁ ବ୍ୟବହାର କରାହେବ, ଯାହାଫଳରେ ହିତାଧିକାରୀଙ୍କ ପାଖରେ ସରକାର ପ୍ରଦତ୍ତ ସୁବିଧା ରିହାତି ହାରରେ ପହଞ୍ଚାଯାଇପାରିବ । ସୁପ୍ରିମକୋର୍ଟ ତେଣୁ କହିଛି, ଗଣତନ୍ତ୍ରର ମୂଳ ସହିତ ଭୋଟର ତାଲିକା ସଂଯୁକ୍ତ ଓ ଗଣତନ୍ତ୍ରର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ଲୋକ ବା ଜନତା । କିନ୍ତୁ ନିର୍ବାଚନ କମିଶନଙ୍କ ଦ୍ୱାରା ପୁନଃନିରୀକ୍ଷଣ ପ୍ରକ୍ରିୟା ଦ୍ୱାରା ଲୋକେ ହିଁ ସବୁଠାରୁ ଅଧିକ ଅସୁବିଧାରେ ପଡ଼ିଛନ୍ତି, ଏ ପୁନଃନିରୀକ୍ଷଣ ଭୋଟର ତାଲିକାରେ ହେଉଛି କିନ୍ତୁ ବାର୍ତ୍ତା ଯାଉଛି ଯେ ଏହା ଦ୍ୱାରା ନାଗରିକତ୍ୱ ସ୍ଥିର କରାଯାଉଛି, ଏଭଳି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଦ୍ୱାରା ଲୋକେ ଆଶ୍ୱସ୍ତ ହେବେ । ନିର୍ବାଚନ କମିଶନଙ୍କର ନାଗରିକତ୍ୱ ସହ କିଛି ସମ୍ବନ୍ଧ ହିଁ ନାହିଁ ।

ଏ ମାମଲା କେବଳ ବିହାର ଭିତରେ ସୀମିତ ନୁହେଁ, ଅନ୍ୟ ରାଜ୍ୟମାନଙ୍କର ଭୋଟର ତାଲିକାର ସମୀକ୍ଷା କିପରି ହେବ, ତାହା ବିହାରରେ ଗ୍ରହଣ ହେବାକୁ ଥିବା ପ୍ରକ୍ରିୟା ଉପରେ ନିର୍ଭର କରିବ । ଏ ଅବସ୍ଥାରେ ବିହାର ଉପରେ ନଜର ରହିବା ସ୍ୱାଭାବିକ । ସୁପ୍ରିମକୋର୍ଟ ପକ୍ଷରୁ ଶୀଘ୍ର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଲା ପରେ ବିବାଦର ଅନ୍ତ ହେବ ବୋଲି ବିଶ୍ୱାସ । ❒❒

# ଜୀବନ ରଥ:ଶ୍ରୀଜଗନ୍ନାଥ

ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି – ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ। ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ। ଶ୍ରୀଜଗନ୍ନାଥ କହୁଛନ୍ତି – ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ଭକ୍ତମାନେ କୁହନ୍ତି – ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି – ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

କଟକ
ମୋ : ୯୪୩୭୦୫୧୯୫୭

# ସଂପାଦକଙ୍କୁ ପତ୍ର

## ଚାଷୀଙ୍କୁ ଧାନ ବିହନ ଯୋଗାଇ ଦିଆଯାଉ

ମହାଶୟ,

ଆମ ରାଜ୍ୟ ଓଡ଼ିଶାରେ ଏବେ ବନ୍ୟା ବିପ୍ରାତ ଚାଲିଛି। ଏଥିରେ ବିଭିନ୍ନ ଜାଗାରେ ଘର ଭାଙ୍ଗି ଯିବା ଫଳରେ ଲୋକମାନେ ମୁଣ୍ଡ ଗୁଞ୍ଜିବାକୁ ହଇରାଣ ହରକତ ହେଉଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଘାଟ ଧୋଇ ହୋଇଯାଇଛି। ତା ପୂର୍ବରୁ ହଇଜା ବ୍ୟାପି ଥିବାରୁ ସେଥିପାଇଁ ଲୋକମାନେ ଆଶଙ୍କିତ ଅବସ୍ଥାରେ ଅଛନ୍ତି। ଚାଷ ଜମି କଥା ନ କହିବା ଭଲ । ସରକାର ଙ୍କ ତରଫରୁ ବନ୍ୟା କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ଉଭୟ ରନ୍ଧା ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆ ଯିବା ସହିତ କ୍ଷୟ କ୍ଷତି ର ଆକଳନ ଚାଲିଛି। ତେବେ ବର୍ତ୍ତମାନ ଅଧିକାଂଶ ଜାଗାରେ ଧାନ ଚାଷ ପାଇଁ ପଡ଼ି ଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ଚାଷୀ ମାନେ ବଭିନ୍ନ ସମୟରେ ଭିନ୍ନ ଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଚାଲିଛନ୍ତି । ଧାନ ମଣ୍ଡିରେ ହେଉ ଅବା ପନିପରିବା ବିକ୍ରିବଟା ଉପରେ ସବୁବେଳେ ଚାଷୀ ହଇରାଣ ହରକତ ହେଉଛି । ଏଭଳି କ୍ଷେତ୍ରରେ ଚାଷୀର ମନୋବଳ ଦୁର୍ବଳ ହୋଇପଡୁଛି । ବନ୍ୟା ଛାଡ଼ିଗଲା ପରେ ପୁଣି ଥରେ ତଳି ଉତାରି ଧାନ ଚାଷ କରିବା ପାଇଁ ଚାଷୀ ମାନଙ୍କ ପାଖରେ ଆଉ ସମୟ, ସମ୍ବଳ ଆଉ ଧର୍ଯ୍ୟ ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର କୃଷି ବିଭାଗ ଜରିଆରେ ଯୁଦ୍ଧ କାଳୀନ ଭିତ୍ତିରେ ଧାନ ତଳି ପକାଇ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଯୋଗାଇ ଦେବାର ସୁବନ୍ଦୋବସ୍ତ କରିବା ଜରୁରୀ ବୋଲି ମନେ ହୁଏ।

ଡ. ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ

# ରଙ୍ଗୀନ ଖାଦ୍ୟର ମାୟାଜାଲ

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ


ଲଗାଣ ବର୍ଷା ଭିତରେ ଗରମ କୋବି ମାଞ୍ଚୁରିଆନ, ରଙ୍ଗୀନ ମିଠା ଆଉ ପିଲାଙ୍କ କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗୀନ ଚୁସକି। ଏହାସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଛୋଟିଆ ଭାବେ ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ। ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଅର୍ଥ ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନହୋଇଥାଏ ଏହା ତ ପରର କଥା କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ଆପଣ ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ଭେଳିକି ଭେଳି ସଜା ହୋଇ ଯେଉଁ ଖାଇବା ଜିନିଷ ଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ଆମ ମାନଙ୍କ ପରି ବଡ଼ ଲୋକଙ୍କ ଆଖିରୁ ନଜର ଖସାଇ ପାରିନଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ ଲାଲ ଚିକେନ ତରକାରୀ ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ ହେଉ ବା ଚିକେନ କବାବ୍ ଦେଖିବାକୁତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବେଶ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ ଏହି ଭେଳିକି ଖାଦ୍ୟ ସବୁ ରଙ୍ଗୀନ କରିବା ପଛରେ ଯେଉଁ ଆର୍ଟିଫିସିଆଲ ଫୁଡ଼ କଲର ଯାହାକୁ କୃତ୍ରିମ ଖାଦ୍ୟରଙ୍ଗ କୁହାଯାଏ ସେ ସବୁ ରାସାୟନିକ ଫୁଡ଼ କଲର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ, ବିପଦଜ୍ଜନକ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିଗାଡ଼ି ଦେବା ପାଇଁ ଯଥେଷ୍ଟ ମଧ୍ୟ।


ଆସନ୍ତୁ ପ୍ରଥମେ ଆଗେ ପିଲାଙ୍କ ଖାଦ୍ୟରୁ ଆରମ୍ଭ କରିବା। ପିଲାମାନଙ୍କର ସବୁଠାରୁ ଲୋଭନୀୟ ହେଉଛି କଟନ କ୍ୟାଣ୍ଡି। କେହି କେହି ଏହାକୁ ବୁଢ଼ିଆ କି ବାଲ, କେହି କେହି ବମ୍ବେ ଲଡୁ, କେହି କେହି ବିଭିନ୍ନ ସ୍ଥାନୀୟ ନାମରେ ନାମିତ କରିଥାନ୍ତି। ଗାଁର ମେଳା ହେଉ ବା ଦୋଳଯାତ ବା ହାଟ ବଜାର ଫେରିବାଲାମାନେ ଗୋଲାପୀ ରଙ୍ଗର କଟନ କ୍ୟାଣ୍ଡି ବେଶ ହିନ୍ଦୀ ଗୀତର ସୁରିଲା ସ୍ୱରରେ ଡାକ ଦେଇ ବିକୁ ଥାନ୍ତି। କିନ୍ତୁ ଏସବୁ ଭିତରେ ଥିବା ବିଷାକ୍ତ ରଙ୍ଗ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଘାତକ। ଅନୁସନ୍ଧାନରୁ ଜଣାପଡ଼ିଛି ପିଲାଙ୍କ ଏହି ପ୍ରିୟ କଟନ କ୍ୟାଣ୍ଡିରେ ରୋଡ଼ାମାଇନ-ବିର ଏକ ବିଷାକ୍ତ ତତ୍ତ୍ୱ ରହିଛି। ଏହା ବିକ୍ରି ଉପରେ ତାମିଲନାଡୁ ଓ ପଣ୍ଡିଚେରୀ ସରକାର ନିଷେଧାଦେଶ ଜାରି କରିଛନ୍ତି। କଟନ କ୍ୟାଣ୍ଡିରେ ବ୍ୟବହାର ହେଉଥିବା ରୋଡ଼ାମାଇନ-ବି ଯାହାକି ଗୋଲାପୀ ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ଏହା ଶୀଘ୍ର ପାଣି ମିଳେଇ ଯାଏ ଏବଂ ଅତ୍ୟନ୍ତ ଶସ୍ତାମାନର। ଏହା ବିଶେଷକରି ଚମଡ଼ାଶିଳ୍ପ, କାଗଜ ଓ କପଡ଼ା ଶିଳ୍ପରେ ବ୍ୟବହାର ହୁଏ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏହାକୁ ଖାଦ୍ୟ ପଦାର୍ଥରେ ମିଶାଇବା ଉପରେ କଟକଣା ଲଗାଇଛନ୍ତି।

ଆମ୍ଭମାନଙ୍କର ଘରେ ବିଶେଷକରି ବର୍ଷାଳିଆ, ଥଣ୍ଡାଳିଆ ପାଗ ବା ଘରକୁ ଅତିଥି ଚର୍ଚ୍ଚା କ୍ଷେତ୍ରରେ କୋବି ମାନଚ୍ୟୁରିଆନକୁ ଭାରି ପସନ୍ଦ କରିଥାଉ। ଏହା ଏକ ଇଣ୍ଡିଆନ ଓ ଚାଇନିଜ ଫ୍ୟୁଜନ ଡିସ୍। କର୍ଣ୍ଣୋଫ୍ଲୋର, ମଇଦା, ବନ୍ଧାକୋବି ସସ୍‌କୁ ମିଶାଇ ଏହି ଚମତ୍କାର ପାଟି ଟକଳା ଖାଦ୍ୟରେ କ୍ରିସ୍ପି ଓ ସସର ଉପାଦାନ ରହୁଥିବାରୁ ଏହା ଆମ ଖାଦ୍ୟ ଟେବୁଲରେ ବଡ଼ ଜାଗାଟିଏ ନେଇଥାଏ। ରାସ୍ତାକଡ଼ର ଠେଲା ଗାଡ଼ିରୁ ବଡ଼ ବଡ଼ ରେଷ୍ଟୋରାଁରେ ଏହାର ଭାରି ଚାହିଦା। ନୁଡୁଲ୍ସ ଓ ଫ୍ରାଏଡ଼ ରାଇସ ସହିତ ମେନୁ ତାଲିକାରେ ଏହା ଥାଏ। କିନ୍ତୁ ଏହି ମାନଚ୍ୟୁରିଆନକୁ ରଙ୍ଗ କରିବା ପାଇଁ ଯେଉଁ ଫୁଡ କଲର ରହିଛି ଏଥିରେ ବି ରୋଡ଼ାମାଇନ-ବି ଓ କାର୍ମୋଇସିନ ପରି ରାସାୟନିକ ରଙ୍ଗ ଥିବାରୁ ଏହା କର୍କଟ ରୋଗର ବଡ଼ କାରକ। ଏହି ବିକ୍ରି ଉପରେ ନିକଟରେ କର୍ଣ୍ଣାଟକ ଓ ଗୋଆ ସରକାର ମଧ୍ୟ ନିଷେଧାଦେଶ ରଖିଛନ୍ତି। ଏଥିରେ କ୍ୟାଲୋରି, ସୋଡ଼ିୟମ ଓ ଫ୍ୟାଟର ମାତ୍ରା ଅଧିକ ଥିବାରୁ ଏହା ଲିଭର, ମୋଟାପଣ ଓ ଉଚ୍ଚରକ୍ତଚାପର କାରକ ପାଲଟିଥାଏ। ଏହା ପୂର୍ବରୁ ଆମେ ଚୁସକି କଥା ଉଲ୍ଲେଖ କରିଥିଲେ। ଲାଲ, ନୀଳ, ସବୁଜ, ହଳଦୀ ରଙ୍ଗର ବରଫ ଗୋଲା ମଧ୍ୟ ବେଶ ଖାଇବାକୁ ଭଲ ଲାଗେ। ରଙ୍ଗୀନ ବରଫ ଗୋଲାକୁ ଚୁସି ଚୁସି ଖିଆଯାଉଥିବାରୁ ଏହାର ନାମ ଚୁସକି। ତେବେ ଏହି ବରଫ ଗୋଲା ପ୍ରଥମତଃ ଅଧିକାଂଶ ଭାବେ ଦୂଷିତ ପାଣି ଓ ବିଷାକ୍ତ ମାନର ରଙ୍ଗୀନ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଝାଡ଼ା, ବାନ୍ତି, ତ୍ୱଚା ଆଲର୍ଜି ସହ ଦାନ୍ତ ପ୍ରତି ମଧ୍ୟ କ୍ଷତି ପହଞ୍ଚାଇଥାଏ। ଏହା ଦାନ୍ତରେ କ୍ୟାଭିଟ ମାତ୍ରାକୁ ବଢ଼ାଇଥାଏ ଏବଂ ଶରୀରର ଇମ୍ୟୁନିଟିକୁ ବ୍ୟବହାର କରିଥାଏ।

ସେହିପରି ମିଠା କଥା ଉଠିଲାମାତ୍ରେ ଅନେକଙ୍କ ପାଟିରୁ ଲାଳ ବୋହିଆସେ। ଆମ ମାନଙ୍କ ଖାଦ୍ୟ ତାଲିକାରେ ବା ଅତିଥି ଚର୍ଚ୍ଚା ହେଉ ବା ଉପହାର ନେବା ସମୟରେ ମିଠାକୁ ଗୁରୁତ୍ୱ ଦେଇଥାଉ। ଏହି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇନ ଗ୍ରୀନ, ଲାଲ ରଙ୍ଗ ପାଇଁ ସୁଡ଼ାନାଇଟର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ ଫୁଡ଼ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗୀନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ। ଏହା ପେଟ ସଂକ୍ରମଣ ସହ ଲିଭର ଓ କିଡ଼ନୀକୁ ଖରାପ କରିଦିଏ। ଆମେ ବିଷାକ୍ତ ଖାଦ୍ୟ ପ୍ରସଙ୍ଗରେ ଆଲୋଚନା କରୁଥିବାବେଳେ ଆସନ୍ତୁ କିଛି ମାରାତ୍ମକ ଅଥଚ ଆମ ଅଜାଣତରେ ବିଷ ଭରୁଥିବା ଫୁଡ କଲର ସମ୍ପର୍କରେ ଜାଣିବା। ସର୍ବପ୍ରଥମେ ରୋଡ଼ାମାଇନ-ବି ବିଷୟରେ ଜାଣନ୍ତୁ। ଏହାର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଚମଡ଼ା, କାଗଜ ଓ ପ୍ରସାଧନ, ବସ୍ତ୍ର ଶିଳ୍ପରେ ରଙ୍ଗ ଭାବେ ବ୍ୟବହାର ନିମିତ୍ତ କେବଳ ଅନୁମତି ରହିଛି। ଖାଦ୍ୟ ବ୍ୟବସ୍ଥାରେ ଏହାକୁ ବ୍ୟବହାର ପାଇଁ ନିଷେଧାଦେଶ ରହିଥିଲେ ମଧ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଓ ଦୋକାନୀ ଏହାକୁ ବ୍ୟବହାର କରି ଆପଣଙ୍କ ଶରୀରରେ ଲିଭର ଓ କ୍ୟାନସର ରୋଗର କାରକ ସାଜିଥାନ୍ତି। ସେହିପରି ମେଡ଼ିସିନ ଓ କସମେଟିକ ଶିଳ୍ପ ପାଇଁ ଅନୁମତି ଥିବା ସନସେଟ ୟେଲୋକୁ ଖାଦ୍ୟ ପ୍ରସ୍ତୁତିରେ ମିଶାଯାଉଥିବାରୁ ଏହା ଆଜମା ଓ ସ୍କିନ ଆଲର୍ଜି ପାଇଁ ଦାୟୀ। ସେହିପରି କାର୍ମୋଇସିନ ଫୁଡ଼ କଲର ଦେଖିବାକୁ ପୁରାପୁରି ଲାଲ ରଙ୍ଗ। ଯାହାକୁ ଆଇଏଆରସି କ୍ୟାଟାଗୋରୀ ଥ୍ରି କାର୍ସିନୋଜୋନରେ ଶ୍ରେଣୀଭୁକ୍ତ କରିଛି। କିନ୍ତୁ ଏହା ଅନୁମତି ନଥାଇ ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ମିଶୁଥିବାରୁ ଏହା ଲିଭର, କିଡ଼ନୀ, ସ୍କିନ ଓ ଶ୍ୱାସଜନିତ ସମସ୍ୟାର କାରଣ ପାଲଟିଥାଏ। ଖାଦ୍ୟ, ମିଠାକୁ ହଳଦିଆ ରଙ୍ଗ ପାଇଁ ବେଶ ଆକର୍ଷଣୀୟ କରୁଥିବା ସିନ୍ଥେଟିକ ଫୁଡ କଲର ଟାର୍ଟାଜିନ୍ ବାସ୍ତବରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅନୁମୋଦିତ ନୁହଁ। କିନ୍ତୁ ଏହି କେମିକାଲ ଖାଦ୍ୟରେ ମିଶୁଥିବାରୁ ଏହା ଶରୀରର ହରମୋନ, ଥାଏରଡ଼ ଗ୍ରନ୍ଥି, ଆନଜିଓଡ଼ିମା, ଏକଜିମା, ବ୍ରୋଙ୍କାଇଟିସ ଓ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ସବୁଠାରୁ ଜୀବନ ଘାତକ ହୋଇଥାଏ ଡ୍ରାଏ ଆଇସ୍। ବଜାରରେ ଏବେ ଏକ ଖାଦ୍ୟ ବା ମୃଦୁ ପାନୀୟ ଯାହା ଭିତରୁ ଏକ ଧଳା ଧୂଆଁ ଉଠିଥାଏ। କେବଳ ପିଲାମାନଙ୍କୁ ନୁହେଁ ବଡ଼ ଲୋକମାନଙ୍କୁ ମଧ୍ୟ ଏହା ଅତ୍ୟନ୍ତ ଆକର୍ଷିତ କରିଥାଏ। ତେବେ ଏହି ଡ୍ରାଏ ଆଇସ ବା ଶୁଖିଲା ବରଫ ହେଉଛି ବାସ୍ତବରେ କାର୍ବନ ଡାଇଅକ୍ସାଇଡ଼ର ଏକ ଭିନ୍ନ ରୂପ ଯାହା କଠିନ ସ୍ତରରେ ଥାଏ। ବିଯୁକ୍ତ ୮୦ଡିଗ୍ରୀ ତାପମାତ୍ରାରେ ଥିବା ଏହି ଡ୍ରାଏ ଆଇସ ସାଧାରଣ ବରଫ ତୁଳନାରେ ପାଖାପାଖି ୪୦ଗୁଣ ଅଧିକ ଥଣ୍ଡା। ବରଫ ପାଟିକୁ ଗଲେ ତରଳି ଯାଇଥାଏ କିନ୍ତୁ ଏହା ତରଳିଲେ ସିଧା କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ ନିର୍ଗତ କରୁଥିବାରୁ ଧୂଆଁ ଭାବେ ବାହାରକୁ ଦିଶେ କିନ୍ତୁ ବାସ୍ତବ କଥା ହେଉଛି ଫଟୋସୁଟ, ଥିଏଟର ଓ ମେଡ଼ିକାଲ ଜିନିଷ ସଂରକ୍ଷିତ ରଖିବା ପାଇଁ ଏହି ରାସାୟନିକ ପଦାର୍ଥଟି ଜଣେ ଯଦି ହାତରେ ସ୍ପର୍ଶ କରିବ ଏହା ହାତକୁ ଜଳାଇ ଦେବାର କ୍ଷମତା ରଖିଛି। ଏହା ଫୁସଫୁସ ପାଇଁ କ୍ଷତିକାରକ ଓ ପେଟ ଯନ୍ତ୍ରଣା, ବାନ୍ତି ସହ ଏହି ଧୂଆଁ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରି ସ୍ୱାସ୍ଥ୍ୟକୁ ଖୁବ କମ ସମୟ ଭିତରେ ବିଗାଡ଼ି ଦେବାର କ୍ଷମତା ରଖିଛି।ନିକଟରେ ବିଦେଶରେ ଭାରତୀୟ ମସଲାକୁ ନେଇ ବିବାଦ ଜୋର ଧରିଛି। ଭାରତର କେତୋଟି ପ୍ରମୁଖ କମ୍ପାନୀର ମସଲାରେ ଏଥିଲିନି ଅକ୍ସାଇଡ଼ ନାମକ ରାସାୟନିକ ପଦାର୍ଥ ମିଶିଥିବା ଅଭିଯୋଗ ପରେ ଏ ନେଇ ସରକାରୀ ସ୍ତରରେ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରି ଅନେକ ରଙ୍ଗୀନ ଖାଇବାର ବିଷଜାଲ ଯାହାକୁ ଆମେ ସଚେତନ ହୋଇ ମଧ୍ୟ ଜାଣିକି ବି ବ୍ୟବହାର କରୁଛେ ଓ ନିଶ୍ଚିନ୍ତ ସ୍ୱାସ୍ଥ୍ୟ ବିଗାଡ଼ିବା ବ୍ୟବସ୍ଥାକୁ ନିମନ୍ତ୍ରଣ କରୁଛେ କହିଲେ ଅତ୍ୟୁକ୍ତି ହେବନାହିଁ।

କଟକ,
ମୋ: ୯୪୩୭୦୨୩୪୪୩





## ଅମାନିଆ ଲୁହଝରେ

### ପ୍ରଶାନ୍ତ କୁମାର ଦାଶ



ଶୋଇଗଲେ ସହରଟା
ମନେପଡ଼ ବେଶି
ତୁମପାଇଁ ଆପେ ଆପେ
ଲୁହପଡ଼େ ଖସି।

ଆଖିଲୁହ ପିଇଯାଏ
ଏଇମୋର ଓଠ
ମୋ ମନ ଆକାଶେ ତୁମେ
ଜହ୍ନହେଇ ଉଠ।

ସ୍ମୃତିସବୁ ଛୁଇଁଯାଏ
ମୋର ମନ ପ୍ରାଣ
ସାରା ରାତି ଭାବନାରେ
ହୁଏ ତନୁ କ୍ଷୀଣ।

ତୁମ ବିରହରେ ପ୍ରିୟା
ଜଳେ କାଠପରି
ତଥାପି ପାଏ ତ ସୁଖ
ସପନକୁ ଧରି।


ଦିନ ରାତି ଆଖିକୋଣୁ
ଲୁହ ଯେତେ ଝରେ
ଛାତି ତଳେ ବିଛେଦର
କୋହ ସବୁ ମରେ।

ତଥାପି କରିଚି ଆଶା
ଫେରିବ କି ତମେ
ଗଢ଼ିଦେବା ସ୍ୱପ୍ନସୌଧ
ସାଥୀହେଇ ଆମେ।

କୁଞ୍ଜର-ସଙ୍ଗଲାଇ
ପିପିଲି, ପୁରୀ
ମୋ-୯୬୬୮୮୨୨୧୯୦

## ନୀରବତା

### ସୁଜିତ କୁମାର ମିଶ୍ର



ନୀରବତା ତମ ହେ ନୀଳ ନାୟିକା ନିଜର ଜମାନବନ୍ଦୀ,
ଯେଉଁ ଛଳଛଳ ରଙ୍ଗ ମୋହରେ ମୁଁ ଜହ୍ନରାତି ଅଭିସନ୍ଧି।
ନଈପରି ତମ ପୀରତି ପ୍ରବାହ ନୀରବତା ରୂପ କାନ୍ତି,
ମନ ଗହନରୁ ବରଷେ ସରାଗ ମଉନରାଗର ମୋତି।

କେତେ କମନୀୟ ଭାବରେ ହୋଇଛ କମ୍ର ନୀରବ ଚିଠି,
ହୁତାଶନ ନାହିଁ ହସିଲା ଆଷାଢ଼େ ବାସଫୁଲ ହୃଦକୋଠି।
ଚାହାଣୀ ତମର ନୀରବ ନିର୍ଝର ଚୋରା ଚଇତାଳି ଭାବ,
ସେଇ ନୀରବତା ତଟେ ମୁଁ ଶ୍ରଦ୍ଧାର ଶିରାବଣ ବଇଭବ।

ବେଶି ବେଶି ଲାଗ ଅପରୂପା ତମେ ନୀରବତା ବେଶଧାରେ,
ଲୁହରେ ତେଣୁ ମୁଁ କେତେ କୋଳାହଳ ଲକ୍ଷେମିଠା ଶ୍ରାବଣରେ।
ପାଖୁଡ଼ା ପାଖୁଡ଼ା ଦହନ ତାତିରେ ଯେବେ ମୁହିଁ ଫଟାଓଠ,
ନୀରବତା ତମ ସେବେ ସାଜୁଥାଏ ନୀଳପ୍ରୀତି ନଈଘାଟ।

ଏଇ ନୀରବତା ଯଦି ମାନମୟୀ ତମର ଅନ୍ତିମ ଇଚ୍ଛା,
ବିଭୋରପଣକୁ ସାଉଁଟିବି ସେଠୁ ସହି ବିରହର ବର୍ଚ୍ଛା।

ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର, ମୋ-୭୬୮୩୮୬୭୭୪୨

## କ୍ଷୁଦ୍ର ଗଳ୍ପ

# ଜଣେ ରିକ୍ସାବାଲାର କାହାଣୀ

### ସନ୍ତୋଷ କୁମାର ନାୟକ



ରିକ୍ସା ଚଳେଇ ଗୁଜୁରାଣ ମେଣ୍ଟାଉଥିବା ଲୋକଟିର ସ୍ୱପ୍ନ ବୋଲି ଯେ କିଛି ଥାଏ ସେକଥା ମନରୁ ପାଶୋରି ଯାଇଥିଲି। ହେଲେ ସେଦିନ ରିକ୍ସା ପଛରେ ବସିଥିବା ଦମ୍ପତିଙ୍କ କଥା ବାର୍ତ୍ତା ଶୁଣି ସ୍ୱପ୍ନ ଦେଖିବାକୁ ଇଚ୍ଛାହେଲା।

ସ୍ୱାମୀ ଜଣକ କହୁଥାନ୍ତି –'ଏଥର ବିବାହ ବାର୍ଷିକୀ ଏମିତି ପାଳିବା ଯେ ତାହା ଚିରକାଳ ପାଇଁ ସ୍ମରଣୀୟ ହେଇ ରହିଯିବ।'

ସ୍ତ୍ରୀ ଜଣକ ସାମାନ୍ୟ ଲାଜେଇ ଗଲା ଭଳି ଲାଗିଲେ। ହେଲେ ସ୍ୱାମୀଙ୍କ ଏ ପଦକ କଥା ବୋଧେ ତାଙ୍କୁ ଖୁବ୍ ଆନନ୍ଦ ଦେଇଥିଲା।

ସେ ସାମାନ୍ୟ ହସି ହସି କହିଲେ- 'କେମିତି ପାଳିବ, କ'ଣ କରିବ ମୁଁ ଜାଣେନା। ମୋର ଖାଲି ଭଲ ଉପହାର ଟିଏ ଦରକାର।'...

ସେମାନଙ୍କ ଆଉ କିଛି କଥା ମୁଁ ଶୁଣିନି। ଏମିତିରେ ଅନ୍ୟର କଥା ଶୁଣିବାକୁ ମୋତେ ଭଲ ଲାଗେନା। ହେଲେ ଏଇ କିଛି ପଦ କଥା ମୋତେ ସ୍ୱପ୍ନ ବିଭୋରିତ କରିଦେଲା। ବାହା ହେଇ ଦି ବର୍ଷ ହେଲାଣି। ସ୍ତ୍ରୀକୁ ଉପହାର ଦେବା କଥା ଦୂରେ ଥାଉ, ଦୁଇ ଓଳି ଦୁଇମୁଠା ଭଲରେ ଖାଇବାକୁ ମୁଁ ଦେଇପାରିନି। ହେଲେ ସେ କୌଣସି କଥାରେ ପ୍ରତିବାଦ କରିନି। ବିବାହ ପରଠୁ ମୋ ପାଦରେ ପାଦ ମିଶେଇ ବାଟଚାଲିଛି, ମୋ ଆଖିରେ ଆଖି ମିଶେଇ ଦୁନିଆ ଦେଖିଛି। ମୋ ହସରେ ହସିଛି, ଆଉ ମୋ ଦୁଃଖରେ ଲୁହଢ଼ାଳି ସହଧର୍ମିଣୀର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିଛି। ଭାବିଲି ଏଥର ବିବାହ ବାର୍ଷିକୀରେ ତାକୁ ଭଲ ଶାଢ଼ି ଟିଏ ଉପହାର ଦେବି। ଆସନ୍ତା ମାର୍ଚ୍ଚ ସତର ତାରିଖରେ ବିବାହ ବାର୍ଷିକୀ। ଟଙ୍କା ସଞ୍ଚୟ କରିବାକୁ ଲାଗିପଡ଼ିଲି। ହେଲେ ଦିନକୁ ଦଶ କୋଡ଼ିଏ ଟଙ୍କାରୁ ଅଧିକ ସଞ୍ଚି ପାରେନା। ବେଳେ ବେଳେ ତ ସାରା ଦିନର ରୋଜଗାର ତା ଠୁଁ କମ୍ ହୁଏ। ଯୋଉ ଦିନ ରୋଜଗାର କମ୍, ସେ ଦିନ ସଞ୍ଚୟ ଶୁନ। କାଲିକୁ ଖାଇବୁ ବୋଲି କ'ଣ ଆଜି ଉପାସ ରହିବୁ ନା କାଲିକି ପିନ୍ଧିବୁ ବୋଲି ଆଜି ଲଙ୍ଗଳା ରହିବୁ! ଧୀରେ ଧୀରେ ବିବାହ ବାର୍ଷିକୀ ପାଖେଇ ଆସିଲା। ସ୍ତ୍ରୀର ଅଜାଣତରେ ଲୁଚେଇ ରଖିଥିବା ମାଟି କୁମ୍ଭିଟିକୁ ଭାଙ୍ଗିଦେଲି। ମୋଟରୁ ବାହାରିଲା ଚାରିଶହ ପଚିଶ ଟଙ୍କା। ବହୁଦିନ ହେଲା ଏକ ସଙ୍ଗେ ଏତେ ଟଙ୍କା ଦେଖି ନ ଥିଲି। ସ୍ତ୍ରୀଙ୍କୁ ନ ଜଣେଇ ଏକ ମୁହାଁ ହେଇ ରିକ୍ସା ବାହିଲି କୋଣାର୍କ ଲୁଗା ଦୋକାନକୁ। ଅନ୍ନପୂର୍ଣ୍ଣା ବଜାରର ସବୁଠାରୁ ବଡ଼ ଲୁଗା ଦୋକାନ ଇଏ।

ଦୋକାନ ସାମନାରେ ଠିଆ ହୋଇଛି ଏକ ପ୍ଲାଷ୍ଟିକ କଣ୍ଢେଇ। ଦେଖିବାକୁ ଠିକ୍ ମୋ ସ୍ତ୍ରୀ ପରି। ଖାଲି ଫରକ ଏତିକି ଯେ ମୋ ସ୍ତ୍ରୀ ଖୁବ୍ ଗପୁଡ଼ି ଆଉ ଏ କଣ୍ଢେଇ ମୌନାମୁହିଁ। ସେ କଣ୍ଢେଇଟି ପିନ୍ଧିଥିଲା ଏକ ଜରିଲଗା ନାଲିଶାଢ଼ି। ସତରେ ତାକୁ ବେଶ୍ ମାନୁଥିଲା ଶାଢ଼ିଟା। ମନେ ମନେ ଭାବିନେଲି, 'ଏଇ ଶାଢ଼ିଟି ହିଁ ନେବି।'

ଦୋକାନୀଙ୍କୁ ଯାଇ ପଚାରିଲି- 'ଏଇ କଣ୍ଢେଇ ପିନ୍ଧିଥିବା ଶାଢ଼ିର ଦାମ୍ କେତେ ?'

ସେ କହିଲେ, 'ସାଢ଼େ ତିନିହଜାର।'

ଶାଢ଼ିର ଦାମ୍ ଯେ ଏତେ ହେଇପାରେ, ତାହା ମୋର କଳ୍ପନା ବାହାରେ ଥିଲା। ମନର ଭାବକୁ ମନଭିତରେ ଲୁଚେଇ ପଚାରିଲି, 'ଆଉ କିଛି ଶସ୍ତା ଅଛି ?'

ଦୋକାନୀ କହିଲେ,'ହଁ, ଅଛି। ଆମ ଦୋକାନରେ ସବୁଠାରୁ ଶସ୍ତା କହିଲେ ପନ୍ଦର ଶହ। ତା' ଠୁ ଶସ୍ତା ନାହିଁ।'

ମନେ ମନେ ଭାବିଲି, 'ଶାଢ଼ି ନା ସୁନା!'

ଅବଶ୍ୟ ଏ ଯାଏଁ କେବେ ବଣିଆ ଦୋକାନରେ ପଶିବାର ଧୃଷ୍ଟତା କରିନାହିଁ।

ଦୋକାନୀଠାରୁ ଶାଢ଼ିର ଦାମ୍ ଶୁଣି ମୁଁ ସେ ଦୋକାନରୁ ଫେରିଆସିଲି। ଫୁଟ୍ ପାଥରେ ଥିବା ଏକ ଲୁଗା ଦୋକାନରୁ ଚାରି ଶହ ଟଙ୍କା ଦେଇ ନାଲି ଶାଢ଼ିଟିଏ କିଣିଲି। ଶାଢ଼ିଟି ଯଦିଓ ସେ ଶାଢ଼ିପରି ଏତେ ସୁନ୍ଦର ନଥିଲା, ତଥାପି ମୋ ସ୍ତ୍ରୀକୁ ଏହା ବେଶ୍ ମାନିବ ଏ କଥା ମୁଁ ଜାଣେ।

ରାତି ପାହିଲେ ମାର୍ଚ୍ଚ ସତର ତାରିଖ। ଆମ ବିବାହ ବାର୍ଷିକୀ। ବଡ଼ ଲୋକମାନେ ତ ରାତି ବାରରେ ହିଁ ଏହାକୁ ପାଳନ କରନ୍ତି। ମୋ ଆଖିରେ ନିଦ ନଥାଏ। ସ୍ତ୍ରୀ କିନ୍ତୁ ମୋର ନିଘୋଡ଼ ନିଦରେ ଶୋଇଥାଏ। ମୋତେ ଲାଗିଲା କାଲିଯାଏଁ ମୁଁ ଆଉ ଅପେକ୍ଷା କରିପାରିବିନି। ବାକ୍ସ ଭିତରେ ଲୁଚେଇ ଥିବା ଶାଢ଼ିଟିକୁ ବାହାର କରି ଆଣିଲି। ତା ପରେ ସ୍ତ୍ରୀକୁ ନିଦରୁ ଉଠେଇଲି। ସେ ନିଦରୁ ଉଠି ପଚାରିଲା, 'କ'ଣ ହେଲା ? ଏତେ ରାତିରେ କାହିଁକି ଉଠେଇଲ ?'

ମୁଁ ଶାଢ଼ିଟିକୁ ତା' ଆଡ଼କୁ ବଢ଼େଇଦେଇ କହିଲି 'ବିବାହ ବାର୍ଷିକୀର ଅନେକ ଅନେକ ଶୁଭେଚ୍ଛା।'

ସେ ଖୁସିରେ ଆତ୍ମହରା ହୋଇଗଲା। ତା' ପାଟିରେ ଭାଷା ନଥିଲା। ଆଖିରେ କିନ୍ତୁ ଲୁହ ଜକେଇ ଆସିଥିଲା! ମୋତେ ଜୋରରେ କୁଣ୍ଢେଇ ପକେଇ ସେ କହିଲା, 'ଥାଙ୍କ୍ ୟୁ।'

ରାତି ବାର। ପ୍ରତିଦିନ ଏ ସମୟରେ ଆମେ ଘୁଙ୍ଗୁଡ଼ି ମାରୁ। ଆଜି କିନ୍ତୁ କୋଉ ଅଜଣା ରାଇଜର ଚୋର ଆସି ଆମ ଆଖିର ନିଦକୁ ଚୋରେଇ ନେଇଛି। ମୋ ସ୍ତ୍ରୀ ମୁହଁ ଧୋଇଲା ଆଉ ଆଇନାଟିଏ ଧରି ସଜେଇ ହେଲା। ଆମ ବସ୍ତିରେ ଏତେ ରାତିରେ ଶୃଙ୍ଗାର ହେବାରେ ବୋଧେ ମୋ ସ୍ତ୍ରୀ ପ୍ରଥମ। ଖୁବ୍ ଅଳ୍ପ ସମୟ ମଧ୍ୟରେ ମୁଁ ଆଣିଥିବା ନାଲି ଶାଢ଼ି ପିନ୍ଧି ସେ ସାଧବ ବୋହୂ ପରି ଦିଶୁଥିଲା। ତାପରେ ଆମେ ଦୁହେଁ ପାଖାପାଖି ବସି ଖୁବ୍ ଗପିଲୁ। ପ୍ରଥମଥର ପାଇଁ ଆମ ଗପର ଶିରୋନାମା ଥିଲା 'ପ୍ରେମ'। ତେଲଲୁଣର ସଂସାର ଭିତରେ ଆମେ ପ୍ରାୟତଃ ଅଭାବ ଅନଟନ କଥା ହିଁ ଗପୁ। ଆଜି ରାତିଟା କିନ୍ତୁ ଆମ ପାଇଁ ଖୁବ୍ ନୂଆ ଅନୁଭୂତି ଆଣି ଦେଇଥିଲା। ଝରକା ଖୋଲିଦେଲି। ଦେଖିଲି, ଆକାଶର ଚାନ୍ଦ ବି ଆଜି ଖୁବ୍‌ଖୁସି। ବୋଧ ହୁଏ ସେ ବି ଏ ଅଭାବୀ ମଣିଷର ଖୁସିରେ ସାମିଲ ହେଇଛି।

ମୋ ସ୍ତ୍ରୀ କହିଲା, 'ଜାଣିଛ ! ଧନୀ ଲୋକମାନେ ଏମିତି ଦିନ ମାନଙ୍କରେ କେକ୍ କାଟନ୍ତି। ଚାଲ ନା ଆମେ ବି ସେମିତି ପାଳିବା।'

ମୁଁ କହିଲି,'ହେଲେ ଏତେ ରାତିରେ କେକ୍ କୁଆଡୁ ଆଣିବା। ତାପରେ ତୁମେ ତ ସବୁ ଜାଣିଛ !'

ମୋ ସ୍ତ୍ରୀ କହିଲା, 'ରୁହ। ମୁଁ ବ୍ୟବସ୍ଥା କରୁଛି।'

ଏହା କହି ସେ ରୋଷେଇ ଘରୁ କିଛି ବାସି ଭାତ ନେଇ ଆସିଲା। ତାକୁ ଗୋଟେ ପ୍ଲେଟରେ ରଖି କେକ୍‌ର ଆକାର ଦେଲା। ଆମେ ଦୁହେଁ ମିଶି କେକ୍ କାଟିଲୁ। ସେଦିନର ଏକ ମାତ୍ର ଗେଷ୍ଟ ଥିଲା ଜହ୍ନ। ମୁଁ ଜୀବନରେ କେବେ କେକ୍ ଖାଇଛି କି ନାହିଁ ମନେନାହିଁ। ହେଲେ ମୁଁ ଏତିକି ନିଶ୍ଚିତ ଯେ ସେଦିନର ବାସି ଭାତ କେକ୍‌ର ସ୍ୱାଦ ଦାମିକା ଆଇସ୍ କେକ୍‌ଠୁ ଖୁବ୍ ଅଧିକ।

ବିଷମ କଟକ, ରାୟଗଡ଼ା

# ରମାନାନୀ

### ସନ୍ତୋଷ ମିଶ୍ର



ସ୍ଥାନ କାଳ ପାତ୍ର ଭୁଲି କାମବାଲୀ ରମା ଏବେ ଘରେ ଥିବା ଜିନିଷ ମାଗିଲେ ମଧ ରମାକୁ କାମକୁ ଆସିବାକୁ ମନା କରିହେଉନଥିଲା କାରଣ ଘର ତୋଳା ଯୋଗୁଁ ଜିନିଷପତ୍ର ଓ ଘରଦ୍ୱାର ସବୁ ଅବ୍ୟସ୍ଥିତ ଅବସ୍ଥାରେ ପଡ଼ି ରହିଥିଲା ଦାଣ୍ଡରୁ ବାଡ଼ି ଯାଏଁ। ଘରର ଚାରିପଟେ ବାଉଣ୍ଡାରୀ ବ୍ୟବସ୍ଥା ସୁଦୃଢ଼ ଥିଲା ତ ଜିନିଷପତ୍ର ବାରିପଟେ ଖେଳେଇ ପଡ଼ିରହିବାରେ ସିନା ବିପଦ ନଥିଲା, କିନ୍ତୁ ସେସବୁ ଅଦରକାରୀ ଭାବି କି କ'ଣ କେଜାଣି ରମା କେବେ ମାଗୁଥିଲା ଗରା ତ କେବେ ମାଗୁଥିଲା ପିତଳ କୁଣ୍ଡ। ପ୍ରେସକୁକର, ଥର୍ମୋଫ୍ଲାସ, ବାଲ୍ଟି, ପ୍ଲାଷ୍ଟିକ୍ ଚେୟାର ପାଇଯିବା ପରେ ତାକୁ ମାଗିବାର ନିଶା ଘାରିଥିଲା କି କ'ଣ କେଜାଣି ତା ପ୍ରକୃତି ଛାଡୁନଥିଲା। ବାଧହୋଇ ସ୍ୱାମୀଙ୍କୁ ଜଣାଇଲେ ପ୍ରୀତି। ସ୍ୱାମୀ କହିଲେ ଦୁନିଆରେ କେହି କେବେ ଭଙ୍ଗା ଦ୍ରବ୍ୟଟିଏ ଆପଣେଇବାକୁ ଚାହେଁନାହିଁ। କୌଣସି କୃଷକ ବଢ଼େଇ ଠାରୁ ଭଙ୍ଗା ଲଙ୍ଗଳ ବା କମାର ଠାରୁ ଭଙ୍ଗା ଫାଳଟିଏ କିଣେ ନାହିଁ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ଦାର୍ଶନିକ ଭାବଧାରା ଠିକ୍ ଏହି କୃଷକ ଭଳି। ସେ ମଧ୍ୟବିତ୍ତ ହେଉ ଅବା ଶିଶୁ। ଛୋଟ ପିଲାଟିଏ ଭଙ୍ଗା ସିଲଟ ବଦଳରେ ନୂଆ ସିଲଟ କିଣିବାକୁ ଅଳି କରିବା ଯେମିତି ଠିକ୍ ଆମ ପୁଅର କାର୍‌ରେ ଟିକେ ଦାଗ ବସିଗଲେ ତା ମନ କେତେ ଖରାପ ହୁଏ ତାର କାରଣ ମଧ ସେଇ ଅଭଙ୍ଗା ଦୁନିଆରେ ଭଙ୍ଗା ମନ ଓ ଯାନଟି ପାଇଁ। ଝିଅ ତୁମକୁ ଠିକ୍ ସମୟରେ ଔଷଧ ଖାଉଛୁ ନା ନାହିଁ ସବୁଦିନ କାହିଁକି ପଚାରି ବୁଝେ ଜାଣିନ! ମାଆର ଭଙ୍ଗା ସ୍ୱାସ୍ଥ୍ୟ ପୁଣି ଫେରିଆସୁ ବୋଲି ତ! ତେଣୁ ଭାଙ୍ଗିଯାଇଥିବା ଜିନିଷ କାହାର ପସନ୍ଦ ନୁହେଁ। ସ୍ୱାମୀଙ୍କ ଏତେ ଦର୍ଶନରୁ ପ୍ରୀତି ଏତିକି ବୁଝିଲେ ଯେ ଏଣିକି ରମା ମାଗୁଥିବା ଜିନିଷ ସବୁକୁ କଣା, ଫଟା, ଚିରା, ଦାଗି ବୋଲି କହିବାକୁ ପଡ଼ିବ।

ଗରାଟା ସେଠି ଗଡୁଛି ମାଆ ମତେ ଦେଇଦିଅନ୍ତୁ କହୁଥିଲା ରମା ତ ପ୍ରୀତି କହିଲେ କଣାଟା ତ ରମା କହୁଥିଲା ହଉ ତାଳି ପକେଇଦେଇ ପାଣି ରଖିବି ନାତି ପାଇଁ। ଖଟ ଉପରେ ପଡ଼ିଥିବା ପ୍ଲାଷ୍ଟିକ ମସିଣା ନାତୁଣୀ ଶୋଇବାକୁ ମାଗୁଥିଲା ରମା ତ ଛିଣ୍ଡା ବୋଲି କହିବାରୁ ପ୍ରୀତି ରମା ତା ସଙ୍ଗେ ଗନ୍ଥା ଖଣ୍ଡେ ଦେବ ଯେ ପକାଇ ନାତୁଣୀକୁ ଶୁଆଇ ଦେବ କହୁଥିଲା। ଖୋଜିଲା ବେଳକୁ ଗରା ତା ସ୍ଥାନରେ ନଥିଲା କି ଗୋଟେ ବି ଗନ୍ଥା ଘରୁ ମିଳୁନଥିଲା। ଏସବୁ ବିଷୟରେ ସ୍ୱାମୀଙ୍କୁ ପଚାରିବାରୁ ସେ କହିଲେ ସେସବୁ କଥା ଛାଡ଼ ରମା ଆଉ କ'ଣ ମାଗୁଥିଲା କୁହ। ହଁ କହୁଥିଲା ବାବୁ ତ ଅବସର ପରେ ପିଲାଙ୍କୁ ପଢ଼େଇବେ ବୋଲି ଡୁଆଲ ଡେସ୍କ ବେଞ୍ଚ କରିଛନ୍ତି ଏତେ; ସେଇଥିରୁ ଗୋଟେ ଦେଲେ ମୋ ନାତି ନାତୁଣୀଙ୍କ ଔଷଧ ପତ୍ର ରଖନ୍ତି। ତା ଆରଦିନ ରମା କାମ ସାରି ଧଡ଼ପଡ଼ ହୋଇ ରୁଟି ତରକାରି ନଖାଇ କୁଆଡ଼େ ଗଲା ବୋଲି ଦୁଆର ଫିଟାଇ ଦେଖିଲା ବେଳକୁ ରମା ସ୍ୱାମୀ ଦେଇଥିବା ଡୁଆଲ ବେଞ୍ଚଟିକୁ ମୁଣ୍ଡେଇ ଆଗେଇ ଯାଉଛି ରାସ୍ତାରେ। ତା ପରଦିନଠୁ ରମାର ଦେଖା ନଥିଲା। ସ୍ୱାମୀଙ୍କୁ ପଚାରିବାରୁ ସେ କହିଲେ ଦରମା ସାଙ୍ଗକୁ ଡୁଆଲ ଡେସ୍କ ଫ୍ରିରେ ଦେଇ ମୁଁ ତାକୁ ବିଦା କରିଛି। ଆଉ କହିଲେ ଆସିବୁ କାମ କରିବାକୁ ବୋଲି କହିଦେଇଛି। ଛୁଟିରେ ପୁଅବୋହୂ ଓ ଝିଅଜୋଇଁ ସହିତ ଟିକି ନାତିନାତୁଣୀ ଆସି କହୁଥିଲେ ନାହିଁ ମାମୁଠାରୁ କଣା ମାମୁ ଭଲ ନ୍ୟାୟରେ ଆସୁଥିଲା ରମା। ମାଆ ତୁ ତ ନିଜେ କହୁ ଯିଏ କିଛି ମାଗୁଛି ତୁମ ପାଖରେ ଯଦି ଅଛି ତାକୁ ଦେଇଦିଅ। ତେବେ ଅସୁବିଧା କୋଉଠି ରହିଲା! ସ୍ୱାମୀ କହୁଥିଲେ ସେ ରମା ପରା ମାର୍କେଟ୍‌ରେ ଦେଖା ହୋଇଥିଲା ଯେ କେବେ କାମକୁ ଆସିବ ପଚାରିବାରୁ ଆଉ ଗୋଟେ ଦିନ ଯାଉ କହିବି କହିଲା। ସମସ୍ତେ ଆଁ କରି ସ୍ୱାମୀଙ୍କୁ ଚାହିଁଥିଲା ବେଳେ ସ୍ୱାମୀ କହୁଥିଲେ ନିଜ କାମ ନିଜେ କରିବା ଭଲ। ପୁଅ କହୁଥିଲା- ହଁ ମାଗିବାଟା ଗୋଟେ ମାନସିକ ବିକୃତି ବୋଲି ମନସ୍ତତ୍ତ୍ୱବିତ୍ କହୁଛନ୍ତି ତ ଝିଅ କହୁଥିଲା ଏଥର ପୂଜାକୁ ମତେ ବାନାରସ ପାଟଦେବ ବାପା। ବାପା କହୁଥିଲେ, ଆଉ ଗୋଟେ ଦିନ ଯାଉ ମନେପକାଇ କହିବୁ ତ ପ୍ରୀତି ହସିବେ ନା କାନ୍ଦିବେ ବୁଝିପାରୁନଥିଲେ। ଏତିକିବେଳେ ଝିଅ କହୁଥିଲା- ମୁଁ କ'ଣ ରମା! ତାକୁ ଗରା ନ ଦେଇ ଡୁଆଲ ଡେସ୍କ ଦେଇ ବିଦା କରି କହୁଛ କ'ଣ ନା ଆଉ ଗୋଟେ ଦିନ ଯାଉ କହିବୁ! ଏଥର ବାପା ହସୁଥିଲେ ଅର୍ଥପୂର୍ଣ୍ଣ ଭାବେ। ତା ଆରଦିନ ରମା ପହଞ୍ଚିଥିଲା ନାତି ନାତୁଣୀଙ୍କ ସହିତ। ପୁଅ ତା ପୁଅର ଡ୍ରେସ ତା ନାତିକୁ ଦେଇଥିଲା ତ ଝିଅ ତା ଝିଅର ଡ୍ରେସ୍ ରମା ମାଉସୀ ନାତୁଣୀକୁ ଦେଇଥିଲା। ପ୍ରୀତି, ରମାକୁ ନାନୀ ଡାକି ଏମିତି ଚର୍ଚ୍ଚା କରୁଥିଲେ ଯେ ସ୍ୱାମୀ-ପୁଅ-ଝିଅ ଫୁସୁଫୁସୁ ହେଉଥିଲେ ଅଦୂରରେ।

ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

## ଆଶାର ଆଶାବରୀ

### ଅନସୂୟା ପଣ୍ଡା



ଛାଇ ଛାଇ ଡାହାଣିଆ ଖରାରେ
ଦେଖିବ ନିଛକ କଅଁଳପତ୍ର ପରି
ଝଲସି ଉଠୁଥିବା କପାଳରେ
ମାଡ଼ିଆସେ ଅଦିନ ଝଡ଼ର ସ୍ୱର।
ଅସମର୍ଥ ଝରକାଏ ପ୍ରଚେଷ୍ଟା
ରୋକିବାକୁ ଦହଗଞ୍ଜ ସମୟର ଚକ୍ର
ବାଳ ସବିତାର ଅସ୍ତାଚଳ କାନିରେ
ଲେଖିବ ଶେଷ ଶବ୍ଦ ନିର୍ମୋହ କାମନାର।
କେହି ଜଣେ ଲେସି ଦେଇଥାଏ
ନାରଙ୍ଗୀ ରଙ୍ଗ ବିବଶ ବେଳାର
ପାପୁଲିଏ ସଂକଳ୍ପ ନେଇ
ବହୁ କିଛି ଅଜଣା ଅବୁଝା ରହି।
ଜଳିବାକୁ ପଡ଼େ ସଳିତାଟେ ହୋଇ
ଚଉଁରା ମୂଳରେ ବିଜନ ବେଳାରେ
ସ୍ପନ୍ଦିତ ତାରୁଣ୍ୟରେ ମନତଳ ଅନ୍ଧାର କରି
ଲେଖିଦିଏ ଆହତ ସମୟ ପିଠିରେ
ଆଶାବରୀ ଅପହଞ୍ଚ ମୋ ଆଶାର ସହରୀ।

ବୁର୍ଲା, ସମ୍ବଲପୁର
ମୋ-୮୩୨୮୯୪୫୮୮୫

## ସ୍ୱପ୍ନର ସୂର୍ଯ୍ୟୋଦୟ

### ସୁମନ ଲେଙ୍କା



ଏ ରାତି କେବେ ସରିବ ଜଣାନାହିଁ
ପ୍ରହର ପରେ ପ୍ରହର ବିତି ଚାଲିଛି
ଗାଁ ମୁଣ୍ଡରେ ଥିବା ଥୁଣ୍ଟା ବରଗଛ
କାହିଁ କେଉଁ କାଳରୁ ତପସ୍ୟାରେ ମଗ୍ନ।

ଲୋଡ଼ା ନାହିଁ ତାର ଠାକୁର ହେବା,
ଲୋଡ଼ା ନାହିଁ ତାର ଧୂପ,ଝୁଣା
ନୀଳକଣ୍ଠ ହୋଇ ଚିରଦିନ
ବଞ୍ଚିବାକୁ ଚାହେଁ ନାହିଁ ସେ,
ସେ ଅପେକ୍ଷା କରିଛି
ଏକ ଦିବ୍ୟ ସକାଳର।

ଛଳନା, ପ୍ରତାରଣା ଭିତରେ
ପ୍ରତିଶ୍ରୁତି ଅପମିଶ୍ରିତ
ଚାରିଆଡ଼େ ଅସୁସ୍ଥ ଅସହାୟତା
ଆଜି ମଧ୍ୟ କଣ୍ଟାଳିଆ ଜିଭମାନଙ୍କ ଭିଡ଼।

ମହୁଫେଣାରୁ ମହୁମାଛି ମହୁ
ଶୋଷି ଉଡ଼ିଯିବା ପୂର୍ବରୁ
ଫଗୁଣ ଆସିବ ନୂଆ ରଙ୍ଗ ନେଇ
ବରଗଛରେ ପୁଣି କଅଁଳିଆ ପତ୍ର ଧରିବ
କିଚିରି ମିଚିରି ଶବ୍ଦକରି
ପୁଣି ପକ୍ଷୀମାନେ ବାହୁଡ଼ି ଆସିବେ।

ଅଲଣା ନଂ-୨, ବଛାଲୋ,
ନାଉଗାଁହାଟ, ଜଗତସିଂହପୁର
ମୋ-୭୮୪୮୦୬୨୫୧୦

## ଖୋଜିହେଲି

### ଗଜାନନ ମିଶ୍ର

ଉଠିଲା ଆଙ୍ଗୁଠି,
ଛିଡ଼ା ହେଲ ତମେ।
ଉଠିଲା ପଥର,
ବସିଲ ତମେ।
କହିଲି ମୁଁ
ନାଟକର ଆରମ୍ଭ
ଏଇଠୁ।
ଦେଖିଲା କିଏ,
ପଢ଼ିଲା କ'ଣ,



ଆଖି ଅନ୍ଧ।
ଉଠିଲା ହାତ
ଉପରକୁ ଉପରକୁ,
ଖସିଲା ମାଟି ତଳୁ।
ନୀରବ ଚୌକି,
ଥିଲ ତମେ।

ସବୁ ପବନ
ସବୁ ପାଣି ତମେ।
ଖୋଜି ହେଲି ଏଇଠି
ମୁଁ ମତେ ପାଇବାକୁ
ନାଇଁ ନାଇଁ ଭିତରେ।

ତପୋବନ,
ଟିଟିଲାଗଡ଼, ବଲାଙ୍ଗିର

ଏଇ ପୃଷ୍ଠାପାଇଁ ଗପ ଓ କବିତା ପଠାଇବାକୁ ଚାହୁଁଥିଲେ ପଠାଇପାରିବେ। ନୂଆ ଲେଖକ/ଲେଖିକାଙ୍କୁ ପ୍ରାଥମିକତା ଦିଆଯିବ। ମେଲ୍ କରନ୍ତୁ:
Prajatantrasahitya@gmail.com

# ରେଳ ବିଭାଗରେ ଚାକିରି ନାଁରେ ଠକେଇ

ଜୟପୁର, (ହି.ସ.) - କୋରାପୁଟ ଜିଲ୍ଲା ଜୟପୁର ସଦରଥାନାରେ ରେଳ ବିଭାଗରେ ଚାକିରି କରାଇବା ନାମରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗ ନେଇ ପୀଡିତ ଲିଖିତ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ତଦନ୍ତ ଆରମ୍ଭ କରିଥିବା ନେଇ ସୂଚନା ମିଳିଛି । ମାମଲା ଅନୁଯାୟୀ, ଜୟପୁର ସଦରଥାନା ହାଡିଆ ପଂଚାୟତର ଖଇରିମୁଣ୍ଡି ଗ୍ରାମର ପ୍ରହ୍ଲାଦ ହରିଜନ ଗତ ୬ରୁ ୭ ମାସ ପୂର୍ବେ ସ୍ଥାନୀୟ କାଳିଆ ଗାଁର ବାସିନ୍ଦା ତଥା ବର୍ତ୍ତମାନ ଆମ୍ବାଗୁଡ ଠାରେ ରହୁଥିବା ମନୋଜ କୁମାର ନାୟକଙ୍କ ସହିତ ଅଭି ନାମକ ଜଣେ ଖ୍ରୀଷ୍ଟଧର୍ମ ପାଷ୍ଟରଙ୍କ ଜରିଆରେ ପରିଚୟ ହୋଇଥିଲା । ଏହିପରି ଅଭିଯୁକ୍ତ ମୋନଜ ରେଳ ବିଭାଗରେ ଅଭିଯୋଗକାରୀ ପ୍ରହ୍ଲାଦଙ୍କ ଝିଅ ଓ ଶଳାଙ୍କୁ ରେଳବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ କରାଇଦେବା ନେଇ କହିଥିଲେ । ଉଭୟଙ୍କୁ ଚାକିର ବାବଦକୁ ୫ ଲକ୍ଷ ଟଙ୍କା ଲାଂଚ ନେବାକୁ ପଡିବ ବୋଲି କହିଥିଲେ । ତେଣୁ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ଅଭିଯୋଗକାରୀଙ୍କୁ କହିଥିଲେ । ଏହିପରି ଅଭିଯୋଗକାରୀଙ୍କ ଉଭୟ ଝିଅ ଓ ଶଳା ଅନଲାଇନ ମାଧ୍ୟମରେ ଆବେଦନ କରଥିଲେ । ଏହିପରି ଅଭିଯୁକ୍ତ ମନୋଜଙ୍କ ଉପରେ ପୀଡିତଙ୍କ ଆଶା ଓ ଭରସା ବୃଦ୍ଧି ପାଇଥିଲା । ଏହାପରେ ଫୋନ ପେ ମାଧ୍ୟମରେ ପୀଡିତ ଅଭିଯୁକ୍ତଙ୍କୁ ଗତ ଏପ୍ରେଲ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହିପରି ଗତ ଜୁନ ୨୬ ତାରିଖରେ ବିଶାଖପାଟଣା ରେଳ ବିଭାଗର ଡିଆର୍‌ଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଅଭିଯୁକ୍ତ ମନୋଜ ପୀଡିତଙ୍କୁ ବାହାରେ ରହିବାକୁ କହିବା ସହ ଭିତରକୁ ଯାଇ ନିଯୁକ୍ତି ପତ୍ର ଆଣିବାକୁ କହି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ । ବାହାରେ ଅପେକ୍ଷା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଡିତ ନ ଫେରିବାରୁ ଅଭିଯୁକ୍ତଙ୍କୁ ଫୋନ କରିଥିଲେ । କିନ୍ତୁ ତାଙ୍କର ଫୋନ ସୁଇଚ ଅଫ ରହିଥିଲା । ଏହିପରି ସଂଧ୍ୟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସହିତ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତ ନିରାଶ ହୋଇ ନିଜଗ୍ରାମକୁ ଫେରି ଆସିଥିଲେ । ଏହିପରି ଅଭିଯୁକ୍ତ ରହୁଥିବା ଆମ୍ବାଗୁଡା ଘରକୁ ଯାଇଥିଲେ, କିନ୍ତୁ ତାଙ୍କ ଘରରେ ତାଲା ପଡିଥିବା ଯୋଗୁଁ ସାହିପଡିଶାଙ୍କୁ ପଚାରିବାରୁ ସେ ଘର ଛାଡି ଚାଲିଯାଇଥିବା ନେଇ କହିଥିଲେ । ଏହିପରି ତାଙ୍କର ନିଜ ଗ୍ରାମ କାଳିଆଗାଁକୁ ଯାଇଥିଲେ, କିନ୍ତୁ ସେଠାରେ ମଧ ତାଙ୍କର କୌଣସି ଦେଖା ମିଳିନଥିଲା । ଏହାପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଚମ୍ପୁଆ, (ହି.ସ.): ଗତ କିଛି ଦିନ ଧରି ଚମ୍ପୁଆ ଅଂଚଳରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ଲଗାଣ ବର୍ଷା ଯୋଗୁଁ କଚା ଘରଗୁଡିକୁ ବିପଦ ସୃଷ୍ଟି ହୋଇଛି । ବର୍ଷା ବିପ୍ରାତ ଯୋଗୁ ଅନେକ ସ୍ଥାନରେ ଘର ଭାଙ୍ଗି ଗରିବ ଓ ଆଦିବାସୀ ଲୋକେ ବେସାହାରା ହୋଇ ପଡୁଛନ୍ତି । ଗତ କାଲି ସଂଧ୍ୟା ରେ ବର୍ଷା ଯୋଗୁଁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମ ନାଳିଆ ସାହିରେ ଡାକ ମୁଣ୍ଡା ଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭୁଷୁଡି ପଡିଛି । ସେହି ସମୟରେ ଡାକ ଓ ତାଙ୍କ ସ୍ତ୍ରୀ ବାଲମତି ଘରୁ ବାହାରି ଆସିବାରୁ ଅଳ୍ପକେ ଏକ ବିରାଟ ଅଘଟଣ ରୁ ବର୍ତ୍ତି ଯାଇଛନ୍ତି । ଘର ଟି ସମ୍ପୂର୍ଣ ଭାଙ୍ଗି ପଡ଼ି ଥିବାରୁ ଡାକ ବେସାହାରା ହୋଇ ପଡିଛନ୍ତି । ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# କୋଟିଆରେ ଆନ୍ଧ୍ର କରୁଥିଲା ସ୍ୱାସ୍ଥ୍ୟ ଶିବିର
# ବନ୍ଦକଲା ପଟାଙ୍ଗୀ ତହସିଲ୍



ପଟାଙ୍ଗୀ : କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ୍ ସୀମାନ୍ତ କୋଟିଆ ପଞ୍ଚାୟତର ପନିକିଗ୍ରାମରେ ଆନ୍ଧ୍ର ପ୍ରଦେଶ ସାଲୁର ବ୍ଲକ୍‌ର ଏକ ସ୍ୱାସ୍ଥ୍ୟ ଟିମ୍ ଅନୁପ୍ରବେଶ କରି ଚଳାଇଥିବା ସ୍ୱାସ୍ଥ୍ୟ ଶିବିରକୁ ପଟାଙ୍ଗୀ ତହସିଲଦାର ବେବେନ୍ଦ୍ର ବାହାଦୁର ସିଂ ଧାଉଁଆ ବନ୍ଦ କରିଛନ୍ତି । ଏହା ଓଡ଼ିଶାର ସୀମାନ୍ତ ଗ୍ରାମ । ଏହିପରି ବିନା ଅନୁମତିରେ ଅନୁପ୍ରବେଶ କରି ଆଇନକୁ ହାତକୁ ନେବା ଠିକ୍ ନୁହେଁ କହି ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ୍‌କୁ ଫେରିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଅନୁଯାୟୀ, ଏକ ସ୍ୱାସ୍ଥ୍ୟ ଟିମ୍ ଆନ୍ଧ୍ର ସରପଞ୍ଚ ଦିବକର ଗେମେଲଙ୍କ ଉପସ୍ଥିତିରେ ଅନ୍ୟ ସୀମାନ୍ତ ପନିକିଗ୍ରାମ ଗ୍ରାମବାସୀଙ୍କୁ ଏକତ୍ରକରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରଖିଥିବାବେଳେ ଖବର ପାଇ ପଟାଙ୍ଗି ତହସିଲଦାର ଧାଉଁଆ ପନିକି ଗ୍ରାମରେ ପହଞ୍ଚି ସ୍ୱାସ୍ଥ୍ୟ ଟିମ୍ ଓ ଡାକ୍ତରଙ୍କୁ ଏଭଳି ଅନୁପ୍ରବେଶ କରି ବିବାଦ ସୃଷ୍ଟି ନ କରିବାକୁ ବୁଝାଇ ଚାଲିଯିବାକୁ କହିଥିଲେ । ଏହାପରେ ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା ବନ୍ଦ କରି ଆନ୍ଧ୍ର ଫେରିଯାଇଥିଲେ । କୋଟିଆ ପଞ୍ଚାୟତକୁ ନେଇ ରାଜ୍ୟ ସରକାର କମିଟି ଗଠନ କରିଥିଲେ । ସୀମାନ୍ତ ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ଆଳରେ ରଥଯାତ୍ରାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ୪ ମନ୍ତ୍ରୀ ଗସ୍ତକରି ଫେରିବା ପରଠାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଆନ୍ଧ୍ରର ଅନୁପ୍ରବେଶ ଉପରେ କଡା ନଜର ରଖିଥିବା ଜଣାପଡ଼ିଛି । ଓଡ଼ିଶା ଏହି ପଦକ୍ଷେପକୁ ସୀମାନ୍ତବାସୀ ନାପସନ୍ଦ କରି ୨ ରାଜ୍ୟର ବିବାଦରେ ଆମେ ଛନ୍ଦିହୋଇ ନିର୍ଯାତିତ ହେଉଥିବା ଅଭିଯୋଗ କରିଛନ୍ତି । ଏହି ବିବାଦର ଅନ୍ତ କେବେ ଘଟିବ ବୋଲି ପ୍ରଶ୍ନ କରିଛନ୍ତି । ସୂଚନା ମୁତାବକ ଓଡ଼ିଶାର ୫ ମନ୍ତ୍ରୀଙ୍କ କୋଟିଆ ପଞ୍ଚାୟତ ଗସ୍ତ ପରେ ଆନ୍ଧ୍ରର ସରକାରୀ କର୍ମଚାରୀ ଓ ଅଧିକାରୀ ଅନେକ ଦିନ ନିରବ ରହିବା ପରେ ପୁଣି ଅନୁପ୍ରବେଶ କରିଛନ୍ତି ।

# କେନ୍ଦୁପତ୍ରବୋଝେଇ ଟ୍ରକ୍ ଜବତ



ଅତାବିରା : ସମ୍ବଲପୁର ଜିଲା ରେଢାଖୋଲରୁ କଲିକତା ଯାଉଥିବା ଏକ କେନ୍ଦୁପତ୍ର ବୋଝେଇ ଟ୍ରକକୁ ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଶୁକ୍ରବାର ଅପରାହ୍ନରେ ଜବତ କରିଛି । ଜବତ କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ପୋଲିସ ଅଭିଯୁକ୍ତ ଟ୍ରକ ଡ୍ରାଇଭର ବିହାର ରାଜ୍ୟ ନୱାଡା ଜିଲା ଆକବରପୁର ଥାନା ପିଥୋରି ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ସମ୍ବଲପୁର ଜିଲା ବରେଇପାଲିରେ ରହୁଥିବା ସଞ୍ଜୟ ରାୟ ଓରଫ ପ୍ରସାଦ (୪୮)ଙ୍କୁ ଗିରଫ କରିଛି । ତେବେ ଅଭିଯୁକ୍ତ ଡ୍ରାଇଭର ପୋଲିସଠାରୁ ଖସିଯିବା ପାଇଁ ଟ୍ରକର ଆଗ ଓ ପଛରେ ପୃଥକ ନମ୍ବର ପ୍ଲେଟ ବ୍ୟବହାର କରିବା ଏବଂ ଗୋଖାଦ୍ୟର ରସିଦ ରଖିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଲାଇଛି ।

# ଲକ୍ଷାଧିକ ଟଙ୍କାର କେବୁଲ୍ ଚୋରି

କଳାହାଣ୍ଡି : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବସୁଧା ପ୍ରକଳ୍ପରୁ ଲକ୍ଷାଧିକ ଟଙ୍କାର ତମ୍ବା କେବୁଲ ଚୋରି ହେଉଥିବା ବେଳେ ପୋଲିସ୍ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି । ସୂଚନା ଅନୁସାରେ ଏହି ବ୍ଲକରେ ୫୦ ଦିନ ଭିତରେ ୧୧ ବସୁଧା ପ୍ରକଳ୍ପରୁ ତମ୍ବା ତାର ଚୋରି ହୋଇଛି । ଗତ ମେ ୧୭ ତାରିଖରେ ଗଜବାହାଲ, ଅବୁଜବାହାଲ, ବୁଢ଼ୀପଦର, ଜୁନ ୨୨ରେ ପୌରକେଲା, କୁଦେଇପାଲି, ପୁଟିଗାଁ, ବୁଢ଼ୀପଦର, ଚଳିତ ମାସ ୪ ତାରିଖରେ ରିଞ୍ଜା, ଭଟପଲା, ଦେଓଗାଁ ଆଦି ଗାଁରେ ଥିବା ବସୁଧା ପ୍ରକଳ୍ପରୁ ତାର ଚୋରି ହୋଇଥିବା ନେଇ ପୋଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା । ପୁଣି ବୁଧବାର ରାତିରେ ରିଷିଡାଠାରୁ କେବୁଲ ଚୋରି ହୋଇଥିବା ନେଇ ରିଷିଡା ଫାଣ୍ଡିରେ ଅଭିଯୋଗ ହୋଇଛି । ଏଭଳି ଘଟଣା ନେଇ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅନୁସାୟା ଭଞ୍ଜ କହିଛନ୍ତି । ଏ ନେଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି ।

# ପ୍ରେମୀଯୁଗଳଙ୍କୁ ଚାଷଜମିରେ ହଳ କରାଇଲେ ଗ୍ରାମବାସୀ

## ପ୍ରେମ ପାଇଁ ପ୍ରଜାକୋର୍ଟ

ରାୟଗଡ଼ା : ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରି ପ୍ରେମୀଯୁଗଳଙ୍କୁ ଚାଷଜମିରେ ହଳ କରି ଦଣ୍ଡ ଦେଇଥିବା ଘଟଣା ଏବେ ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ସିକରପାଇ ପଞ୍ଚାୟତ କଞ୍ଜାମଯୋଡ଼ି ଗ୍ରାମରେ । ତେବେ ଗାଁରେ ଏହି ଦଣ୍ଡ ମିଳିବା ପରେ ପ୍ରେମୀଯୁଗଳଙ୍କ ପତ୍ତା ମିଳୁନି । ସେମାନେ କେଉଁଆଡ଼େ ଚାଲି ଯାଇଛନ୍ତି କି ଏନେଇ କିଛି ଜଘନ୍ୟ କାଣ୍ଡ ଘଟିଛି ତାହାକୁ ନେଇ ଗାଁର କେହି ବି ମୁହଁ ଖୋଲୁନାହାନ୍ତି । ଏହି ଘଟଣାଟି ଗୁରୁବାର ଘଟିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ, କଞ୍ଜାମଯୋଡ଼ି ଗ୍ରାମର ଯୁବକ କୋଡ଼ିୟା ସାରକା(୨୮) ଓ ତାଙ୍କ ଦୂର ସମ୍ପର୍କୀୟ ପିଉସୀ(୩୨) ଉଭୟ ପରସ୍ପରକୁ ଦୀର୍ଘଦିନରୁ ପ୍ରେମ କରିଆସୁଥିଲେ । ଉଭୟେ ବିବାହ ପାଇଁ ଯୋଜନା କରି ଫେରାର ହୋଇଯାଇଥିଲେ । ହେଲେ ଏ ବିଷୟରେ ଜାଣିବା ପରେ ପରିବାରବର୍ଗ ମନା କରିବା ସହିତ ଗାଁ ଲୋକେ ସେମାନଙ୍କୁ ଗାଁ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ । ଗାଁ ଲୋକେ ଉଭୟ ପ୍ରେମୀଯୁଗଳଙ୍କୁ ଚାଷଜମିରେ ବଳଦ ବଦଳରେ ହଳ କରାଇ ଦଣ୍ଡ ଦେଇଥିଲେ । ତେବେ ତାହା ପରଠାରୁ ପ୍ରେମୀଯୁଗଳ ଗାଁରେ ନ ଥିବା ଜଣାପଡ଼ିଛି । ଏନେଇ କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ଯୋଗାଯୋଗ କରିବାରୁ ଆମ ନିକଟକୁ ସେଭଳି କୌଣସି ଅଭିଯୋଗ ଆସି ନ ଥିବା କହିଛନ୍ତି । ହେଲେ ବର୍ତ୍ତମାନ ଦଣ୍ଡ ବିଧାନ ପରେ ପ୍ରେମୀଯୁଗଳ କେଉଁଆଡ଼େ ଫେରାର ହୋଇଯାଇଛନ୍ତି ଅଥବା ସେମାନଙ୍କ ସହିତ ଅନ୍ୟ କିଛି ଘଟଣା ଘଟିଛି ତାହା ବର୍ତ୍ତମାନ ତଦନ୍ତସାପେକ୍ଷ । ତେବେ ସମାଜରେ ଆଜି ବି ଏହିଭଳି ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ପରିବର୍ତ୍ତେ ଏଭଳି ଦଣ୍ଡବିଧାନ କେତେ ଦୂର ଗ୍ରହଣୀୟ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗିର: ମାଲପଡାସ୍ଥିତ ରେଳ ଉପଭୋକ୍ତା ସଂଘର କାର୍ଯ୍ୟାଳୟ ଠାରେ ମାଲପଡା ନାଗରିକ କମିଟିର ଏକ ସାଧାରଣ ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ସଂପାଦକ ପଂଚାନନ ସେଠ ଗତ ମାସର ବିବରଣୀ ପାଠ କରିଥିଲେ । ଏହି ବୈଠକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ତୁହାକୁତୁହା ଅଘୋଷିତ ବିଦ୍ୟୁତ କାଟ, ପାନୀୟ ଜଳ ନିର୍ଦ୍ଦିଷ୍ଟ ସମୟରେ ଯୋଗାଉ ନ ଥିବାରୁ, ମଶାର ପ୍ରାର୍ଦୁଭାବ ଆଦି ବିଭିନ୍ନ ସମସ୍ୟା ଉପରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । କମିଟି ପାଇଁ ଏକ ସଭାଗୃହ ଯୋଗାଇ ଦେବା ଉପରେ ସଭାପତି ସ୍ଥାନୀୟ କାଉନସିଲରଙ୍କ ଜରିଆରେ ମ୍ୟୁନିସିପାଲିଟିକୁ ଅନୁରୋଧ କରିବାକୁ କହିଥିଲେ । ଅନ୍ୟାନ୍ୟ ସମସ୍ୟା ଉପରେ ଭବାନୀ ଶଙ୍କର ଶତପଥି, ପ୍ରଫେସର ତରୁଣ କୁମାର ମିଶ୍ର, ଦିବାକର ହୋତା, ବାସୁଦେବ ନାଗ ପ୍ରମୁଖ ନିଜ ନିଜର ମତ ପ୍ରଦାନ କରିଥିଲେ । ଏହି ସଭାରେ ସହ-ସଂପାଦକ ଅଶୋକ କୁମାର ଚାନ୍ଦ, ନିମାଇଁ ଚରଣ ଦାଶ, ସାମ୍ବାଦିକ ଆକୁଳ ବେହେରା, ଦେବଜ୍ୟୋତି ଯୋଷୀ, ଦୟାସାଗର ବଗର୍ତି, ଛବିଲାଲ ବେହେରା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଆକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଚ୍ଛତା ଅଭିଯାନ

ସୁବର୍ଣ୍ଣପୁର, (ହି.ସ.)- ସୁବର୍ଣ୍ଣପୁର ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଷଷ୍ଠ ଦିବସରେ ସହରର ଦେବାଳୟ ଓ ଐତିହ୍ୟ ପୀଠ ଗୁଡିକୁ ସର୍ବଦା ସ୍ୱଚ୍ଛ ସୁନ୍ଦର ରଖିବାକୁ ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ, ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ସକାଳ ୬ଟା ସମୟରେ ଐତିହ୍ୟ ପୀଠ ସୁବର୍ଣ୍ଣ ମେରୁ ଓ ରାମେଶ୍ୱର ପୀଠରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଦର ମହକୁମା ସ୍ଥିତ ଏହି ଉଭୟ ଶୈବ ପୀଠ ଠାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀ ନିଜେ ଝାଡୁ କୁରାଢି ଧରି ସଫେଇ କରିଥିଲେ ଓ ସମଗ୍ର ଜିଲ୍ଲା ଓ ରାଜ୍ୟ କୁ ସ୍ୱଚ୍ଛତା ସଚେତନତା ବାର୍ତ୍ତା ମିଡିଆ ଓ ସ୍ୱେଚ୍ଛାସେବୀ ଯୋଗ ଦେଇ ସହର ଓ ଦେବାଳୟ ଗୁଡ଼ିକୁ ସ୍ୱଚ୍ଛ ସୁନ୍ଦର ରଖିବାକୁ ସଂକଳ୍ପ ନେଇଥିଲେ । ପୌର ପରିଷଦ ଅଧିକାରୀ ଋଷି ମାଝୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ୱଚ୍ଛ ଭାରତ ସଂଗଠନର ଉପଦେଷ୍ଟା ପ୍ରମୋଦ କୁମାର ସାହୁ, ସଂଯୋଜକ ମନୋରଞ୍ଜନ ତ୍ରୀପାଠୀ ପରିଚାଳନାରେ ସହଯୋଗ କରିଥିଲେ । ସ୍ୱଚ୍ଛ ଭାରତ ସଂଗଠନର ବରିଷ୍ଠ ସଦସ୍ୟ ନରସିଂହ ବର୍ଗି, ପ୍ରତାପ ଦାଶ, ନାରାୟଣ ରଥ, ଜୟନ୍ତ ବେହେରା, ଜୟ ନାରାୟଣ ସାହୁ, କ୍ରିଷ୍ଣା ମେହେର, ତ୍ରିଲୋଚନ ତରିଆ , ଦିଲ୍ଲୀପ ଭୁକ୍ତା, ଗୋକୁଳ ଠାକୁର, ଡ଼ା ସରୋଜ ପଟେଲ, ତରଣୀ ମେହେର, ଶୁଶାନ୍ତ ସାହୁ ପ୍ରମୁଖ ସ୍ୱେଚ୍ଛାସେବୀ ଓଡ଼ିଆ ପକ୍ଷ ପାଳନର ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କୋରାପୁଟରୁ ପଞ୍ଜାବ ଓ ରାୟପୁରକୁ ଗଲା ୪୫ ଟନ୍ ଅଦା

କୋରାପୁଟ, (ହି.ସ.)- କୋରାପୁଟ ପ୍ରଗତି ଅନୁଷ୍ଠାନ ଓ ଜୈବିକ ଶ୍ରୀ କୃଷକ ପ୍ରଡୁସର କମ୍ପାନୀ ଲିମିଟେଡ଼ର ସହଯୋଗରେ କୋରାପୁଟରୁ ପଞ୍ଜାବ ଓ ରାୟପୁରକୁ ଦୁଇଟି ଟ୍ରକ ଜରିଆରେ ୪୫ ଟନ ଅଦା ପଠାଯାଇଛି । ଏହାଦ୍ୱାରା ଚାଷୀଙ୍କୁ ଅଦାର ସଠିକ ମୂଲ୍ୟ ପାଇ ପାଇବା ସହ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ । ୪୫ ଟନ ଅଦା ମଧ୍ୟରୁ ପଞ୍ଜାବକୁ ପନ୍ଦର ଟନ, ରାୟପୁରକୁ ତିରିଶି ଟନ ପଠାଯାଇଥିବା ଜଣାପଡିଛି । କୋରାପୁଟ ବ୍ଲକର ପ୍ରଗତିର ଦକ୍ଷତା ବିକାଶ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉଦ୍ୟାନ କୃଷି ଓ ଜଳ ବିଭାଜିକା ବିଭାଗର ନିର୍ଦ୍ଦେଶକ କେ. ପବନ କଲ୍ୟାଣ, ଜିଲାପାଳ ଭି. କୀର୍ତ୍ତି ଭାସନ, ପ୍ରଗତି ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀ, ଜୈବିକ ବହୁ ଚାଷୀ ଉପସ୍ଥିତ ଥିଲେ । ଏହି ଅବସରରେ କୃଷି ସଚିବ ଦୟାନିଧିଗୁଡା ଗ୍ରାମରେ ଥିବା ପ୍ରଗତିର ଦକ୍ଷତା ବିକାଶ କେନ୍ଦ୍ର ଠାରେ ଥିବା ଅଦା ପ୍ରୋସେସିଂ କେନ୍ଦ୍ର ସମେତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସ୍ଥାନୀୟ ଅଦା ଚାଷୀଙ୍କ ସହ ଆଲୋଚନା କରିଥିଲେ । ଜିଲାର ଥିବା ଗୁଣାତ୍ମକ ମାନର କଫି ଓ ଅଦା ଚାଷକୁ ଅଧିକ ସୁଦୂର ପ୍ରସାରି ସହ କୋଟିଆ ଅଂଚଳରେ କରାଯାଇଥିବା ଷ୍ଟ୍ରବେରୀ ଓ ଅନ୍ୟ ପନିପରିବା ଚାଷ ଓ ତାହାର ସଂରକ୍ଷଣ ଦିଗରେ ଜିଲାରେ ଅଧିକରୁ ଅଧିକ ସଂଖ୍ୟାରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି ।

# ବ୍ଲକ୍‌ସ୍ତରୀୟ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର

ସମ୍ବଲପୁର: ଧନକଉଡ଼ା ବ୍ଲକସ୍ତରୀୟ ଜୁନିୟର ରେଡ଼କ୍ରସ୍ ପ୍ରଶିକ୍ଷଣ ଶିବିର ଧନକଉଡା ଉଚ୍ଚ ବିଦ୍ୟାଳୟ ଠାରେ ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଶେଷ ଦିବସରେ ଜିଲ୍ଲାର ୫ଟି ବ୍ଲକ ଯଥା ଜମନକିରା, ନାକଟିଦେଉଳ, ରେଢ଼ାଖୋଲ, ମାନେଶ୍ୱର ଓ ଯୁଜୋମୁରାରୁ ସମସ୍ତ ଉଚ୍ଚ ବିଦ୍ୟାଳୟ ର ପ୍ରାୟ ୭୫ ରେଡ଼କ୍ରସ୍ କାଉନସେଲର ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସର ସମାରୋହରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ ଓ ଜୁନିୟର ରେଡ଼କ୍ରସ୍ ଅଫିସର ବିଶ୍ୱାମିତ୍ର ଦୀପ ମଂଚାସୀନ ଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ହୋମୀଓପାଥୀ ଡକ୍ଟର ଡ. ରାମଚରଣ ପ୍ରଧାନ ଯୋଗଦେଇ କାଉନସେଲରମାନଙ୍କୁ ନିଶା ନିବାରଣ ବିଷୟରେ ସଚେତନ କରାଇବା ସହ କବିତା ମାଧ୍ୟମରେ ଏହାର ବିଭିନ୍ନ କୁପ୍ରଭାବ ଓ ନିରାକରଣ ବିଷୟରେ ସଚେତନ କରାଇଥିଲେ । ସମ୍ବଲପୁର ହୋପ୍ ସ୍କୋପ ଡ୍ରାଇଭିଂ ସ୍କୁଲ ର କର୍ମଚାରୀ ମାନେ ସଡକ ସୁରକ୍ଷା ବିଷୟରେ କାଉନସେଲରମାନଙ୍କୁ ଅବଗତ କରାଇଥିଲେ କ୍ଷ ରାଜ୍ଯ ପ୍ରଶିକ୍ଷକ ପ୍ରତାପ ସେନାପତି ପ୍ରାଥମିକ ଚିକିତ୍ସା ବାବଦରେ ପ୍ରାକ୍ଟିକାଲ୍ ସିପିଆର ଓ ପ୍ରାଥମିକ ଚିକିତ୍ସା ବିଷୟ ରେ ବ୍ୟାଖ୍ୟା କରିଥିଲେ । ରାଜ୍ୟ ଫାଷ୍ଟଏଡ୍ ଟ୍ରେନର ଆନନ୍ଦ ଦଣ୍ଡସେନା, ସତ୍ୟ ନାରାୟଣ ପଣ୍ଡା, ପଙ୍କଜିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ୮ ଫୁଟର ଅଜଗର ଉଦ୍ଧାର



କର୍ଲାମୁଣ୍ଡା,: କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲ ନିକଟରୁ ବନ ବିଭାଗ ଗୁରୁବାର ୮ ଫୁଟ୍ ଲମ୍ବର ଏକ ଅଜଗର ଉଦ୍ଧାର କରିଛି । ସୂଚନା ମତେ ଅବୁଜବାହାଲ ଗ୍ରାମର ରଞ୍ଜନ ସାହୁ ତାଙ୍କ ଜମିକୁ ଯାଇଥିବା ବେଳେ ସାପଟିକୁ ଦେଖି ମଦନପୁର ବନ ବିଭାଗକୁ ସୂଚନା ଦେଇଥିଲେ । ମଦନପୁର ବନପାଳ ସମ୍ପଦ କୁମାର, ମ. ରାମପୁର ବନାଞ୍ଚଳ ସହକାରୀ ବନ ସରକ୍ଷକ ଅସିତ କୁମାର ଦାସ, ମ. ରାମପୁର ବନପାଳ ଦୀପକ ସା, ମୋହନଗିରୀ ବନପାଳ ବିଶ୍ୱଜିତ ଠାକୁର, ବନରକ୍ଷୀ ସତ୍ୟ ଭାମା ନାଗ ପ୍ରମୁଖ ସାପଟିକୁ ଉଦ୍ଧାର କରିବା ସହ ଅଲାତରା ସୁନାମୁଖୀ ଜଙ୍ଗଲରେ ଛାଡିଥିବା ମଦନପୁର ବନପାଳ ସମ୍ପଦ କୁମାର ସୂଚନା ଦେଇଛନ୍ତି ।

# ଚାଷୀଙ୍କୁ ମିଳୁନି କ୍ଷତିପୂରଣ

ବରଗଡ : ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି । ଏଠାରେ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ ସହାୟତା ମିଳୁ ନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗତ ୨୦୨୩ରେ ମିଗଜୋମ ବାତ୍ୟା ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ କିମ୍ବା ଇନପୁଟ ସହାୟତା ମିଳିପାରି ନାହିଁ । ଅନ୍ୟପଟେ ବିଭିନ୍ନ ଚାଷୀଙ୍କୁ ନାନା ଆଳ ଦେଖାଇ ସେଥିରୁ ବଞ୍ଚିତ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏନେଇ ସଂଯୁକ୍ତ କୃଷକ ସଂଗଠନ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି । ପ୍ରଶାସନ, ବୀମା କମ୍ପାନୀ ଏବଂ ଚାଷୀ ସଂଗଠନ ମଧ୍ୟରେ ତୁହାକୁ ତୁହା ବୈଠକ ବସିଛି । ହେଲେ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରି ନାହିଁ । ଫଳରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବରଗଡ଼ ରୋଡ ରେଳ ଷ୍ଟେଶନରେ ସଂଯୁକ୍ତ କୃଷକ ସଂଗଠନ ରେଲରୋକୋ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି । ତେବେ ଆନ୍ଦୋଳନ ପୂର୍ବରୁ ବରଗଡ ରୋଡ ରେଳ ଷ୍ଟେଶନ ପୋଲିସ ଛାଉଣୀରେ ପରିଣତ ହୋଇଛି ।

# ବନମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ



ବଲାଙ୍ଗିର: ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ବନୋମହୋତ୍ସବ ଉପଲକ୍ଷେ ପ୍ରସ୍ତାବିତ ଭଗବାନ ପର୍ଶୁରାମ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ବନ ବିଭାଗ ସହଯୋଗରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଓ ବନ ବିଭାଗ (କେନ୍ଦୁପତ୍ର) ଉପବନ ଅଧିକାରୀ କେଶବ ନାଏକ, ବନପାଳ କାର୍ତିକ ଚନ୍ଦ୍ର ସୁଆର ଓ ବ୍ୟାସଦେବ ସାହୁ ଉପସ୍ଥିତ ଥିଲେ । ନଗର ସଭାପତି ତଥା ରାଜ୍ୟ ପର୍ଶୁରାମ ବାହିନୀର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବ୍ରାହ୍ମଣ ସମାଜର କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ଜିଲ୍ଲା ବ୍ରାହ୍ମଣ ମହାସଭା ସମ୍ପାଦକ ଜୟରାମ ମିଶ୍ର, ସୁଧିର ତ୍ରିପାଠି, ଜଗଦିଶ ନାଥ ଓ ରାକେଶ ପଣ୍ଡା ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । ଏହି ମହାନ କାର୍ଯ୍ୟକ୍ରମରେ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସଦସ୍ୟ ପୁରୁଷୋତ୍ତମ ପଣ୍ଡା, ଦାମୋଦର ଓତା, ଶ୍ୟାମ ସୁନ୍ଦର ଦାଶ, ସଂଗଠନ ସମ୍ପାଦକ କିଶୋର ପୁରୋହିତ, ନଗର ସମ୍ପାଦକ ସଂକିର୍ତନ ତ୍ରିପାଠି, ଶକ୍ତି ବାହିନୀ ମୁଖ୍ୟ କସ୍ତୁରୀ ରଥ, ବରିଷ୍ଠ ସଦସ୍ୟ ଶ୍ରୀକର ମିଶ୍ର, ଲୋକନାଥ ନେପାକ, ଶିବ ଶଙ୍କର ଖୁଆସ, ଅଶୋକ ପାଣ୍ଡିଆ, ପଣ୍ଡିତ ସନ୍ତୋଷ ପଣ୍ଡା, ସନ୍ତୋଷ ଶତପଥି, ନିଳାଚଳ ହୋତା, ସୁଧିର ଚାନ୍ଦ, ଇଂ. କିଶୋର ମିଶ୍ର, ଦିବାକର ହୋତା, ମଧୁ ନାୟକ, ବିରଂଚି ମିଶ୍ର, ବସନ୍ତ ଆଚାର୍ଯ୍ୟ, ସିଦ୍ଧେଶ୍ୱର ପାଣିଗ୍ରାହୀ, ବିଧୁ ଭୂଷଣ ତ୍ରିପାଠି, ବିନୟ ପୁଜାରୀ, ଶିବ ନାରାୟଣ ରଥ, କୃପାସିନ୍ଧୁ ମିଶ୍ର, ରାଜେନ୍ଦ୍ର ମିଶ୍ର, ରାମ ଶଙ୍କର ଶତପଥି, ସୁରେଶ ମିଶ୍ର, ଆନନ୍ଦ ଖୁଆସ, ଆର୍ତତ୍ରାଣ ଠାକୁର, ଗଙ୍ଗା ଚାନ୍ଦ, ପ୍ରଦୀପ ଗୁରୁ, ସନ୍ତୋଷ ନନନ୍ଦ, ଗିରିଶ ପଣ୍ଡା, କାହ୍ନା ଶତପଥି, ବିଘ୍ନରାଜ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ତିର୍ଥବାସୀ ମିଶ୍ର ତଥା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏପରି ସାମାଜିକ ଓ ବନିକରଣ କାର୍ଯ୍ୟକୁ ବୁଦ୍ଧିଜିବୀ ଓ ସାଧାରଣ ଜନତା ଭୟସୀ ପ୍ରଶଂସା କରିଥିଲେ ।

# ଜବରଦଖଲ ଉଚ୍ଛେଦ

ଜୟପୁର, (ହି.ସ.)- ଜୟପୁର ସହର ବାପୁଜି ନଗରରେ ଥିବା ସରକାରି ଜାଗାରେ ବଞ୍ଜାରା ମାନେ ଆଡ୍ଡା ଜମାଇଥିଲେ । ଏନେଇ ପୌରପାଳିକା ପକ୍ଷରୁ ୧ ମାସ ଭିତରେ ୪ ଥର ସରକାରୀ ଜାଗାରୁ ଉଠିବା ପାଇଁ ତାଗିଦ୍ କରାଯାଇଥିଲା । ହେଲେ ମଧ ସେମାନେ କର୍ଣ୍ଣପାତ କରୁନଥିଲ । କୋରାପୁଟ ଜିଲାପାଳ ଭି. କିର୍ତିଭାସନଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ଉପ ଜିଲାପାଳ ତଥା ପୌରନିର୍ବାହୀ ଅଧିକାରୀ ଆକାବରମ ଶଶ୍ୟା ରେଡ୍ଡିଙ୍କ ତତ୍ତ୍ୱାବଧାନରେ ଅପରାହ୍ନ ୧ଟା ସମୟରେ ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଛି । ଉଚ୍ଛେଦ ସମୟରେ ଅତିରିକ୍ତ ପୌର କାର୍ଯ୍ୟନିର୍ବାହି ଅଧିକାରି ପୁଜା ରାଉତ, ଅମିନ ଶୁଭସ୍ମିତା ଜେନା, ଇନିସକେପ୍ଟର ଭୁବନି ହଲବା, ସତ୍ୟ ନାରାୟଣ ପାତ୍ର ଉପସ୍ଥିତ ରହି ଜେସିବି ଦ୍ୱାରା ଉଛେଦ କରିଛନ୍ତି ।

# ନିରାଶ୍ରୟାଙ୍କ ଶବ ସତ୍କାର

ଦେବଗଡ଼(ପିପିଏସ୍) : ଦେବଗଡ଼ ଜିଲ୍ଲା ରିଆମାଳ ସଦର ମହାକୁମାରେ ବୁଲି ବୁଲି ବିଭିନ୍ନ ହୋଟେଲ ଓ ବିଭିନ୍ନ ସ୍ଥାନରେ କାମ କରୁଥିବା ମମତାଙ୍କ ଆକସ୍ମିକ ମୃତ୍ୟୁ ପରେ ରିଆମାଳ ପଞ୍ଚାୟତ ତରଫରୁ ତାଙ୍କର ଅନ୍ତିମ ସଂସ୍କାର ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଉକ୍ତ ମହିଳାଙ୍କ ଶାଶୁଘର ଆଡସ୍ ପଞ୍ଚାୟତ ଜୁଲାଣି ଗ୍ରାମରେ ଏବଂ ତାଙ୍କର ପାଞ୍ଚଟି ପୁଅ ଝିଅ ଆଶ୍ରମ ସ୍କୁଲରେ ରହି ପାଠ ପଢୁଛନ୍ତି ।

# ରାସ୍ତାରେ ପ୍ରସବ କଲେ ମାନସିକ ବିକାରଗସ୍ତ ଯୁବତୀ



ଫୁଲବାଣୀ : ରାସ୍ତା କଡ଼ରେ ଜଣେ ମାନସିକ ବିକାରଗସ୍ତ ଯୁବତୀ ଜିଲା ସାମାଜିକ ସୁରକ୍ଷା କେନ୍ଦ୍ରରୁ ସକ୍ଷୀ ପରିବହନରେ ଘରକୁ ଆସିବା ସମୟରେ ବାଟରେ ସନ୍ତାନ ପ୍ରସବ କରିଛନ୍ତି । ଏପରି ଘଟଣା କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଗୁମା ଅଞ୍ଚଳରେ ଶୁକ୍ରବାର ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ, ଗୁମା ପଞ୍ଚାୟତ ଅଞ୍ଚଳର ଜଣେ ୨୨ ବର୍ଷୀୟା ମାନସିକ ବିକାରଗସ୍ତ ଯୁବତୀ ଗର୍ଭବତୀ ଥିବା ନେଇ ତୁମୁଡିବନ୍ଧ ସିଡିପିଓ ଲତା ଦିଗାଲ, ସୁପରଭାଇଜର ନିରୁପମା ଶତପଥୀ ଓ ଅଙ୍ଗନୱାଡ଼ି କର୍ମୀ ନାମିତ ବଡ଼ସେଠ ଖବର ପାଇ ତାଙ୍କୁ ଗତ ଜୁନ ୯ରେ ଜିଲା ସାମାଜିକ ସୁରକ୍ଷା କେନ୍ଦ୍ରକୁ ଆଣି ଛାଡିଥିଲେ । ସେଠାରେ ସେ ଅନ୍ୟମାନଙ୍କୁ କାମୁଡା କାମୁଡ଼ି କରୁଛନ୍ତି, ତାଙ୍କୁ ଫେରାଇ ନେବାକୁ ଅଙ୍ଗନୱାଡି କର୍ମୀଙ୍କୁ ଫୋନ ଦ୍ୱାରା ଖବର ଆସିଥିଲା । ଯୁବତୀଙ୍କ ପରିବାର ଲୋକଙ୍କ ସହ ଅଙ୍ଗନୱାଡ଼ି କର୍ମୀ ସେଠାରେ ପହଞ୍ଚି ସେଠାରୁ ତାଙ୍କୁ ସକ୍ଷୀ ଗାଡ଼ିରେ ନିଜ ଗାଁକୁ ନେଉଥିଲେ । ତେବେ ବାଟରେ ଗୁଚୁକା ଛକଠାରେ ପରିସ୍ରା ଯିବି କହି ଯୁବତୀ ଜଣକ ଗାଡ଼ି ଅଟକାଇଥିଲେ । ଗାଡ଼ିରୁ ଓହ୍ଲାଇ ତଳକୁ ଆସିବା ପରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ମାତ୍ର ସେହି ସ୍ଥାନରେ ସଖୀ ଗାଡିଟି ମା’ ଓ ଶିଶୁକୁ ସଙ୍କଟପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଫୁଲବାଣୀ ଚାଲିଯାଇଥିଲା । ପରେ ସଙ୍ଗେସଙ୍ଗେ ଅଙ୍ଗନୱାଡି କର୍ମୀ ନମିତା ତୁମୁଡିବନ୍ଧ ସିଡିପିଓ ଲତା ଦିଗାଲ୍‌ଙ୍କୁ ଫୋନ କରି ଜଣାଇଥିଲେ । ସିଡିପିଓ ଦିଗାଲ ଏନେଇ ବେଲଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇବା ସହିତ ନିଜେ ସେଠାରେ ପହଞ୍ଚିଥିଲେ । ଖବର ପାଇ ଡାକ୍ତର ବିଜୟ ଭୋଇ ଓ ସ୍ୱାସ୍ଥ୍ୟ ସେବିକା କରିସ୍ମା ନାୟକ ଘଟଣାସ୍ଥଳରେ ପହଞ୍ଚି ଯୁବତୀ ଓ ତାଙ୍କ ଶିଶୁକନ୍ୟାଙ୍କ ପ୍ରାଥମିକ ଚିକିତ୍ସା କରି ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଉଭୟ ମା’ ଓ ଶିଶୁ ସୁସ୍ଥ ଓ ସୁରକ୍ଷିତ ଥିବା ସିଡିପିଓ କହିଛନ୍ତି ।

# ଲିଫ୍ଟ ଦେଇ ଲୁଟ୍ ଅଭିଯୋଗରେ ଜଣେ ଗିରଫ



**ଭୁବନେଶ୍ୱର (ପିପିଏସ୍):** ଏକ ବୃଦ୍ଧ ଦମ୍ପତିଙ୍କୁ ଲିଫ୍ଟ ଦେଇ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନନ୍ଦନକାନନ ଥାନା ଗଣ୍ଡରପୁରର ନିରଞ୍ଜନ ସାସମଲ। ଖଣ୍ଡପଡ଼ାର ପାଲିଆ ମହାପାତ୍ର ଓ ତାଙ୍କ ସ୍ୱାମୀ ନୂଆପଲ୍ଲୀସ୍ଥିତ ଘରୋଇ ଡାକ୍ତରଖାନାକୁ ଚକ୍ଷୁ ଚିକିତ୍ସା ପାଇଁ ଆସିଥିଲେ। ସେମାନେ ଚିକିତ୍ସା ସାରି ବରମୁଣ୍ଡା ଯିବାକୁ ଇସ୍କନ ଛକରେ ଅଟୋକୁ ଅପେକ୍ଷା କରିଥିଲେ। ସେହି ସମୟରେ ବାବୁ ସେମାନଙ୍କ ପାଖକୁ ଆସି ସ୍କୁଟିରେ ଛାଡ଼ି ଦେବ ବୋଲି କହିଥିଲା। ସନ୍ଦେହ ନ ଥିବାରୁ ବୃଦ୍ଧ ଦମ୍ପତି କଥାରେ ବିଶ୍ୱାସ କରି ତା' ସ୍କୁଟିରେ ଚଢ଼ିବା ସହିତ ଟଙ୍କା ଥିବା ବ୍ୟାଗକୁ ଗାଡ଼ିରେ ରଖିଥିଲେ। ରାସ୍ତାରେ ଏକ କୋଚିଂ ସେଣ୍ଟର ନିକଟରେ ଦମ୍ପତିଙ୍କୁ ଛାଡ଼ି ଦେଇ ଚା' ପିଇବାକୁ ଯାଉଥିଲା। ଏହାରି ଭିତରେ ଉକ୍ତ ବ୍ୟାଗରୁ ୨୦ ହଜାର ଟଙ୍କା ଚୋରିକରି ନେଇଥିଲା। କିଛି ସମୟ ପରେ ପୁଣିଥରେ କୋଚିଂ ସେଣ୍ଟର ନିକଟକୁ ଆସିଥିଲା ଓ ସେମାନଙ୍କୁ ସ୍କୁଟିରେ ନେଇ ଇସ୍କନ ନିକଟରେ ଛାଡ଼ି ପଳାଇଥିଲା। ବ୍ୟାଗରୁ ଟଙ୍କା ଚୋରି କରିଥିବା ଜାଣିବା ପରେ ପାଲିଆ ମହାପାତ୍ର ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଗାଡ଼ିକୁ ଚିହ୍ନଟ କରିଥିଲା। ଆଜି ଏଜି ଛକ ନିକଟରେ ସ୍କୁଟି ନେଇ ଯାଉଥିବା ବେଳେ ବାବୁକୁ ଗିରଫ କରିଥିଲା। ତା' ଠାରୁ ସ୍କୁଟି ଓ ୧୩ ହଜାର ଟଙ୍କା ଜବତ କରିଥିଲା।

# ମହିଳାଙ୍କ ପେଟରୁ ବାହାରିଲା ସାଢ଼େ ୭ କେଜିର ଟ୍ୟୁମର୍

**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର ପିଜିଆଇଏମ୍ଇଆର ଓ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଜଣେ ୭୬ ବର୍ଷୀୟା ମହିଳାଙ୍କ ପେଟରୁ ଏକ ବୃହତ୍ ଓଭାରିଆନ୍ ଟ୍ୟୁମର ଅପସାରଣ କରିଛି। ହସ୍ପିଟାଲ୍‌ର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ମୁଖ୍ୟ ପ୍ରଫେସର ଡା. ସସ୍ମିତା ବେହୁରିଆଙ୍କ ନେତୃତ୍ୱରେ ଏକ ଚିକିତ୍ସକ ଦଳ ମହିଳାଙ୍କ ପେଟରୁ ଏହି ୭.୬ କେଜି ଓଜନ ତଥା ୪୦ ସେମି ବ୍ୟାସ ବିଶିଷ୍ଟ ବିଶାଳ ଓଭାରିଆନ୍ ଟ୍ୟୁମର୍ ଅସ୍ତ୍ରୋପଚାରକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି। ସୂଚନା ମୁତାବକ, ଗତ ୬ମାସ ହେବ ମହିଳାଙ୍କ ପେଟରେ ଥିବା ଟ୍ୟୁମରର ଆକାର ବୃଦ୍ଧି ପାଉଥିଲା। ଚିକିତ୍ସା ପାଇଁ ସେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ଗତକାଲି ଡା. ବେହୁରିଆଙ୍କ ସମେତ ଡା. ସମ୍ବେଦନା ପାଣିଗ୍ରାହୀ, ଡା. ପରମିତା ପ୍ରଧାନ ଏହି ଅସ୍ତ୍ରୋପଚାର କରିଥିଲେ। ହସ୍ପିଟାଲର ନିର୍ଦ୍ଦେଶିକା ଡା. ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାରେ ଏଭଳି ଉଲ୍ଲେଖନୀୟ ସଫଳତା ପାଇଛି ବୋଲି ମେଡିକାଲ୍ ଟିମ୍ ପକ୍ଷରୁ କୁହାଯାଇଛି।

# ଜୋରଧରିଲା ବାଣୀବିହାରରୁ ଅଣଛାତ୍ରଙ୍କୁ ହଟାଇବା ଦାବି



**ଭୁବନେଶ୍ୱର (ପିପିଏସ୍) :** ଆଗକୁ କଲେଜ ନିର୍ବାଚନ ହେବାକୁ ଥିବାବେଳେ ବାଣୀବିହାରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀ ଏକାଠି ହୋଇ ବାଣୀବିହାର କ୍ୟାମ୍ପସ୍‌ରୁ ପ୍ରଥମେ ଅଣଛାତ୍ରଙ୍କୁ ହଟାଇବାକୁ ଦାବି କରିଛନ୍ତି। ସୂଚନା ଯୋଗ୍ୟ ସେପ୍ଟେମ୍ବର ଶେଷ ସପ୍ତାହରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ର ସଙ୍ଗଠନଗୁଡ଼ିକ ନିଜର ପତିଆରା ଜାହିର କରିବା ସହ କ୍ୟାମ୍ପସ୍ ସମସ୍ୟା ଆଗକୁ ଆଣିବାକୁ ଲାଗିପଡ଼ିଛନ୍ତି। ଅଣଛାତ୍ରଙ୍କୁ ତଡ଼ିବା ଓ କ୍ୟାମ୍ପସ୍‌କୁ ନିଶାମୁକ୍ତ କରିବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ନେତାମାନେ ଦୁଇମାସ ତଳେ ଧାରଣା ଦେଇଥିଲେ। ଯାହାକୁ ନେଇ ସେତେବେଳେ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଥିଲା। କର୍ତ୍ତୃପକ୍ଷଙ୍କ ବୁଝାସୁଝା ପରେ ବିବାଦର ସମାଧାନ ହୋଇଥିଲା। ଦିନ କେଇଟା ଯାଇଛି କି ନାହିଁ ପୁଣିଥରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। କ୍ୟାମ୍ପସ୍‌ରେ ଅଣଛାତ୍ରଙ୍କ ପ୍ରାଦୁର୍ଭାବ ବଢ଼ୁଥିବା ଅଭିଯୋଗ ଆଣି ବିଜୁ ଛାତ୍ର ଜନତା ଦଳର ନେତାମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଛାତ୍ରନେତା ପ୍ରିୟରଞ୍ଜନ ନାୟକ, ସମ୍ବିତ୍ କୁମାର ସାହୁ, ଜଗନ୍ନାଥ ସ୍ୱାମୀ, ପ୍ରଭଞ୍ଜନ ଜେନା, ପ୍ରଦୀପ ମଲ୍ଲିକ, ସମ୍ବିତ କୁମାର ସେଠୀ, ସୌମ୍ୟପ୍ରକାଶ ରାଉତ ଏକ ସାମ୍ବାଦିକ ସମ୍ମିଳନୀ କରି ଅଣଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅଣଛାତ୍ରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। କ୍ୟାମ୍ପସ୍‌ରୁ ଅଣଛାତ୍ର ହଟାଇବା ଦାବିରେ କିଛି ଦିନ ତଳେ ଧାରଣାରେ ବସିଥିବା ଏବିଭିପି ଛାତ୍ରନେତା ବିଶ୍ୱଜିତ୍ ପାତ୍ର ଦୁଇଦିନ ତଳେ କିଛି ଯୁବକଙ୍କୁ ଏକାଠି କରି କ୍ୟାମ୍ପସ୍‌ରେ ବାଇକ ଶୋଭାଯାତ୍ରା କରିଥିଲେ। ଏହାଦ୍ୱାରା କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଆଗକୁ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ପରିସ୍ଥିତି ଆହୁରି ବିଗିଡ଼ିପାରେ। ତେଣୁ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଏଦିଗରେ ପଦକ୍ଷେପ ନେବା ସହ କ୍ୟାମ୍ପସ୍ ଭିତରକୁ ଅଣଛାତ୍ର ପ୍ରବେଶ କରାଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ପୂଜ୍ୟପୂଜା ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରା

**ଭୁବନେଶ୍ୱର (ପିପିଏସ୍):** ପୂଜ୍ୟପୂଜା ପରମ୍ପରାକୁ ସମସ୍ତ ଜନସାଧାରଣ ବିଧିବଦ୍ଧ ପାଳନ କରିବା ଉଚିତ୍ ବୋଲି ପୂଜ୍ୟପୂଜା ଓଡିଶାର ମାସିକ ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଛନ୍ତି। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଲେଖକ ସମବାୟ ସମିତି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଅଲେଖ ଚନ୍ଦ୍ର ପଢ଼ିଆରୀ ଗୁରୁପୂର୍ଣ୍ଣିମାର ବୈଶିଷ୍ଟ୍ୟ ବର୍ଣ୍ଣନା କରିବା ସହ ଗୁରୁଶିଷ୍ୟ ପରମ୍ପରା କିପରି ଆଜି ଅବକ୍ଷୟମୁଖି ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କର୍ମବୀର ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ବୈକୁଣ୍ଠ ନାଥ ଦେ, ରାଧାନାଥ ରାୟ ପ୍ରମୁଖଙ୍କ ସ୍ମୃତିଚାରଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବକ୍ତା ଓ ଆଲୋଚକ ଭାବେ ଡ. ଆରତି କର, ବିଜୟ କୁମାର ମହାନ୍ତି, ମିନତୀ ଷଡ଼ଙ୍ଗୀ, ଆଶିଷ କର ପ୍ରମୁଖ ବ୍ୟାସ ପୂର୍ଣ୍ଣିମା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶାସ୍ୱତ ଭାରତ ପତ୍ରିକା ଉନ୍ମୋଚନ ହୋଇଥିଲା, ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡିଶାର ସମସ୍ତ ସଭା ସମିତି ଓ ଆଲୋଚନା ଚକ୍ରରେ ସରକାରୀ ବେସରକାରୀ ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପ୍ରାରମ୍ଭରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଏକ ମିନିଟ ଶ୍ରଦ୍ଧାଞ୍ଜଳି ଜଣାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାପରେ ପ୍ରହ୍ଲାଦ ସାହୁ ଭଜନ ଗାନ କରିଥିଲେ ଏବଂ ଶେଷରେ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆପାର୍ଟମେଣ୍ଟ ମାଲିକ ରକ୍ଷଣାବେକ୍ଷଣ ଦେୟ ନ ଦେଲେ ବନ୍ଦ ହେବ ଅତ୍ୟାବଶ୍ୟକ ସେବା

**ଭୁବନେଶ୍ୱର (ପିପିଏସ୍):** ଆବାସିକ ଆପାର୍ଟମେଣ୍ଟର ଘର ମାଲିକ ରକ୍ଷଣାବେକ୍ଷଣ ଦେୟ ପୈଠରେ ବିଳମ୍ବ କଲେ କିମ୍ବା ଫି ନ ଦେଲେ ବିଚ୍ଛିନ୍ନ ହେବ ଘରର ଅତ୍ୟାବଶ୍ୟକ ସେବା ବନ୍ଦ କରିବ। ଯଦି ମେଣ୍ଟେନାନ୍ସ ଫି ଘରମାଲିକ ଲଗାତାର ପୈଠ ନ କରନ୍ତି ତେବେ ବିଜୁଳି ସଂଯୋଗ, ଜଳଯୋଗାଣ, ପରିମଳ ଆଦି ବିଭିନ୍ନ ଅତ୍ୟାବଶ୍ୟକ ସେବାରୁ ସଂପୃକ୍ତ ଫ୍ଲାଟ ମାଲିକଙ୍କୁ ବଞ୍ଚିତ ହେବେ। ହାଉସିଂ ସୋସାଇଟି ଏନେଇ ପଦକ୍ଷେପ ଗ୍ରହଣ କରିପାରିବେ। କିଛି ଫ୍ଲାଟ୍ ମାଲିକ ଇଚ୍ଛାକୃତ ଭାବେ ମାସିକ ରକ୍ଷଣାବେକ୍ଷଣ ଦେୟ ପ୍ରଦାନ କରୁ ନ ଥିଲେ। ଏନେଇ ହାଉସିଂ ସୋସାଇଟି ଆସୋସିଏସନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ- ବିଡିଏରେ ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରି ଆସୋସିଏସନ ସପକ୍ଷରେ ବିଡିଏ ରାୟ ଦେଇଛନ୍ତି। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନର ଧାରା ୧୯-୧ ଅନୁଯାୟୀ ଏହି ନିର୍ଦ୍ଦେଶ ଦେଇଛନ୍ତି ବିଡିଏ। ବକେୟା ଦେୟ ପ୍ରଦାନ ପାଇଁ ପ୍ରଥମେ ଆସୋସିଏସନର ସାଧାରଣ ପରିଷଦ ନୋଟିସ ଜାରି କରିବେ। ନୋଟିସ ପରେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଦେୟ ପୈଠ ନହେଲେ ଏନେଇ ଆସୋସିଏସନରେ ଆଲୋଚନା ହେବ। ଏହା ପରେ ଅତ୍ୟାବଶ୍ୟକ ସେବା ବିଚ୍ଛିନ୍ନ କରିବାକୁ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହେବ।

# ରାଜଧାନୀ ଉପକଣ୍ଠରେ ବ୍ୟାପୁଛି ଝାଡ଼ାବାନ୍ତି

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ୍‌ର ୧୭ଟି ପଞ୍ଚାୟତରେ ଏବେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ପ୍ରାୟ ୨ସପ୍ତାହ ହେବ ଦୈନିକ ୧୫ରୁ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଏପର୍ଯ୍ୟନ୍ତ ଶହେରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ଗାଁରେ ସ୍ୱାସ୍ଥ୍ୟକର୍ମୀମାନେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହିତ ଓଆର୍ଏସ୍, ବ୍ଲିଚିଂ ପାଉଡର ଓ ଔଷଧ ଆଦି ବଣ୍ଟନ କରୁଛନ୍ତି। ଗୁରୁତର ରୋଗୀମାନଙ୍କୁ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଉଛି। ତେବେ କେଉଁ



କାରଣରୁ ଝାଡ଼ାବାନ୍ତି ବ୍ୟାପିଛି ତାହା ଅସ୍ପଷ୍ଟ ଥିବା ବେଳେ ଦୂଷିତ ପିଇବା ପାଣିକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଲୋକଙ୍କ ଅଭିଯୋଗ ଅନୁସାରେ ସ୍ୱଜଳଧାରା ଜଳଯୋଗାଣ ପାଇଁ ଥିବା ଓଭର ହେଡ୍ ଟାଙ୍କି ଅନେକ ସ୍ଥାନରେ ଖୋଲାମେଲା ହୋଇ ପଡ଼ିଛି। ଏଥିସହିତ ବିଭିନ୍ନ ଜାଗାରେ ପାଇପ୍ ଫାଟି ସେଥିରେ ବାହାର ପାଣି ଓ ନର୍ଦ୍ଦମା ପାଣି ମଧ୍ୟ ମିଶୁଛି। ଫଳରେ ଗାଁ ଲୋକଙ୍କୁ ଏହି ଦୂଷିତ ପାଣି ପିଇବାକୁ ପଡୁଛି। ସେଥିପାଇଁ ଝାଡ଼ାବାନ୍ତି ଅଧିକାଂଶ ଜାଗାରେ ବ୍ୟାପୁଥିବା ସନ୍ଦେହ କରାଯାଉଛି। ଏପଟେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ ବେହେରା ପାଣିତଥା ପ୍ରଦୂଷିତ ଖାଦ୍ୟ ପାଇଁ ସଂକ୍ରମଣ ହୋଇଥିବା ସନ୍ଦେହ କରୁଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରିବା ସହିତ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ବଣ୍ଟନ କରାଯାଉଛି ବୋଲି ଡା. ବେହେରା କହିଛନ୍ତି।

# ନାଟକ 'ବାଞ୍ଛାର ବଗିଚା' ମଞ୍ଚସ୍ଥ



**ଭୁବନେଶ୍ୱର (ପିପିଏସ୍):** ବାଞ୍ଛା ନିଜ ରକ୍ତକୁ ପାଣି କରି ଫୁଲଫଳ ଭରା ସୁନ୍ଦର ବଗିଚାଟିଏ ତିଆରି କରିଥିଲା। ଅଞ୍ଚଳରେ ବହୁତ ଚର୍ଚ୍ଚିତ ତଥା ପ୍ରଶଂସିତ ଏହି ବଗିଚା ଉପର ଜମିଦାର ଛକଡ଼ି ମହାନ୍ତିର ଲୋଲୁପ ଦୃଷ୍ଟି ଥାଏ। ବହୁ ଚେଷ୍ଟା ସତ୍ତ୍ୱେ ବଗିଚାକୁ ହାତେଇବାରେ ଅସଫଳ ହୋଇ ଶେଷରେ ତାର ମୃତ୍ୟୁ ହୋଇଯାଏ। ତଥାପି ମୃତ୍ୟୁ ପରେ ତା'ର ଅତୃପ୍ତ ଆତ୍ମା ସେଇ ବଗିଚାରେ ରହି ବିଳାପ କରେ। ଛକଡ଼ି ମହାନ୍ତିର ମୃତ୍ୟୁ ପରେ ବାବାଙ୍କର ଇଚ୍ଛାକୁ ପୂରଣ କରିବାକୁ ଲାଗିପଡ଼େ ଜମିଦାର ପୁଅ ନକଡ଼ି ମହାନ୍ତି। କୁଚକ୍ରୀ ମୋହରିର ସହିତ ମିଶି ସେ ଏକ ଯୋଜନା ପ୍ରସ୍ତୁତ କରେ। ୯୫ ବର୍ଷର ବୃଦ୍ଧ ରୋଗଗ୍ରସ୍ତ ବାଞ୍ଛାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏକ ଦୁର୍ବଳ ମୁହୂର୍ତ୍ତରେ ଏକ ଚୁକ୍ତିପତ୍ର କରିବାରେ ସଫଳ ହୁଅନ୍ତି ସେମାନେ। ଚୁକ୍ତି ଅନୁସାରେ ବାଞ୍ଛା ବଞ୍ଚିଥିବା ପର୍ଯ୍ୟନ୍ତ ମାସକୁ ୨୦୦ ଟଙ୍କା କରି ପାଇବ ଏବଂ ମୃତ୍ୟୁ ପରେ ବଗିଚାର ମାଲିକାନା ଜମିଦାର ନକଡ଼ି ମହାନ୍ତି ହାତକୁ ଚାଲିଯିବ। ଛକଡ଼ି ମହାନ୍ତିର ଆତ୍ମା ଏବଂ ନକଡ଼ି ମହାନ୍ତି ଆନନ୍ଦରେ ବାଞ୍ଛାର ମୃତ୍ୟୁକୁ ଅପେକ୍ଷା କରିଥାଆନ୍ତି। କିନ୍ତୁ ଘଟଣା ଘଟେ ବିପରୀତ ଏମିତି କିଛି କାହାଣୀକୁ ନେଇ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଶତାବ୍ଦୀର କଳାକର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା' ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆଇଏସ୍ ସୁଦର୍ଶନ ନାୟକ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସମ୍ପାଦକ ଡ଼. ବିଜୟାନନ୍ଦ ସିଂ, ଏବଂ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ ଯୋଗଦେଇଥିଲେ। ଏହି ନାଟକର ରଚନା ମନୋଜ ମିତ୍ର କରିଥିବା ବେଳେ ବୃନ୍ଦାବନ ବାରିକ ନିର୍ଦ୍ଦେଶନା ଦେଇଥିଲେ। ଏହିପରି ନାଟକର ଅନୁବାଦ ଧିର ମଲ୍ଲିକ୍ କରିଥିବା ବେଳେ ସଙ୍ଗୀତରେ ପ୍ରତାପ ରହିଥିଲେ। ବୃନ୍ଦାବନ, ଧିର, ସନ୍ତୋଷ, ଭାରତ, ନରେନ୍ଦ୍ର, ସୌମ୍ୟ ପ୍ରମୁଖ ଅଭିନୟ କରିଥିଲେ।

# କାର୍ ଦୁର୍ଘଟଣାରେ ଜଣେ ମୃତ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର-ପୁରୀ ରାସ୍ତାର ଧଉଳି ଥାନା ଅନ୍ତର୍ଗତ ବେହେରା ସାହି ନିକଟସ୍ଥ ଦୁର୍ଗାମଣ୍ଡପ ସମ୍ମୁଖରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଆନନ୍ଦପୁର ଫକୀରପୁର ଗ୍ରାମର ରମେଶଚନ୍ଦ୍ର ନାଥ (୪୧)। ମୃତ ରମେଶଙ୍କ ଶଶୁର ପୂର୍ଣ୍ଣଚନ୍ଦ୍ର ନାଥ ଜ୍ୱାଇଁଙ୍କ ଦୁର୍ଘଟଣାରେ ମୃତ୍ୟୁ କରିଥିବା ନେଇ ଧଉଳି ଥାନା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଖବର ନେବାରୁ ଜଣାପଡ଼ିଛି ଯେ, ରମେଶ ରାସ୍ତା ପାର ହେଉଥିବା ବେଳେ ଏକ କାର୍ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପିଛାକରି କାବୁ କରି ପିପିଲି ଥାନାରେ ଜିମା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଆସିବା ବିଳମ୍ବ ଯୋଗୁଁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପୁଲିସ୍ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଶବକୁ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଯାତ୍ରୀଙ୍କୁ 'ଆମ ବସ୍' କର୍ମଚାରୀଙ୍କ ଆକ୍ରମଣ, ଭିଡିଓ ଭାଇରାଲ



**ଭୁବନେଶ୍ୱର (ପିପିଏସ୍):** ଜଣେ ଯାତ୍ରୀଙ୍କୁ 'ଆମ ବସ୍' କର୍ମଚାରୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଭୁଲବଶତଃ ଯାତ୍ରୀଜଣଙ୍କର ହାତ ଏକ ଜରୁରୀକାଳୀନ ବଟନରେ ବାଜିଯିବାରୁ ତାଙ୍କୁ ଏଭଳି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଯାତ୍ରୀଙ୍କୁ କର୍ମଚାରୀମାନେ ଏବେ ବସ୍ ଭିତରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏମିତି କି ଯାତ୍ରୀଙ୍କୁ ଗାଡିରୁ ଧକ୍କା ଦେଇ ବାହାରୁକୁ ଠେଲି ଦେଇଛନ୍ତି। ସଙ୍ଘବଦ୍ଧ ଭାବେ ନିସ୍ତୁକ ମାଡ଼ ମାରିବା ସହ ସର୍ବସମ୍ମୁଖରେ ଯାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଭଳି କର୍ମଚାରୀଙ୍କ ନାଁରେ ସାଘାତିକ ଅଭିଯୋଗ ଆସିଛି। କ୍ରୁଟ୍ ଦ୍ୱାରା ନିଯୁକ୍ତି ପାଇଥିବା ଆମ ବସ୍ କର୍ମଚାରୀମାନଙ୍କ ଏଭଳି ବ୍ୟବହାରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେବଳ ସମ୍ପୃକ୍ତ କର୍ମଚାରୀ ନୁହେଁ ବରଂ ଏହାକୁ ଚଳାଉଥିବା ଠିକା ସଂସ୍ଥା ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି କରାଯାଉଛି। ଆମ ବସ୍ ନମ୍ବର ଓଡ଼ି-୩୩ୟୁ-୯୩୧୮ ଭୁବନେଶ୍ୱରରୁ କଟକ ଆଡ଼କୁ ଯାଉଥିଲା। ୧୦.୧୬ ମିନିଟରେ ପାହାଳ ଛକ ନିକଟରେ ବସ୍ ବ୍ରେକ୍ ଦେଇଥିଲା। ଯାତ୍ରୀ ଜଣଙ୍କ ଛିଡା ହୋଇଥିବାରୁ ବ୍ରେକ୍ ପରେ ସନ୍ତୁଳନ ହାରାଇ ନିକଟରେ ଥିବା ଲୁହା ବାର୍‌କୁ ଧରିପକାଇଥିଲେ। ତେବେ ଏହି ବାର୍‌ରେ ଲାଗି ଥିବା ଜରୁରିକାଳୀନ ବଟନ୍‌ରେ ତାଙ୍କର ହାତ ବାଜିଯାଇଥିଲା। ଫଳରେ ବସ୍ ଅଟକି ଯାଇଥିଲା। ଏହି ଘଟଣାକୁ ନେଇ ତୁରନ୍ତ ଉଗ୍ର ହୋଇଉଠିଲେ ଆମ ବସ୍ କର୍ମଚାରୀ। ସେ କ'ଣ ପାଇଁ ଜରୁରିକାଳୀନ ବଟମ୍ ଦବାଇଛନ୍ତି। ଏହାପଛରେ କାରଣ କ'ଣ କିଛି ବି ବୁଝିଲେ ନାହିଁ। ସିଧାସଳଖ ଦୁଇ କର୍ମଚାରୀ ସଙ୍ଘବଦ୍ଧ ଭାବରେ ଆସି ଆକ୍ରମଣ ଆରମ୍ଭ କରିଦେଲେ। ଅନ୍ୟ ଯାତ୍ରୀଙ୍କ ଉପସ୍ଥିତରେ ବସ୍ ଭିତରେ ସମ୍ପୃକ୍ତ ଯାତ୍ରୀଙ୍କୁ ଆକ୍ରମଣ କଲେ। ତାଙ୍କ ମୁହଁକୁ ମୁଥ ମାରି ମାରି ବସ୍‌ରୁ ଠେଲି ଦେଲେ। ବାହାରେ ନିସ୍ତୁକ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ ହୋଇଗଲା। ସେ ଯେତେ ନେହୁରା ହେଲେ ବି ତାଙ୍କ କଥା କେହି ଶୁଣି ନ ଥିଲେ। କିଛି ଯାତ୍ରୀ ଏହାକୁ ବିରୋଧ କରିଥିଲେ ମଧ ଆମ ବସ୍ କର୍ମଚାରୀ କିଛି ଶୁଣୁ ନ ଥିଲେ। ଏହି ଘଟଣାର ସମ୍ପୂର୍ଣ୍ଣ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆକ୍ରମଣକାରୀ ଡ୍ରାଇଭର ଜଣଙ୍କ ହେଲେ ଗୋବିନ୍ଦ ବେହେରା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଗୋବିନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କ୍ରୁଟ୍ ପକ୍ଷରୁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କ୍ରୁଟ୍‌ର ଜଣେ ଅଧିକାରୀ କହିଛନ୍ତି।

# ବନମହୋତ୍ସବରେ ବୃକ୍ଷ ରୋପଣ

**ଭୁବନେଶ୍ୱର (ପିପିଏସ୍):** ସାଇନ୍ ଇଣ୍ଡିଆ ଏଜୁକେସନାଲ ଫାଇଣ୍ଡେସନ ପକ୍ଷରୁ ୭୬ତମ ବନମହୋତ୍ସବ ଦୁଇଦିନ ବ୍ୟାପୀ ଭୁବନେଶ୍ୱରସ୍ଥ ୧୨୦ ବାଟାଲିୟନ୍ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବନମହୋତ୍ସବର ୬୩ ଦିବସରେ ଅନୁଷ୍ଠାନର ଅଧ୍ୟକ୍ଷ ତାପସ କୁମାର ଦାସଙ୍କ ସଭାପତିତ୍ୱରେ ପରିବେଶ ସଚେତନତା ଏବଂ ବୃକ୍ଷରୋପଣ ସମ୍ପର୍କରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଟାଲିୟନର ଅଫିସର କେ, ସୁରିନ୍ଦର କୁମାର ଯାବଦ ଯୋଗଦେଇ ସାଇନ୍ ଇଣ୍ଡିଆର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପରେ ପରେ ଓସେଡ଼ୋ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ନେତାଜୀ ସୁଭାଷ ବୋଷ ପବ୍ଲିକ ସ୍କୁଲ୍‌ର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବାଟାଲିୟନର ଯବାନମାନଙ୍କ ସହଯୋଗରେ ବୃକ୍ଷ ଚାରାରୋପଣ କରାଯାଇଥିଲା। ୧୨୦ ବାଟାଲିୟନରେ କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ରୋହିତ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ହାବିଲଦାର ନକୁଳ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨୦ରୁ ଅଧିକ ଯବାନ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଓସେଡ଼ୋର ମିନତୀ ସାହୁ, ମନୋରଞ୍ଜନ ମହାନ୍ତି, ନିତ୍ୟାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିକ୍ରେତା ସଂଗ୍ରହ ଅଭିଯାନ



**ଭୁବନେଶ୍ୱର (ପିପିଏସ୍):** ଷ୍ଟାର୍ଟଅପ୍ ଓଡ଼ିଶା, ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ସହଯୋଗରେ ଭୁବନେଶ୍ୱରର ଓ-ହବ ଅଡିଟୋରିୟମ୍ ହଲ୍‌ରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପରେ ବିକ୍ରେତା ସଂଗ୍ରହ ଅଭିଯାନ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଶିଳ୍ପ ମହାସଂଘର କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ବେହେରା, ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ପ୍ରବୀଣା ନାୟକ, ନିଯୁକ୍ତି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଲିନୁ ଦାସ, ଖୋର୍ଦ୍ଧା ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ସମୁଚିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳା ଏମଏସଏମଇ ଆରଏଏମପି ଯୋଜନା ଅଧୀନରେ ବ୍ୟବସାୟ ବିକାଶ ସେବା ପ୍ରଦାନକାରୀ ପଦକ୍ଷେପର ଏକ ଅଂଶ ଥିଲା। ଏହି କର୍ମଶାଳାରେ ଉଦ୍ୟୋଗୀ, ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରଭାବଶାଳୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଉପକରଣ ବିଷୟରେ ଅବଗତ କରାଯାଇଥିଲା। ବିଶେଷଜ୍ଞମାନେ ପ୍ରକଳ୍ପ ଉଦ୍ଦେଶ୍ୟ, ବଜାର ବିଶ୍ଳେଷଣ, ଆର୍ଥିକ ଆକଳନ ଓ ବିପଦ ହ୍ରାସ ରଣନୀତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଅଧିବେଶନଗୁଡ଼ିକରେ ନବସୃଜନ, ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ ଦୀର୍ଘକାଳୀନ ବ୍ୟବସାୟ ଯୋଜନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶ୍ନୋତ୍ତର ଅଧିବେଶନ ଆୟୋଜିତ ହୋଇଥିଲା।

# ଓଡିଏମ୍‌ରେ ଏଲ୍ଇଏପି ସିରିଜ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର (ପିପିଏସ୍) :** ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲରେ ଏଲ୍ଇଏପି ସିରିଜ୍ କାର୍ଯ୍ୟକ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏଲ୍ଇଏପି ସିରିଜ୍ କାର୍ଯ୍ୟକ୍ରମରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପ୍ରତିଷ୍ଠାନର ଖଣିଜ ପ୍ରକ୍ରିୟାକରଣ ବିଭାଗ ମୁଖ୍ୟ ବୈଜ୍ଞାନିକ ଡ. ରଞ୍ଜନ କୁମାର ଦ୍ୱାରି, ଆର୍ଏମ୍ଏନ୍ଏଚ୍‌ର ବରିଷ୍ଠ ବୈଜ୍ଞାନିକ ଗୌରବ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବୈଜ୍ଞାନିକ ଡ. ପ୍ରସାଦ କୁମାର ଦାଶ, ମେଜର ଇନ୍‌ସପେକ୍ଟର ଜେନେରାଲ୍, ଆସାମ ରାଇଫଲ୍ସ (ଉତ୍ତର)ର ମେଜର ଜେନେରାଲ୍ ବିଏସ୍. ଦାସ ଏବଂ ଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ରୟାଲ ସାଇନ୍ସ କଲେଜରେ ସ୍ୱାଗତ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି +୨ ଆବାସିକ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଯୋଗଦେଇ କଠୋର ପରିଶ୍ରମ ବଳରେ ଜୀବନର ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଉପାଧ୍ୟକ୍ଷ ମିଲନ୍ ମହାନ୍ତି ଉଚ୍ଚାଭିଳାଷି ହେବା ସହ ତାକୁ ହାସଲ କରିବାକୁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାଥ, ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର, ରୟାଲ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ, ମ୍ୟାନେଜର ଅଜୟ କୁମାର ଦାଶ ଏବଂ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କଲେଜ୍‌ର ପ୍ରାଚୀର ପତ୍ର 'ରିଜନ୍ ଦି ଏଟ୍ରା'ର ଉଦ୍‌ଘାଟିତ ହୋଇଛି। ନବାଗତ ବିଦ୍ୟାର୍ଥୀମାନେ ନିଜର ପରିଚୟ ପ୍ରଦାନ କରି ଭବିଷ୍ୟତର ଲକ୍ଷ ସମ୍ପର୍କରେ କହିଥିଲେ।

# ରାଜଧାନୀରେ ବୁଲା କୁକୁର ଗଣିବ ବିଏମ୍‌ସି



**ଭୁବନେଶ୍ୱର (ପିପିଏସ୍) :** ଖୁବ୍‌ଶୀଘ୍ର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜଧାନୀରେ ବୁଲାକୁକୁର ଗଣନା କରାଯିବ। ବୁଲା କୁକୁରଙ୍କ ଉତ୍ପାତ ଯୋଗୁଁ ବହୁ ଦୁର୍ଘଟଣା ଘଟୁଥିବାବେଳେ ଚାଳକମାନେ ଭୟରେ ଗାଡ଼ିରୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇ ମୃତାହତ ହେଉଛନ୍ତି। ବନ୍ଧ୍ୟାକରଣ ଜରିଆରେ ଏହି ବୁଲାକୁକୁରଙ୍କୁ ନିୟନ୍ତ୍ରଣ ପାଇଁ ଯେତେ ଚେଷ୍ଟା କଲେ ବି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ବିଫଳ ହୋଇଛି। ସଂଖ୍ୟା ଏତେ ବଢ଼ିଯାଇଛି ଯେ ଏମାନଙ୍କୁ ବନ୍ଧ୍ୟାକରଣ କରିବା, ସୁସ୍ଥ ହେବା ପର୍ଯ୍ୟନ୍ତ କେନେଲ୍‌ରେ ରଖିବା ସମ୍ଭବ ହେଉନି। ଏଣୁ ଭୁବନେଶ୍ୱର ମହାନଗର ନିଗମ ଏମାନଙ୍କ ଗଣତି କରି ସେହି ଅନୁସାରେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରି ବନ୍ଧ୍ୟାକରଣ ପ୍ରକ୍ରିୟାକୁ ଆଗକୁ ନେବାକୁ ଯୋଜନା କରିଛି। ପଶୁ ଜନ୍ମ ନିୟନ୍ତ୍ରଣ(ଏବିସି) ଯୋଜନାରେ ଭୁବନେଶ୍ୱର ମହାନଗର ନିଗମରେ କୁକୁର ବନ୍ଧ୍ୟାକରଣ ଅଭିଯାନ ଆରମ୍ଭ ହୋଇଛି। କିନ୍ତୁ ବନ୍ଧ୍ୟାକରଣ ପରେ ସୁସ୍ଥ ହେବା ପର୍ଯ୍ୟନ୍ତ କୁକୁର ରଖିବା ସ୍ଥାନ, ଆବଶ୍ୟକ ଭିତ୍ତିଭୂମି ଆଦି ସମସ୍ୟା କାରଣରୁ ଏଥିରେ ସେତେଟା ସଫଳତା ମିଳୁନି। ମାସେ ହେବ ବନ୍ଧ୍ୟାକରଣ ଅଭିଯାନ ଆରମ୍ଭ ହୋଇଥିଲେ ବି ଏହା ବିଶେଷ ସଫଳ ହୋଇନି। କୁକୁର ଅସ୍ତ୍ରୋପଚାର ସ୍ଥାନ ଶୀଘ୍ର ଶୁଖିବା ପାଇଁ ଇଲୋକ୍ଟ୍ରୋକଟେରି ସର୍ଜିକାଲ୍ ପଦ୍ଧତି ଆପଣାଯାଇଥିଲେ ବି ଏଥିରେ ସେତେଟା ସଫଳତା ମିଳିପାରିନି। ଏଣୁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ପ୍ରଥମେ କୁକୁର ଗଣନା କରି କେଉଁ ଅଞ୍ଚଳରେ କେତେ ବୁଲାକୁକୁର ଅଛନ୍ତି ଜାଣିବା ପରେ ସେହି ଅନୁଯାୟୀ ବନ୍ଧ୍ୟାକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ମହାନଗର ନିଗମର ୬୭ ୱାର୍ଡରେ କୁକୁର ଗଣତି ପ୍ରକ୍ରିୟା ଆରମ୍ଭ ହେବ। ଏ ବାବଦରେ ୧୧ଲକ୍ଷ ୯୫ହଜାର ଟଙ୍କା ଖର୍ଚ୍ଚ କରାଯିବ। ଭୁବନେଶ୍ୱର ମହାନଗର ନିଗମରେ ସଫେଇରେ ନିୟୋଜିତ ସ୍ୱଚ୍ଛସାଥୀ, ସୁପରଭାଇଜର, ଏସ୍ଏମ୍‌ଟିଏ, ଏସ୍ଆଇ, ଡିଇଓଙ୍କୁ ଏହି ଗଣନା ଦାୟିତ୍ୱ ଦିଆଯିବ। ଦିନରେ କୁକୁର ଗଣନା ସମ୍ଭବ ହେଉ ନଥିବାରୁ ଭୋର ସମୟରେ ଏମାନେ ଶୋଇଥିବା ବେଳେ ନିୟୋଜିତ କର୍ମଚାରୀମାନେ କୁକୁର ଗଣନା କରିବେ। ଗଣନାର ଭିଡିଓଗ୍ରାଫି ଓ ଫଟୋଗ୍ରାଫି ବି କରାଯିବ। ଯେହେତୁ ସ୍ୱଚ୍ଛସାଥୀ, ସୁପରଭାଇଜର ପ୍ରମୁଖ ବିଭିନ୍ନ ୱାର୍ଡର ଗଳିକନ୍ଦିକୁ ଭଲ ଭାବେ ଜାଣିଛନ୍ତି, ସେମାନେ ଠିକ୍ କୁକୁର ଗଣନା କରିପାରିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ସବୁ ୱାର୍ଡର ମୁଖ୍ୟ ରାସ୍ତା ସହ ଗଳି ଗଳି ବୁଲି ନିୟୋଜିତ କର୍ମଚାରୀମାନେ କୁକୁର ଗଣନା କରିବେ। କେଉଁ ଗଳିରେ କେତେ କୁକୁର ରହୁଛନ୍ତି, ତାର ହିସାବ ଦେବା ପରେ ସେହି ଅନୁଯାୟୀ କୁକୁର ଧରା ଓ ବନ୍ଧ୍ୟାକରଣ ଟିମ୍ ପ୍ରସ୍ତୁତ ହେବ। ପ୍ରାଣୀ ଚିକିତ୍ସାଳୟରେ ଅସ୍ତ୍ରୋପଚାରର ଆବଶ୍ୟକ ଭିତ୍ତିଭୂମି ବି ପ୍ରସ୍ତୁତ ହେବ। ଯେଉଁମାନେ ଗଣତିରେ ନିୟୋଜିତ ହେବେ, ସେମାନଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୧୧ଲକ୍ଷ ୯୫ହଜାର ଟଙ୍କା ଖର୍ଚ୍ଚ ହେବ। ସୂଚନାଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମର ମଞ୍ଚେଶ୍ୱରରେ ୨୪୦ଟି କୁକୁର କେନେଲ୍ ରହିଛି। ଏଠାରେ ଅସ୍ତ୍ରୋପଚାର ପାଇଁ ୨ଟି ଓଟି(ଅସ୍ତ୍ରୋପଚାର ଗୃହ) ଓ ୫ଟି ଟେବୁଲ୍ ରହିଛି। ସେହିଭଳି ସହିଦନଗରରେ ୧୨୦ଟି କୁକୁର କେନେଲ୍ ରହିଛି। ଯେଉଁଠି କୁକୁର ବନ୍ଧ୍ୟାକରଣ କାମ ହେଉଛି।






## ଅହମ୍ମଦାବାଦ ବିମାନ ଦୁର୍ଘଟଣା

# ୭ବର୍ଷ ପୂର୍ବରୁ କରାଯାଇଥିଲା ସତର୍କ



ଅହମଦାବାଦ: ଗତ ଜୁନ ୧୨ ତାରିଖରେ ଅହମଦାବାଦର ସରଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନ ଗାଟୱିକ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମଲାଇନର (ଫ୍ଲାଇଟ ଏଆଇ ୧୭୧) ଟେକଅଫ ପରେ ମାତ୍ର ୩୨ ସେକେଣ୍ଡରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ୨୪୨ ଜଣ ଯାତ୍ରୀ ଓ କ୍ରୁ ମେମ୍ବରଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ହଷ୍ଟେଲରେ ୧୯ ଜଣଙ୍କର ମଧ୍ୟ ଜୀବନ ହରାଇଥିଲେ। ଏହା ଭାରତର ଗତ ତିନି ଦଶନ୍ଧିରେ ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା। ଭାରତୀୟ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଶୁକ୍ରବାର ରାତିରେ ଏହି ଦୁର୍ଘଟଣା ସମ୍ପର୍କରେ ଏକ ୧୫ ପୃଷ୍ଠାର ପ୍ରାଥମିକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଟେକଅଫ ପରେ ମାତ୍ର ୩ ସେକେଣ୍ଡରେ ବିମାନର ଦୁଇଟି ଇଞ୍ଜିନର ଫ୍ୟୁଏଲ କଂଟ୍ରୋଲ ସୁଇଚ ଏକ ସେକେଣ୍ଡ ଅନ୍ତରରେ 'ରନ' ରୁ 'କଟଅଫ' ଅବସ୍ଥାକୁ ଚାଲିଯାଇଥିଲା, ଯାହା ଫଳରେ ଇଞ୍ଜିନଗୁଡିକ ଇନ୍ଧନ ଯୋଗାଣ ବନ୍ଦ ହୋଇଯାଇଥିଲା। ଏହା ବିମାନକୁ ଦ୍ରୁତ ଗତିରେ ଉଚ୍ଚତା ହରାଇବାକୁ ବାଧ୍ୟ କରିଥିଲା ଏବଂ ଅହମଦାବାଦର ମେଘାନୀ ଅଞ୍ଚଳରେ ଥିବା ବିଜେ ମେଡିକାଲ କଲେଜର ଏକ ହଷ୍ଟେଲ ଉପରେ ବିମାନଟି ଖସି ପଡିଥିଲା।

କକପିଟ ଭଏସ ରେକର୍ଡର ଅନୁଯାୟୀ, ଦୁର୍ଘଟଣା ପୂର୍ବରୁ ଜଣେ ପାଇଲଟ ଅନ୍ୟ ଜଣଙ୍କୁ ପଚାରିଥିଲେ, ଫ୍ୟୁଏଲ କାହିଁକି କଟ କରାଗଲା ? ଅନ୍ୟ ପାଇଲଟ ଉତ୍ତର ଦେଇଥିଲେ ଯେ ସେ ଏପରି କିଛି କରିନାହାନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏକ ଇଞ୍ଜିନ ପୁନଃ ଚାଲୁ ହେବାର ଚେଷ୍ଟା କରାଯାଇଥିଲା, କିନ୍ତୁ ଅନ୍ୟ ଇଞ୍ଜିନରେ ଇନ୍ଧନ ଯୋଗାଣ ସତ୍ତ୍ୱେ ମଧ୍ୟ ଏହା କାମ କରିନଥିଲା। ରିପୋର୍ଟରେ ଆମେରିକାର ଫେଡେରାଲ ଏଭିଏସନ ଆଡମିନିଷ୍ଟ୍ରେସନର ୨୦୧୮ରେ ଜାରି କରାଯାଇଥିବା ଏକ ସ୍ପେସିଆଲ ଏୟାରୱର୍ଥିନେସ ଇନଫର୍ମେସନ ବୁଲେଟିନକୁ ଉଲ୍ଲେଖ କରାଯାଇଛି, ଯେଉଁଥିରେ ବୋଇଂ ବିମାନର ଫ୍ୟୁଏଲ କଂଟ୍ରୋଲ ସୁଇଚର ଲକିଂ ମେକାନିଜମ ଅଚଳ ହେବାର ସମ୍ଭାବନା ବିଷୟରେ ଚେତାବନୀ ଦିଆଯାଇଥିଲା। ଏହି ସୁଇଚ ବୋଇଂ ୭୩୭ ଓ ୭୮୭ ବିମାନରେ ସମାନ ଡିଜାଇନ ଅଟେ। ତେବେ, ତାହା ଏହାକୁ ବାଧ୍ୟତାମୂଳକ ନିର୍ଦ୍ଦେଶ ଭାବେ ଜାରି କରିନଥିଲା, ବରଂ ଏକ ପରାମର୍ଶ ଭାବେ ରଖିଥିଲା। ଏୟାର ଇଣ୍ଡିଆ କହିଛି ଯେ ଏହି ପରାମର୍ଶ ଅନୁଯାୟୀ ସେମାନେ କୌଣସି ନିରୀକ୍ଷଣ କରିନଥିଲେ, କାରଣ ଏହା ବାଧ୍ୟତାମୂଳକ ନଥିଲା।

ବିମାନର ରାମ୍ ଏୟାର ଟର୍ବାଇନ ଟେକଅଫ ପରେ ସଙ୍କଟକାଳୀନ ଶକ୍ତି ଯୋଗାଇବା ପାଇଁ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହୋଇଥିଲା, ଯାହା ବିମାନବନ୍ଦରର ସିସିଟିଭି ଫୁଟେଜରେ ଦେଖାଯାଇଛି। ବ୍ଲାକ ବକ୍ସ (ଏନହାନସଡ ଏୟାରବର୍ଣ୍ଣ ଫ୍ଲାଇଟ ରେକର୍ଡର) ରୁ ତଥ୍ୟ ସଂଗ୍ରହ କରାଯାଇଥିଲେ ମଧ୍ୟ, ପଛ ଭାଗରେ ଥିବା ରେକର୍ଡର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁଁ ତଥ୍ୟ ପୁନରୁଦ୍ଧାର କରିବା ସମ୍ଭବ ହୋଇନଥିଲା।

# ଇସ୍ରାଏଲର ଚିନ୍ତା ବଢ଼ାଇଲା ତୁର୍କୀ



ନୂଆଦିଲ୍ଲୀ: ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସମ୍ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମ ନୋବେଲ୍ ପୁରସ୍କାର ପାଇଁ ପଠାଇଛନ୍ତି, କିନ୍ତୁ ଏହି ସମୟ ମଧ୍ୟରେ ଟ୍ରମ୍ପ ସମସ୍ୟାରେ ପଡ଼ିଥିବା ପରି ମନେ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ଚାହୁଁନାହିଁ ଯେ ଆମେରିକା ତାର ଲଢୁଆ ଜେଟ୍ ଏଫ-୩୫ ତୁର୍କୀକୁ ବିକ୍ରୟ କରୁ। ଏହା ଉପରେ ଇସ୍ରାଏଲ ନିଜର ଅସନ୍ତୋଷ ପ୍ରକାଶ କରିଛି।


ପ୍ରକୃତରେ, ତୁର୍କୀ ଏକ ବଡ଼ ଯୋଜନା କରିଛି। ସେ ତାର ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ-୪୦୦କୁ ପାକିସ୍ତାନକୁ ବିକ୍ରୟ କରିବାକୁ ଯୋଜନା କରୁଛି, କିନ୍ତୁ ଏହା ତାଙ୍କ ପାଇଁ ସହଜ ହେବ ନାହିଁ। ତୁର୍କୀକୁ ଏସ-୪୦୦ ବିକ୍ରୟ କରିବା ପୂର୍ବରୁ ରୁଷର ଅନୁମତି ନେବାକୁ ପଡିବ। ସେ ଆମେରିକାର ଲଢୁଆ ଜେଟ୍ ଏଫ-୩୫ ବିକ୍ରି କରି କିଣିବାକୁ ଚାହୁଁଛି ଏବଂ ଇସ୍ରାଏଲ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି । ଏକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ କହିଛି ଯେ ତୁର୍କୀକୁ ଏଫ-୩୫ ମିଳିବା ସମଗ୍ର ମଧ୍ୟପ୍ରାଚ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଜଣେ ଇସ୍ରାଏଲୀ ଅଧିକାରୀ ଏ ବିଷୟରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି। ଇସ୍ରାଏଲ ବିଶ୍ୱାସ କରେ ଯେ ଯଦି ତୁର୍କୀକୁ ଏଫ-୩୫ ଦିଆଯାଏ, ତେବେ ରୁଷ ଏହାର କ୍ଷମତା ଏବଂ ଶକ୍ତି ବିଷୟରେ ଏକ ଧାରଣା ପାଇଯିବ ।

ରୁଷର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ-୪୦୦କୁ ବହୁତ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ଭାରତ ମଧ୍ୟ ଏଥିରେ ବହୁତ ବିଶ୍ୱାସ ରଖିଛି। ତୁର୍କୀ ୨୦୧୭ରେ ପ୍ରାୟ ୨.୫ ବିଲିୟନ ଆମେରିକୀୟ ଡଲାରରେ ଏସ-୪୦୦ ପାଇଁ ରୁଷ ସହିତ ଏକ ଚୁକ୍ତି କରିଥିଲା। ଆମେରିକା ଏବଂ ନାଟୋ ଏହାକୁ ଅନେକ ଥର ବିରୋଧ କରିଥିଲେ। ଏହି କାରଣରୁ, ଏହାକୁ ଏଫ-୩୫ ଲଢୁଆ ଜେଟ୍ କାର୍ଯ୍ୟକ୍ରମରୁ ବାଦ ଦିଆଯାଇଥିଲା, କିନ୍ତୁ ବର୍ତ୍ତମାନ ତୁର୍କୀର ଏଫ-୩୫ ପାଇଁ ଇଚ୍ଛା ଜାଗ୍ରତ ହୋଇଛି।

## ଇରାନ୍-ଇସ୍ରାଏଲ ଯୁଦ୍ଧ ଶେଷ !

ନୂଆଦିଲ୍ଲୀ: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ମାତ୍ର ୧୨ ଦିନ ଧରି ଚାଲିଥିଲା, କିନ୍ତୁ ତାଇୱାନରେ ହଜାର ହଜାର କିଲୋମିଟର ଦୂରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଇସ୍ରାଏଲର ରଣନୀତି, ଆମେରିକାର ସମର୍ଥନ ଏବଂ ଇରାନର ପ୍ରତିଶୋଧ, ଏସବୁକୁ ତାଇୱାନ ବହୁତ ସତର୍କତାର ସହିତ ଦେଖିଥିଲା ଏବଂ ବୁଝିଥିଲା। ବର୍ତ୍ତମାନ ସେହି ତାଇୱାନ ଚୀନ୍ ସହିତ ମୁକାବିଲା କରିବା ପାଇଁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ପ୍ରସ୍ତୁତ କରୁଛି। ଏହାର ଏକ ଉଦାହରଣ ହେଉଛି ତାଇୱାନର ଏପର୍ଯ୍ୟନ୍ତ ସବୁଠାରୁ ବଡ ସାମରିକ ଅଭ୍ୟାସ 'ହାନ୍ କୁଆଙ୍ଗ୍ ଡ୍ରିଲ୍ସ', ଏହି ସପ୍ତାହରେ ଆରମ୍ଭ ହୋଇଛି। ଏଥିରେ ୨୨,୦୦୦ ରିଜର୍ଭ ସୈନିକ ସାମିଲ ଅଛନ୍ତି।

# ବିହାରରେ ୧୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବାକୁ ଯୋଜନା



ପାଟନା: ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନାର ପ୍ରଚାର କରିଛନ୍ତି। ପୂର୍ବରୁ ମହିଳାମାନଙ୍କ ପାଇଁ ସଂରକ୍ଷଣ ଥିବା ବେଳେ ନିକଟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମାଷ୍ଟରଷ୍ଟ୍ରୋକ୍ ଖେଳି ବିହାରରେ ସରକାରୀ ପଦବୀରେ ସିଧାସଳଖ ନିଯୁକ୍ତିରେ ମୂଳନିବାସୀ ମହିଳାଙ୍କୁ ୩୫ ପ୍ରତିଶତ ସଂରକ୍ଷଣ ଦେବା ଓ ପେନସନ ବୃଦ୍ଧି ନିଷ୍ପତ୍ତି ନେଇଥିଲେ। ସମ୍ପ୍ରତି ନୀତିଶ କୁମାର ରାଜ୍ୟର ପ୍ରତ୍ୟେକ ପରିବାର ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଣିକି ଉପଭୋକ୍ତା ମାଗଣାରେ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ପାଇପାରିବେ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଯାଇଥିବା ବେଳେ କ୍ୟାବିନେଟର ମୋହର ଲାଗିବା ବାକି ଅଛି ।ପ୍ରସ୍ତାବ ମୁତାବକ ଉପଭୋକ୍ତାଙ୍କୁ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ କୌଣସି ପ୍ରକାର ଶୁଳ୍କ ପ୍ରଦାନ କରିବାକୁ ପଡ଼ିବ ନାହିଁ। ଏହାପରେ ଯେତିକି ବିଜୁଳି ଉପଭୋକ୍ତା ଖର୍ଚ୍ଚ କରିବେ ସେଇ ଅନୁଯାୟୀ ଚାର୍ଜ ପୈଠ କରିବାକୁ ହେବ।

# ପାକିସ୍ତାନ ସେନା ଉପରେ ବାଲୁଚ୍ ସେନାର ଆକ୍ରମଣ; ୫୦ ଯବାନ ନିହତ



ନୂଆଦିଲ୍ଲୀ : ବାଲୁଚ ସେନା ଗତ ତିନି ଦିନ ଧରି ବେଲୁଚିସ୍ତାନରେ ପାକିସ୍ତାନୀ ସେନା ଉପରେ ଲଗାତାର ଆକ୍ରମଣ କରିଆସୁଛି। ଏହି ଆକ୍ରମଣରେ ପାକିସ୍ତାନୀ ସେନାର ୫୦ ଜଣ ଯବାନ ଏବଂ ଗୁପ୍ତଚର ସଂସ୍ଥାର ୯ ଜଣ ଏଜେଣ୍ଟଙ୍କ ମୃତ୍ୟୁ ହୋଇଛି। ଏହା ବ୍ୟତୀତ ପ୍ରାୟ ୫୧ ଜଣ ଯବାନ ଆହତ ହୋଇଛନ୍ତି। ବାଲୁଚ୍ ଆର୍ମି ଦାବି କରିଛି ଯେ, ୯ ଜୁଲାଇରୁ ୧୧ ଜୁଲାଇ ପର୍ଯ୍ୟନ୍ତ ପାକିସ୍ତାନୀ ସେନାର ୮୪ଟି ଘାଟି ଉପରେ ଆକ୍ରମଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ବାଲୁଚ୍ ସେନା ପାକିସ୍ତାନର ସାମରିକ ଗୁଇନ୍ଦା ଏବଂ ଆଇଏସଆଇର ୯ ଜଣ ଏଜେଣ୍ଟଙ୍କୁ ହତ୍ୟା କରିଛି। ବାଲୁଚ୍ ସେନା ଏହି ଅପରେସନକୁ ବାମ୍ ନାମ ଦେଇଛି। ସୂଚନା ଅନୁଯାୟୀ, ୭୨ ଘଣ୍ଟା ଧରି ଚାଲିଥିବା ଏହି ଅପରେସନରେ ବାଲୁଚ୍ ସେନା ଅନେକ ଖଣିଜ ଏବଂ ଗ୍ୟାସ ଟ୍ୟାଙ୍କରକୁ ମଧ୍ୟ ଟାର୍ଗେଟ କରିଥିଲା। ଏହା ବ୍ୟତୀତ ବାଲୁଚ୍ ସେନା ପାକିସ୍ତାନ ସେନାର ୫ଟି ଡ୍ରୋନ୍ ମଧ୍ୟ ନଷ୍ଟ କରିଛି। ବିଏଲଏ ଅନୁଯାୟୀ, ଏହା ପାକିସ୍ତାନ ସେନା ଉପରେ ପ୍ରାୟ ୩୦ଟି ଆକ୍ରମଣ କରିଛି। ପାକିସ୍ତାନର ଗୁପ୍ତଚର ସଂସ୍ଥା ଉପରେ ୨ଟି ଆକ୍ରମଣ ହୋଇଥିବା ବେଳେ, ୪ଟି ଆକ୍ରମଣ ପୁଲିସ ଚେକ୍ ପୋଷ୍ଟ ଉପରେ ଏବଂ ୪ଟି ଆକ୍ରମଣ ସେନା ଚେକ୍ ପୋଷ୍ଟ ଉପରେ କରିବା ସହ ପାକ୍ ସେନାର ଅସ୍ତ୍ରଶସ୍ତ୍ର ମଧ୍ୟ ଲୁଟି ନେଇଥିଲେ। ଯେଉଁଥିରେ ସ୍ୱୟଂଚାଳିତ ମେସିନ୍ ଗନ୍ ମଧ୍ୟ ସାମିଲ ଥିଲା। ବାଲୁଚ୍ ସେନା କୋଲୱା, ବେଲା, କଛି ଏବଂ ଝାଲାୱାନ୍ ଅଞ୍ଚଳରେ ଏହି ସମ୍ପୂର୍ଣ୍ଣ ଅପରେସନ୍ କରିଥିଲା।

## ପାୱାରଙ୍କୁ ଝଟକା, ସଭାପତି ପଦରୁ ଇସ୍ତଫା ଦେଲେ ଜୟନ୍ତ ପାଟିଲ



ମୁମ୍ବାଇ : ଶରଦ ପାୱାରଙ୍କ ଏନସିପିରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଜୟନ୍ତ ପାଟିଲ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏହାପରେ ଶରଦ ପାୱାର ଏବେ ଶଶିକାନ୍ତ ଶିନ୍ଦେଙ୍କୁ ଦଳର ନୂତନ ସଭାପତି ଭାବରେ ନିଯୁକ୍ତ କରିଛନ୍ତି। ଶଶିକାନ୍ତ ଶିନ୍ଦେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ ।ଜୟନ୍ତ ପାଟିଲ ପାର୍ଟି ମୁଖ୍ୟ ଶରଦ ପାୱାରଙ୍କ ଠାରୁ ଦାବି କରିଥିଲେ ଯେ ତାଙ୍କୁ ରାଜ୍ୟ ସଭାପତି ପଦରୁ ମୁକ୍ତ କରାଯାଉ। ସେ ଜୁନ ୧୦ ରେ ଦଳର ବାର୍ଷିକୀରେ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ।ଜୟନ୍ତ ପାଟିଲ କହିଛନ୍ତି, ପାୱାର ସାହେବ ମୋତେ ବହୁତ ସୁଯୋଗ ଦେଇଥିଲେ। ସେ ମୋତେ ସାତ ବର୍ଷର କାର୍ଯ୍ୟକାଳ ଦେଇଥିଲେ। ଶେଷରେ, ଦଳକୁ ନୂତନ ମୁହଁକୁ ସୁଯୋଗ ଦେବାକୁ ପଡିବ। ମୁଁ ଆପଣମାନଙ୍କୁ ଅନୁରୋଧ କରିବି ଯେ ସର୍ବପରି ଦଳ ପାୱାର ସାହେବଙ୍କର। ସେ ଏ ବିଷୟରେ ସଠିକ ନିଷ୍ପତ୍ତି ନେବା ଉଚିତ୍ ?। ଆମକୁ ଏପର୍ଯ୍ୟନ୍ତ ବହୁତ ବାଟ ଯିବାକୁ ଅଛି।

# ପାକିସ୍ତାନ ସହ ବାଣିଜ୍ୟ ଚୁକ୍ତି କଲା ରୁଷ

ନୂଆଦିଲ୍ଲୀ: ପାକିସ୍ତାନ ସହ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି କଲା ରୁଷ। ଏହାକୁ ନେଇ ଦୀର୍ଘ ମାସ ଧରି ଚର୍ଚ୍ଚା ହେଉଥିଲା। ଶୁକ୍ରବାର ପାକିସ୍ତାନ ଓ ରୁଷ ମିଳିତ ଭାବରେ ଏହି ଚୁକ୍ତିର ଘୋଷଣା କରିଛନ୍ତି, ଯାହା ଅନୁସାରେ, କରାଚୀରେ ଏକ ଅତ୍ୟାଧୁନିକ ଷ୍ଟିଲ ମିଲ୍ର ସ୍ଥାପନା କରାଯିବ। ଏହି ପ୍ରୋଜେକ୍ଟ ଦୁଇ ଦେଶ ମଧ୍ୟରେ ଆର୍ଥିକ ଓ ଔଦୋଗିକ ସହଯୋଗର ଏକ ନୂଆ ଯୁଗର ଆରମ୍ଭ ଭାବରେ ଦେଖାଯାଉଛି। ଏହି ଡିଲ୍ ଦ୍ୱାରା ପାକିସ୍ତାନର ଅର୍ଥବ୍ୟବସ୍ଥା ସୁଧୁରିବ ବୋଲି ଆଶା କରାଯାଉଛି। ଏହା ସହ ଔଦଗିକ ବିକାଶ ଓ ରୋଜଗାର ନେଇ ସୁଯୋଗ ମିଳିବ।

ଏହି ଚୁକ୍ତି ଶୁକ୍ରବାର ମସ୍କୋରେ ପାକିସ୍ତାନ ଦୂତାବାସରେ ଆୟୋଜିତ ଏକ ସମାରୋହରେ ହୋଇଥିଲା। ପାକିସ୍ତାନର ଉଦ୍ୟୋଗ ଓ ଉତ୍ପାଦନ ମନ୍ତ୍ରଣାଳୟର ସଚିବ ସେଫ୍ ଅଞ୍ଜୁମ ଓ ରୁଷର ଔଦଗିକ ଇଞ୍ଜିନିୟରିଂ ମହାନିର୍ଦ୍ଦେଶକ ୱାଦିମ ଭୋଲିଚକୋ ଏହା ଉପରେ ସାକ୍ଷର କରିଛନ୍ତି। ଏହି ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟକ ହାରୁନ ଅଖତର ଖାନ୍ ଓ ରୁଷରେ ପାକିସ୍ତାନ ରାଷ୍ଟ୍ରଦୂତ ମହମ୍ମଦ ଖାଲିଦ ଜମାଲି ମଧ୍ୟ ଉପସ୍ଥିତ ଥିଲେ।

ପାକିସ୍ତାନୀ ଖବର କାଗର 'ଡନ୍'ର ରିପୋର୍ଟ ଅନୁସାରେ, ରୁଷ ପ୍ରଥମ ଥର ପାକିସ୍ତାନରେ ଷ୍ଟିଲ୍ ମିଲ୍ ତିଆରି କରିବା ନେଇ ଚୁକ୍ତିକୁ ଅନ୍ତିମ ରୂପ ଦେଇଛି। ଏହି ପ୍ରକଳ୍ପ ପାକିସ୍ତାନ ଷ୍ଟିଲ୍ ମିଲ୍ସର ପୁନଃରୁଦ୍ଧାର ଓ ଆଧୁନୀକିକରଣର ଅଂଶ। ଯିଏକି ଦୀର୍ଘ ସମୟ ଧରି ଆର୍ଥିକ ଚ୍ୟାଲେଞ୍ଜର ସାମନା କରୁଛି। ଏହି ଚୁକ୍ତି ଅନୁସାରେ, ପିଏସ୍ଏମ୍ ନା କେବଳ ଦ୍ୱିତୀୟ ଥର ଛିଡା ହେବ, ବରଂ କରାଚୀରେ ୭୦୦ ଏକର ଭୂମିର ଏକ ନୂଆ ଅତ୍ୟାଧୁନିକ ଇସ୍ପାତ ୟୁନିଟ୍ ସ୍ଥାପିତ କରାଯିବ। ଏହି ଡିଲ୍ର ଆନୁମାନିକ ଖର୍ଚ୍ଚ ୨.୬ ବିଲିୟନ ଡଲାର (ପ୍ରାୟ ୨୨,୦୦୦ କୋଟି ଟଙ୍କା) ଯାହାକି ପାକିସ୍ତାନର ଅର୍ଥବ୍ୟବସ୍ଥାରେ ଏକ ବଡ଼ ନିବେଶ ବୋଲି ମନେକରାଯାଉଛି।

## ଇସ୍ତଫା ଦେବେ ଏଫ୍‌ବିଆଇ ମୁଖ୍ୟ !

ୱାଶିଂଟନ : ଆମେରିକାରେ କୁଖ୍ୟାତ ଜେଫ୍ରି ଏପଷ୍ଟିନ ମାମଲାର ତଦନ୍ତ ନିରନ୍ତର ଆଗକୁ ବଢୁଛି। କୁହାଯାଉଛି ଯେ ଏହି ମାମଲା ଟ୍ରମ୍ପ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚିବା ଆରମ୍ଭ କରିଛି। ସମ୍ପ୍ରତି ଏକ ଖବର ଆସିଥିଲା ଯେ ଏଫବିଆଇ ଡେପୁଟି ଡାଇରେକ୍ଟର ଡାନ ବୋଙ୍ଗିନୋ ଇସ୍ତଫା ଦେଇପାରନ୍ତି। ତଥାପି, ଏ ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ। ଏସବୁ ମଧ୍ୟରେ, ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଏଫବିଆଇ ନିର୍ଦ୍ଦେଶକ କାଶ ପଟେଲ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ବିଚାର କରିପାରନ୍ତି। ଏହା ବିଶ୍ୱାସ କରାଯାଉଛି ଯେ କାଶ ପଟେଲ ଡେପୁଟି ଡାଇରେକ୍ଟର ଡାନ ବୋଙ୍ଗିନୋଙ୍କ ସହ ଏକତା ଦେଖାଇ ଏପରି କରିପାରନ୍ତି। ଏଫବିଆଇ ଡେପୁଟି ଡାଇରେକ୍ଟର ଡାନ ବୋଙ୍ଗିନୋଙ୍କର ଆଟର୍ଣ୍ଣି ଜେନେରାଲ ପାମ ବଣ୍ଡିଙ୍କ ସହ ମତଭେଦ ରହିଛି। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଜେଫ୍ରି ଏପଷ୍ଟିନଙ୍କ ମୃତ୍ୟୁ ଏବଂ ତାଙ୍କ କଥିତ କ୍ଲାଏଣ୍ଟ ତାଲିକାରେ ନ୍ୟାୟ ବିଭାଗ ତଦନ୍ତ ବିଷୟରେ ବିବାଦୀୟ ଆଲୋଚନାରେ ମତଭେଦ ରହିଛି। ପ୍ରକୃତରେ, ଏହି ସପ୍ତାହ ଆରମ୍ଭରେ, ବୋଙ୍ଗିନୋ ଏବଂ ବଣ୍ଡିଙ୍କ ମଧ୍ୟରେ କୌଣସି ବିଷୟରେ ମତଭେଦ ହୋଇଥିଲା। ଏହା ପରେ, ଉଭୟଙ୍କ ମଧ୍ୟରେ ଉତ୍ତେଜନା ବହୁତ ବଢ଼ିଯାଇଥିଲା। ସୂଚନାଯୋଗ୍ୟ, ଏହି ବିବାଦ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏପଷ୍ଟାଇନ ମାମଲାକୁ କିପରି ପରିଚାଳନା କରିଥିଲେ ତାହା ନେଇ ଥିଲା। ଏହି ଏପିସୋଡ ଏକ ସମୀକ୍ଷା ସହିତ ଜଡିତ। ତଥାପି, ଅଧିକାରୀମାନେ କହିଛନ୍ତି ଯେ ଏହି ସମୀକ୍ଷାର କୌଣସି ଅସ୍ତିତ୍ୱ ନାହିଁ। ଏହି ବିବାଦ ପରେ ବୋଙ୍ଗିନୋଙ୍କୁ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ କୁହାଯାଇଥିଲା।

## ଘାଟିରେ ଖସିଲା କାର୍, ୫ ମୃତ

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଶୁକ୍ରବାର ରାତିରେ ଏକ କାର ଅନିୟନ୍ତ୍ରିତ ହୋଇ ଘାଟିର ୬୦୦ ଫୁଟ୍ ତଳକୁ ଖସିଯାଇଛି।



ଏହି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଠାରେ ତାଙ୍କର ଚିକିତ୍ସା ଚାଲିଛି। ସେହିପରି ଜିଲ୍ଲା ପ୍ରଶାସନ ମୃତକଙ୍କ ପରିବାରକୁ ଏକ-ଏକ ଲକ୍ଷ ଟଙ୍କା ଏବଂ ଆହତକୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଘୋଷଣା କରିଛନ୍ତି ।କୁହାଯାଉଛି ଯେ, ବିଳମ୍ବିତ ରାତିରେ କାରଟି ନିୟନ୍ତ୍ରଣ ହରାଇ ଘାଟିରେ ଖସିପଡ଼ିଛି। ରାମବନ ଜିଲ୍ଲାରେ ଘଟିଥିବା ଏହି ଦୁର୍ଘଟଣାରେ ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଏବଂ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଦୁଃଖ ପ୍ରକାଶ କରିଛନ୍ତି।

# କପିଳ ଶର୍ମାଙ୍କୁ ଧମକ ଦେଲେ ଖଲିସ୍ତାନୀ ଆତଙ୍କବାଦୀ

ଟାୱା : କାନାଡାରେ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାଫେରେ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଛି କାନାଡା ପୋଲିସ। ପ୍ରାରମ୍ଭିକ ତଦନ୍ତରେ ଖଲିସ୍ତାନୀ ସମର୍ଥକଙ୍କ ସମ୍ପୃକ୍ତି ସନ୍ଦେହ ସୃଷ୍ଟି ହୋଇଛି। ଏହି ସମୟରେ, ଖଲିସ୍ତାନୀ ସଂଗଠନ ଶିଖ ଫର ଜଷ୍ଟିସର ପ୍ରତିଷ୍ଠାତା ଗୁରପତୱନ୍ତ ସିଂହ ପନ୍ନୁ ଏକ ଧମକପୂର୍ଣ୍ଣ ଭିଡିଓ ଜାରି କରିଛନ୍ତି। ପନ୍ନୁ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, 'କାନାଡା ତୁମର ଖେଳ ପଡ଼ିଆ ନୁହେଁ। ତୁମର କଠିନ ପରିଶ୍ରମର ଟଙ୍କା ଭାରତକୁ ଫେରାଇ ନିଅ।'



ସେ କପିଲ ଶର୍ମାଙ୍କୁ ହିନ୍ଦୁତ୍ୱ ଚିନ୍ତାଧାରା ପ୍ରସାର କରିବାର ଅଭିଯୋଗ କରିଥିଲେ ।ପନ୍ନୁ କହିଛନ୍ତି ଯେ କାନାଡା ନିଜ ଦେଶରେ ଏପରି ଚିନ୍ତାଧାରା ବୃଦ୍ଧି ପାଇବାକୁ ଦେବ ନାହିଁ। ସେ ଏହା ମଧ୍ୟ ପଚାରିଥିଲେ ଯେ କପ୍ସ କାଫେ କମେଡିର ଏକ କେନ୍ଦ୍ର ନା ହିନ୍ଦୁତ୍ୱ ପ୍ରସାର କରିବାର ଷଡ଼ଯନ୍ତ୍ରର ଏକ ଅଂଶ ?

## ଧରାପଡ଼ିଲେ ନକଲି ହିନ୍ଦୁ

ଉତ୍ତରାଖଣ୍ଡ: ନକଲି ହିନ୍ଦୁଙ୍କୁ ଧରିବା ପାଇଁ ଆରମ୍ଭ ହୋଇଛି ଅପରେସନ, ଯାହାର ନାଁ ଦିଆଯାଇଛି କଲାନେମି। ଏହି ଅଭିଯାନ ହରିଦ୍ୱାରରେ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ନିର୍ଦ୍ଦେଶରେ, ହରିଦ୍ୱାର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ନକଲି ବାବାମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଛି। ପ୍ରଥମ ଦିନରେ, ଏହି ଅଭିଯାନ ଅଧୀନରେ ୫୦ ରୁ ଅଧିକ ସନ୍ଦିଗ୍ଧଙ୍କୁ ଧରାଯାଇଛି। ଏହା ସହିତ, ୬ ଜଣ ଏପରି ବାବାଙ୍କୁ ଧରାଯାଇଛି ଯେଉଁମାନେ ମୁସଲମାନ, କିନ୍ତୁ ଭିକାରି ଏବଂ ବାବାଙ୍କ ବେଶରେ ବୁଲୁଥିଲେ। ଏହି ଅଭିଯାନ ଅଧୀନରେ, ଇଓ ସହାୟତାରେ ୩୫ ଜଣ ସନ୍ଦିଗ୍ଧ ବ୍ୟକ୍ତି ଏବେ ବି ହରିଦ୍ୱାର ପୋଲିସର ହେପାଜତରେ ଅଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ଏବଂ ମୁହଁ ଚିହ୍ନଟ କ୍ୟାମେରା ସାହାଯ୍ୟରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଉଛି। ୩୫୦ ରୁ ଅଧିକ କ୍ୟାମେରା ଦ୍ୱାରା କମାଣ୍ଡ ନିୟନ୍ତ୍ରଣ କେନ୍ଦ୍ରରୁ ସମଗ୍ର ହରିଦ୍ୱାର ଉପରେ ନଜର ରଖାଯାଉଛି। ଡ୍ରୋନ୍ ଏବଂ ସିସି ଟିଭି କ୍ୟାମେରା ସାହାଯ୍ୟରେ ମଧ୍ୟ କଡ଼ା ନଜର ରଖାଯାଇଛି।

# କୋଲକାତା ଆଇଆଇଏମ୍‌ରେ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ

କୋଲକାତା: ପଶ୍ଚିମବଙ୍ଗରେ ପୁଣି ଦୁଷ୍କର୍ମ ।କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ । ଦକ୍ଷିଣ କୋଲକାତା ଆଇନ ମହାବିଦ୍ୟାଳୟର ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ମାମଲାର ତଦନ୍ତ ଚାଲିଥିବା ବେଳେ ଆଉ ଏକ ଦୁଷ୍କର୍ମ ଘଟଣା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । କୋଲକାତାର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ହଷ୍ଟେଲରେ ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ଶୁକ୍ରବାର ଘଟିଛି । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଛାତ୍ରକୁ ଗିରଫ କରିଥିବା ଜଣାପଡ଼ିଛି । ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ସେ ହରିଦେବପୁର ଥାନାରେ ଏତଲା ଦେଇଥିଲେ । ପୀଡିତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଛାତ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଛି । ପୋଲିସ ଅନୁଯାୟୀ, ପୀଡିତା ଏବଂ ବେଙ୍ଗାଲୁରୁର ବାସିନ୍ଦା ଅଭିଯୁକ୍ତ ପରମାନନ୍ଦ ଆଇଆଇଏମର ଦ୍ୱିତୀୟ ବର୍ଷ ଛାତ୍ର-ଛାତ୍ରୀ । ଦୁହେଁ ପରସ୍ପରକୁ ବେଶ ଭଲ ଭାବେ ଜାଣିଥିଲେ । ଦୁହିଁଙ୍କ ସାକ୍ଷାତ ପ୍ରଥମେ ଅନଲାଇନ ମାଧ୍ୟମରେ ହୋଇଥିଲା ଏବଂ ପରେ ପଠାପଢା ଓ କ୍ୟାରିୟରକୁ ନେଇ ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିଲା । ଶୁକ୍ରବାର ଅଭିଯୁକ୍ତ ଜଣକ କାଉନସେଲିଂରେ ସହଯୋଗ କରିବାକୁ କହି ଯୁବତୀଙ୍କୁ କ୍ୟାମ୍ପସକୁ ଡକାଇଥିଲା । ପୀଡିତା ଥାନାରେ କହିଛନ୍ତି, ଯେତେବେଳେ ସେ କ୍ୟାମ୍ପସରେ ପହଞ୍ଚିଥିଲେ ତାଙ୍କୁ ଭିଜିଟର ରେଜିଷ୍ଟରରେ ନାଁ ଲେଖିବାକୁ ମନା କରାଯାଇଥିଲା । ଏହା ସତ୍ତ୍ୱେ ସେ ଅଭିଯୁକ୍ତ ଛାତ୍ରଙ୍କ ଉପରେ ଭରସା କରି କ୍ୟାମ୍ପସ ଭିତରକୁ ଯାଇଥିଲେ । ଅଭିଯୁକ୍ତ ଜଣକ କାମର ବାହାନା ଦେଖାଇ ଯୁବତୀଙ୍କୁ ବୟଜ ହୋଷ୍ଟେଲ ନେଇ ଯାଇଥିଲା । ସେଠାରେ ପିଜା ଓ ଏକ ପାନୀୟ ଦେଇଥଲା । ପିଜା ଖାଇବା ପରେ ସେ ଚେତା ଶୂନ୍ୟା ହେବା ଭଳି ମନେ କରିଥିଲେ ବୋଲି କହିଛନ୍ତି ପୀଡ଼ିତା ।

# ଭୁବନେଶ୍ୱରରେ ୨୦୪ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ କଲେ କେନ୍ଦ୍ରମନ୍ତ୍ରୀ

## ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଭାଗିଦାରୀ ବଢ଼ାଇବା ଆମର ମୂଳ ଉଦ୍ଦେଶ୍ୟ

ଭୁବନେଶ୍ୱର : ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଆମ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ଶନିବାର ଭୁବନେଶ୍ୱର ଠାରେ '୧୬ତମ ରାଷ୍ଟ୍ରୀୟ ରୋଜଗାର ମେଳା'କୁ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।


ଏହି ଅବସରରେ ଶ୍ରୀ ପ୍ରଧାନ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୨୦୪ ଜଣ ନବ ନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଥିଲେ । ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ପ୍ରାର୍ଥୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ୫୧,୦୦୦ ରୁ ଅଧିକ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହୋଇଛି। ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ 'ରୋଜଗାର ମେଳା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ ଏକ ପଦକ୍ଷେପ।

ଭାରତ ହେଉଛି ଯୁବଶକ୍ତିର ଦେଶ। ସେମାନଙ୍କୁ ସଶକ୍ତ କରିବା ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। ଏହି ପରିପ୍ରେକ୍ଷୀରେ ଯୁବା-ସଶକ୍ତିକରଣ ଏବଂ ଜାତୀୟ ବିକାଶରେ ଯୁବପିଢ଼ିର ଅଂଶଗ୍ରହଣ ପାଇଁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବା ହେଉଛି ଏହି ରୋଜଗାର ମେଳାର ମୂଳ ଉଦ୍ଦେଶ୍ୟ। ଓଡ଼ିଶା ସମେତ ସାରା ଦେଶରେ ରୋଜଗାର ମେଳା ମାଧ୍ୟମରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରାଯିବା ଖୁସିର ବିଷୟ। ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସେ ଆହୁରି କହିଛନ୍ତି, ଆଜି ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି। ମୋଦୀ ସରକାରଙ୍କ ସଫଳ ନୀତି ଓ କଲ୍ୟାଣକାରୀ ଯୋଜନା କାରଣରୁ ଦେଶର ପ୍ରାୟ ୨୫ କୋଟି ଏବଂ ଓଡ଼ିଶାର ପ୍ରାୟ ୧ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହୋଇ ବିକାଶ ସହ ଯୋଡ଼ି ହୋଇଛନ୍ତି। ଦେଶରେ ଡିଜିଟାଲ ଅର୍ଥ କାରବାର, କ୍ୟାପିଟାଲ୍ ପୁଞ୍ଜିନିବେଶ ବଢ଼ିଛି। ଟେକ୍ନୋଲୋଜି, ଇନୋଭେସନ, ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ରରେ ଭାରତର ରୂପରେଖ ବଦଳିଛି । ବିଶ୍ୱ ବନ୍ଧୁ ଭାବରେ ଭାରତ ନୂଆ ପରିଚୟ ପାଇଛି। ଏହାକୁ ଦୃଷ୍ଟିରେ ରଖି ଆମେ ଯୁବପିଢ଼ିଙ୍କ ଇନୋଭେସନ, ଦକ୍ଷତା ଏବଂ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାର ଲକ୍ଷ୍ୟ ହାସଲ କରିବା ଆବଶ୍ୟକ।

ଶ୍ରୀ ପ୍ରଧାନ ଏହି ଅବସରରେ ରେଳ ବିଭାଗରେ ସର୍ବାଧିକ ୧୪୩ ଜଣ, ଭାରତୀୟ ଡାକ ବିଭାଗରେ ୩୬ ଜଣ, ଆର୍ଥିକ ବିଭାଗ (ଏସଏଲବିସି)ରେ ୯ ଜଣ, ରାଜସ୍ୱ ବିଭାଗରେ ୬ ଜଣ, ଗୃହ ବିଭାଗର ସିଆରପିଏଫ ଏବଂ ସିଆଇଏସଏଫ ବିଭାଗରେ ୨ ଜଣ ଏବଂ ଶିକ୍ଷା ମନ୍ତ୍ରଣାଳୟର ଆଇଜର ବ୍ରହ୍ମପୁର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏମ୍ସ, ଭୁବନେଶ୍ୱରରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅରୁଣ କୁମାର ପାତ୍ରଙ୍କୁ 'ବ୍ୟାସ ଗୌରବ ସମ୍ମାନ'



ଭଦ୍ରକ, (ପିପିଏସ୍): ଫକୀର ମୋହନ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ନୂଆପାଡ଼ାସ୍ଥିତ ନୂତନ କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଓ ଭଦ୍ରକ ଜିଲ୍ଲାରୁ ଜଣେ ଲେଖାଏଁ ସାରସ୍ୱତ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ବିଶ୍ୱ ବିଦ୍ୟାଳୟର ସମ୍ମାନଜନକ ପୁରସ୍କାର 'ବ୍ୟାସ ଗୌରବ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି । ଚଳିତ ବର୍ଷ ପାଇଁ ଭଦ୍ରକ ଜିଲ୍ଲାରୁ କୃଷିବିତ୍ ତଥା ଓଡ଼ିଶାର କୃଷିକବି ଅରୁଣ କୁମାର ପାତ୍ରଙ୍କୁ ତାଙ୍କ ଜୀବନ ବ୍ୟାପୀ କୃଷି ସାହିତ୍ୟ ସାଧନା ଓ ସମାଜସେବା ପାଇଁ ଏହି ବ୍ୟାସ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି । ଏଥିରେ ତାଙ୍କୁ ଫକୀର ମୋହନଙ୍କର ଧାତବ ମୂର୍ତ୍ତି, ମାନପତ୍ର, ଉତ୍ତରୀୟ ଏବଂ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ ଶ୍ରୀ ପାତ୍ର 'ଭାରତ ଛନ୍ଦେ କୃଷିଜ୍ଞାନ' ସମେତ ପ୍ରାୟ ୩୦ ଗୋଟିରୁ ଉର୍ଦ୍ଧ୍ୱ ପଦ୍ୟ ଓ ଗଦ୍ୟଧର୍ମୀ କୃଷି ପୁସ୍ତକ ରଚନା କରିଛନ୍ତି । ଏହା ବ୍ୟତୀତ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ନୋବେଲ ପୁରସ୍କାର ପ୍ରାପ୍ତ ପୁସ୍ତକ 'ଗୀତାଞ୍ଜଳି'କୁ ଉଭୟ ଇଂରାଜୀ ଓ ବଙ୍ଗଳାରୁ ଓଡ଼ିଆରେ ଅନୁବାଦ କରିଛନ୍ତି । ସେ ୧୯୯୩ ମସିହାରୁ ଆକାଶବାଣୀ ଓ ଦୂରଦର୍ଶନରେ ଗୀତିକାର ଭାବେ ସ୍ୱୀକୃତି ପ୍ରାପ୍ତ ହୋଇଛନ୍ତି । 'ଓଡ଼ିଆ ସାହିତ୍ୟରେ ନୂତନ ଢଗଢମାଳି' ପୁସ୍ତକ ରଚନା କରିବା ସହିତ ସେ ଓଡ଼ିଆ ବର୍ଣ୍ଣ କ୍ରମରେ ପ୍ରାୟ ୧୦ ହଜାର ଢଗଢମାଳି ସଂଗ୍ରହ କରି ପ୍ରକାଶ କରିବାକୁ ଯାଉଛନ୍ତି । ଓଡ଼ିଶାର ଗଦ୍ୟରୀତିକ କୃଷି ସମ୍ପ୍ରସାରଣ ଧାରାରେ ସେ ପରିବର୍ତ୍ତନ ଆଣି ଏହାକୁ ପଦ୍ୟଧର୍ମୀ କରିଛନ୍ତି । ଏହାଦ୍ୱାରା ରାଜ୍ୟର ବହୁ କୃଷିଜୀବୀ ଏହାକୁ କୃଷି କାର୍ଯ୍ୟରେ ବିନିଯୋଗ କରି ଉପକୃତ ହୋଇପାରୁଛନ୍ତି । 'କୃଷକଙ୍କ ଭାଷାରେ କୃଷି ବିଜ୍ଞାନ' ପୁସ୍ତକ ପାଇଁ ୨୦୨୪ ବର୍ଷରେ ସେ 'ଓଡ଼ିଶା ବିଜ୍ଞାନ ଏକାଡେମୀ' ପୁରସ୍କାରପ୍ରାପ୍ତ ହୋଇଛନ୍ତି । ରାଜ୍ୟରେ ବିଭିନ୍ନ ସ୍ଥାନରେ 'କୃଷିଗୁମ୍ଫା' ଗଠନ କରି କୃଷକମାନଙ୍କ ପାଇଁ କୃଷି ପାଠାଗାର ସ୍ଥାପନ କରୁଛନ୍ତି । ଏହି ଉତ୍ସବରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । କୁଳସଚିବ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଓ ବିକାଶ ଅଧିକାରୀଙ୍କ ଉପସ୍ଥିତିରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।

# ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲ୍ଲାସ୍ତରୀୟ ସାରସ୍ୱତ ପ୍ରତିଯୋଗିତା



ଭଦ୍ରକ, (ପିପିଏସ୍): ଓଡିଶା ସାହିତ୍ୟ ଏକାଡେମୀର ଜୁଲାଇ ୨୫ ତାରିଖରେ ହେବାକୁ ଥିବା ସ୍ୱନାମଧନ୍ୟ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ସାରସ୍ୱତ ପ୍ରତିଯୋଗିତା ସଂସ୍କୃତି ଭବନ,ଭଦ୍ରକ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ମୋଟ ଚାରିଗୋଟି ବିଭାଗ ଯଥା ପ୍ରବନ୍ଧ, କବିତା ଆବୃତି, ସାଧାରଣ ଜ୍ଞାନ ଓ ଅନୁବାଦ ଏବଂ ବକ୍ତୃତା ରେ ଦୁଇଟି ଗ୍ରୁପ ରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀର (କନିଷ୍ଠ ଓ ବରିଷ୍ଠ) ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ ଛାତ୍ର ଛାତ୍ରୀଙ୍କ ସମେତ ଉଭୟ ଗ୍ରୁପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସଂଯୋଜନା କରିଥିଲେ ପୂର୍ଣ୍ଣଚନ୍ଦ୍ର ବହିଦା । ଶ୍ରୀମତୀ ରାଧା ମହାପାତ୍ର, ଶଶଧର ମହନ୍ତି, ପବିତ୍ର ପାଣିଗ୍ରାହୀ, କିଶୋର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ନିର୍ମଳ ରାଉତ, ରମାକାନ୍ତ ନାୟକ, ମନୋରମା ରାୟ, ଗୀତାରାଣୀ ଆଇଚ, ପ୍ରଦୋସରଣ ସୁଆର ପୂର୍ଣ୍ଣଚନ୍ଦ୍ର ବହିଦା ବିଚାରକ ଭାବେ ଯୋଗଦାନ କରିଥିଲେ । ଏଥିରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିକ୍କା ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ '୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର




କଟକ : ୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଅଧିକରୁ ଅଧିକ ସମାଜ, ଜୀବନ ଓ ମାଟି ମନସ୍କ ହୋଇଛି। ସାହିତ୍ୟ ହୋଇଛି ଅଧିକ ପ୍ରଭାବଶାଳୀ। ସଫଳ ସ୍ରଷ୍ଟା ଅଧିକରୁ ଅଧିକ ସଚେତନ ହୋଇଛନ୍ତି ବୋଲି '୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗ ଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଆୟୋଜିତ ସାଂସ୍କୃତିକ ସମାରୋହ ଉତ୍କଳ ସାହିତ୍ୟ ସମାଜ ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ୧୯୮୦ ପରବର୍ତ୍ତୀ ଶିଶୁସାହିତ୍ୟ, ଗଳ୍ପ, କବିତା, ବ୍ୟଙ୍ଗ ଓ ରମ୍ୟରଚନା ଏବଂ ପ୍ରବନ୍ଧ ଓ ସମାଲୋଚନା ସଂପର୍କରେ ଆଲୋଚନା କରିଥିଲେ ଡକ୍ଟର ରାଜକିଶୋର ପାଢ଼ୀ, ସଦାନନ୍ଦ ତ୍ରିପାଠୀ, ପୀତାମ୍ବର ତରାଇ, ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର। ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଶଶିକାନ୍ତ ରାଉତ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ, ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ବିଜୟଲକ୍ଷ୍ମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ରାଧାଶ୍ୟାମ ରାଉଳ। ଶିକ୍ଷାବିତ୍ ଉମାଶଙ୍କର ମିଶ୍ର, ଅଧ୍ୟାପକ ହୃଷିକେଶ ମହାରଣା, ଗବେଷକ ଆଶୁତୋଷ ସାହୁ, ନିଶିକାନ୍ତ ମିଶ୍ର ପ୍ରଶ୍ନୋତ୍ତରରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଉପସଭାପତି ମନୋଜ ପଟ୍ଟନାୟକ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟ ନିର୍ବାହିକା କମିଟି ସଦସ୍ୟ ସରୋଜ କୁମାର ସାମଲ, ବ୍ରହ୍ମାନନ୍ଦ ମହାନ୍ତି, ଦିଲ୍ଲୀପ କୁମାର ଦାସ, ସରୋଜିନୀ ମିଶ୍ର, ମୁରଲୀଧର ଶତପଥୀ ଓ ତପନ କୁମାର ସ୍ୱାଇଁ ଉଭୟ ଅଭିନେତ୍ରୀ ଓ ତାଙ୍କ ସହଯୋଗୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ବୁଦ୍ଧିଜୀବୀ, ସାହିତ୍ୟିକ, ଉତ୍କଳ ସାହିତ୍ୟ ସମାଜର ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ସିଏସସି ମୋଦୀ ସରକାରରେ ୪୫ ଲକ୍ଷ କୋଟି ଟଙ୍କାର କାରବାର କରି ଦେଶର ଅର୍ଥନୀତିକୁ ବଢ଼ାଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର : ସରକାରୀ ସେବାକୁ ସୁବିଧାରେ ଏବଂ ନିରପେକ୍ଷ ଭାବେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ କମନ୍ ସର୍ଭିସ ସେଣ୍ଟର (ସିଏସସି) ଏକ ପ୍ରମୁଖ ମାଧ୍ୟମ ହୋଇଛି । ପୂର୍ବରୁ କଂଗ୍ରେସ ସରକାରରେ ଦିଲ୍ଲୀରୁ ହିତାଧିକାରୀଙ୍କ ପାଖକୁ ଆସୁଥିବା ଅର୍ଥର ବାଟମାରଣା ହେଉଥିଲା । ମାତ୍ର ଏବେ ଡବଲ ଇଞ୍ଜିନ ସରକାରରେ ଶାସନରୁ ଦୁର୍ନୀତି ଦୂର ହୋଇଛି, ସ୍ୱଚ୍ଛ ଓ ପାରଦର୍ଶୀ ଉପାୟରେ ସିଏସସି କେନ୍ଦ୍ର ମାଧ୍ୟମରେ ଲୋକଙ୍କ ଖାତାରେ ସିଧାସଳଖ ଟଙ୍କା ପହଞ୍ଚୁଛି ବୋଲି ଶନିବାର ଭୁବନେଶ୍ୱରରେ 'କମନ୍ ସର୍ଭିସ ସେଂଟରର ୧୬ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସିଏସସି ସେଣ୍ଟର ଉପରେ ନିଜର ଅନୁଭୂତି ପ୍ରକାଶ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଗାଁରୁ ସହର ପର୍ଯ୍ୟନ୍ତ ସାଧାରଣ ସେବା କେନ୍ଦ୍ର ଗୁଡ଼ିକ ଲୋକଙ୍କ ହାତପାହାନ୍ତାରେ ପହଞ୍ଚିଛି । ଲୋକମାନେ ଏହି ସେବା ଦ୍ୱାରା ବିଶେଷ ଉପକୃତ ହେଉଛନ୍ତି। ଏଭଳି ବ୍ୟବସ୍ଥାକୁ ୧୬ ବର୍ଷ ପୂରଣ ହେବା ଅବସରରେ ସିଏସସି ସେଣ୍ଟର ସହ ଜଡ଼ିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ସାଧାରଣ ସେବା କେନ୍ଦ୍ର ଗୁଡ଼ିକର ରୂପରେଖ ବଦଳିଛି । ସିଏସସି ଯୋଜନା ଡିଜିଟାଲ୍ ଇଣ୍ଡିଆର ଏକ ମୂଳଦୁଆ ପାଲଟିଛି। ଡିଜିଟାଲ୍ ବିଭାଜନକୁ ଦୂର କରି ସାରା ଦେଶରେ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିଛି । ସିଏସସି ମାଧ୍ୟମରେ ବିଗତ ୧୧ ବର୍ଷରେ ୪୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି, ଯାହା ଏକ ବଡ଼ ଉପଲବ୍ଧି। ଏହା ଦ୍ୱାରା ଦେଶର ଅର୍ଥନୀତି ମଜଭୁତ୍ ହୋଇଛି।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲାଭ ହିତାଧିକାରୀଙ୍କୁ ପହଞ୍ଚାଇବାରେ ସିଏସସି ସେଣ୍ଟରର ବଡ ଭୂମିକା ରହିଛି । ସୁଭଦ୍ରା ଯୋଜନା ସମେତ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଲାଭ, ବ୍ୟାଙ୍କିଙ୍ଗ ସେବା, ଆଧାର ସେବା, ଶିକ୍ଷା ସେବା, ଡିଜିଟାଲ ସାକ୍ଷରତା, ଟେଲିମେଡିସିନ୍, ବୀମା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଅତ୍ୟାବଶ୍ୟକ ସରକାରୀ ସେବା ପ୍ରଦାନ ଏବଂ ସମ୍ପ୍ରଦାୟକୁ ସଶକ୍ତ କରି ଡିଜିଟାଲ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବାରେ ସିଏସସି ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସିଏସସି ସେଣ୍ଟର ଅନେକ ଲୋକଙ୍କୁ ରୋଜଗାର ଦେଇଛି। ଓଡିଶାରେ ସମସ୍ତ ୩୦ଟି ଜିଲ୍ଲାରେ ୩୫,୦୦୦ରୁ ଅଧିକ ସକ୍ରିୟ ସିଏସସି କେନ୍ଦ୍ର ଡିଜିଟାଲ୍ ସଶକ୍ତିକରଣକୁ ଆଗେଇ ନେଉଛନ୍ତି । ରାଜ୍ୟର ସବୁ ସିଏସସି ସେଣ୍ଟରର ଟର୍ଣ୍ଣଓଭର ବାର୍ଷିକ ୫ ହଜାର କୋଟି ଟଙ୍କା ରହିଛି। ଏହି ୫ ହଜାର କୋଟି ଟଙ୍କାକୁ ଆଗାମୀ ୪ ବର୍ଷ ଭିତରେ ୧୦ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ପଡ଼ିବ । ଗ୍ରାହକଙ୍କୁ ଭଲ ସେବା ଯୋଗାଇ ଦେବା ପାଇଁ ସିଏସସି କର୍ମଚାରୀଙ୍କୁ ଆହ୍ୱାନ କରିଛନ୍ତି ଶ୍ରୀ ପ୍ରଧାନ।

ରାଜ୍ୟରେ ଇଣ୍ଟରନେଟ୍ ସଂଯୋଗୀକରଣକୁ ଅଧିକ ମଜଭୁତ୍ କରିବା ପାଇଁ ଡବଲ ଇଞ୍ଜିନ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନର ସମୟକୁ ଦୃଷ୍ଟିରେ ରଖି ସିଏସସି ମାଧ୍ୟମରେ ସବୁପ୍ରକାର ବ୍ୟବସ୍ଥା କରିବା ପାଇଁ ଆମ ସରକାର ବଦ୍ଧ ପରିକର। ଥାନାରେ ମାମଲା ରୁଜୁ କରିବା ହେଉ, ଏନସିଇଆରଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ପ୍ରଦାନ କରିବା ହେଉ କିମ୍ବା ଅନ୍ୟାନ୍ୟ ବ୍ୟବସ୍ଥା, ସବୁ କିଛି ସିଏସସି ମାଧ୍ୟମରେ କରିବା ଭଳି ବ୍ୟବସ୍ଥା ହେବା ଦରକାର । ଆଜି ଦେଶରେ ୟୁପିଆଇ ଭଳି ଡିଜିଟାଲ ପ୍ଲାଟଫର୍ମ ବିଶ୍ୱରେ ନୂଆ ପରିଚୟ ତିଆରି କରିଛି । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ଏଆଇ ଏବଂ ଟେକ୍ନୋଲୋଜିର ଉପଯୋଗ କରିବା ସହ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କ ପାଇଁ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ୩ ମନୋରଞ୍ଜନ କେନ୍ଦ୍ର ଉଦଘାଟିତ

ନୂଆଦିଲ୍ଲୀ : ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଶନିବାର ରୋହିଣୀ ସେକ୍ଟର-୧୩ ରେ ବରିଷ୍ଠ ନାଗରିକଙ୍କ ପାଇଁ ନିର୍ମିତ ତିନୋଟି ମନୋରଞ୍ଜନ କେନ୍ଦ୍ର ଉଦଘାଟନ କରିଛନ୍ତି। ଏହି କେନ୍ଦ୍ରଗୁଡ଼ିକ ଦେନା ଆପାର୍ଟମେଣ୍ଟ, ସୁନେହରୀ ବାଗ ଆପାର୍ଟମେଣ୍ଟ ଏବଂ କେନରା ଆପାର୍ଟମେଂଟ କମ୍ପ୍ଲେକ୍ସରେ ପ୍ରତିଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ବିଜେନ୍ଦର ଗୁପ୍ତା କହିଛନ୍ତି ଯେ ବରିଷ୍ଠ ନାଗରିକମାନେ ପରିବାର ଏବଂ ସମାଜକୁ ସଜାଇବାରେ ସେମାନଙ୍କ ଜୀବନର ଏକ ବଡ଼ ଅଂଶ ବିତାଇଛନ୍ତି। ଏବେ ସେମାନଙ୍କୁ ଏପରି ସୁବିଧା ଦେବାର ସମୟ ଆସିଛି ଯେଉଁଠାରେ ସେମାନେ ଏକ ମର୍ଯ୍ୟାଦାଜନକ, ଆନନ୍ଦମୟ ଏବଂ ସକ୍ରିୟ ଜୀବନଯାପନ କରିପାରିବେ। ସେ କହିଛନ୍ତି ଯେ ଏହି ମନୋରଞ୍ଜନ କେନ୍ଦ୍ରଗୁଡ଼ିକରେ, ବରିଷ୍ଠ ନାଗରିକମାନେ ପରସ୍ପର ସହିତ ଯୋଗାଯୋଗ କରିପାରିବେ। ସେମାନେ ଘର ଭିତର ଖେଳରେ ଅଂଶଗ୍ରହଣ କରିପାରିବେ, ଅଧ୍ୟୟନ କରିପାରିବେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାମାଜିକ ସମ୍ପର୍କକୁ ପ୍ରୋତ୍ସାହିତ କରିପାରିବେ। ଏହା କେବଳ ଏକାକୀତା ହ୍ରାସ କରିବ ନାହିଁ, ବରଂ ସେମାନଙ୍କର ମାନସିକ, ସାମାଜିକ ଏବଂ ଭାବପ୍ରବଣ ସ୍ୱାସ୍ଥ୍ୟକୁ ମଧ୍ୟ ସୁଦୃଢ଼ କରିବ। ବିଜେନ୍ଦର ଗୁପ୍ତା କହିଛନ୍ତି ଯେ ତାଙ୍କର ପ୍ରାଥମିକତା ହେଉଛି ଅଂଚଳରେ ଏପରି ଅଧିକ ସମ୍ପ୍ରଦାୟ କେନ୍ଦ୍ର ବିକଶିତ କରିବା। ସେ ବାସିନ୍ଦା କଲ୍ୟାଣ ସଂଘ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ମଧ୍ୟ ଏହି ଦିଗରେ ଏପରି ପରାମର୍ଶ ଦେବାକୁ ଏବଂ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ

ଭୁବନେଶ୍ୱର : ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ଆଜି ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହର ଆୟୋଜନ କରାଯାଇଥିଲା।

ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ଯୋଗଦେବା ମୋର ସୌଭାଗ୍ୟ। ବାଲ୍ୟାବସ୍ଥାରୁ ବିଦ୍ୟୁତପ୍ରଭା ଦେବୀଙ୍କର ସାହିତ୍ୟ ପ୍ରତି ରହିଥିବା ସାଧନା ଓ ସମର୍ପଣ ଭାବ ଆମ ସମସ୍ତଙ୍କୁ ପ୍ରେରିତ କରିଛି। ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତପ୍ରଭା ଦେବୀଙ୍କ କଥା ମନେପଡେ। ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ। ବିଦ୍ୟୁତପ୍ରଭା ଦେବୀଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଆଜିର କୃତ୍ରିମ ବୁଦ୍ଧିମତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ଉଚିତ। ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ନିଜର ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ।'

ସମ୍ମାନିତ ଅତିଥିଭାବେ ଯୋଗଦେଇ ପଦ୍ମଭୂଷଣ ଡ଼. ପ୍ରତିଭା ରାୟ କହିଥିଲେ ଯେ, 'କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା। ବିଦ୍ୟୁତପ୍ରଭାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି। ପ୍ରେମ ଓ ବେଦନାରୁ କବିତା ଜନ୍ମ ହୋଇଥାଏ, ବିଦ୍ୟୁତପ୍ରଭାଙ୍କ କବିତାରେ ଉଭୟର ଝଲକ ଦେଖିବାକୁ ମିଳେ।'

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, 'ନାରୀବାଦର ସକାରାତ୍ମକ ଉଦ୍‌ଘୋଷିକା ଓ ନାରୀଶକ୍ତିର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କବି ବିଦ୍ୟୁତପ୍ରଭା। ତାଙ୍କ ଲେଖନୀରେ ପ୍ରସ୍ଫୁଟିତ ହୋଇଥିବା କବିତା ନାରୀ ସଶକ୍ତିକରଣର କଥା କହିଛି। ଏକ ସଶକ୍ତ ରାଷ୍ଟ୍ର ଓ ସଶକ୍ତ ସମାଜ ଗଠନରେ ନାରୀଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଆଗକୁ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଗଠନ ପାଇଁ ଆମ ସରକାର ଯେଉଁ ପରିକଳ୍ପନା କରିଛନ୍ତି, ତାହାର ନେତୃତ୍ୱ ଆମ ନାରୀ ସମାଜ, ଆମ ଛାତ୍ରୀ ସମାଜ ନେବେ ବୋଲି ମୋର ଦୃଢ଼ ବିଶ୍ୱାସ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାର ଲକ୍ଷ୍ୟକୁ ପୂରଣ କରିବା ସହିତ ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଶ୍ୱବିଦିତ କରିବା ପାଇଁ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ। ଆମ ଭାଷା ଦିନେ ତାଳପତ୍ରରୁ କାଗଜ ଯାଏଁ ଆସିଥିଲା। ବର୍ତ୍ତମାନ କାଗଜରୁ କ୍ଲାଉଡ୍ ପର୍ଯ୍ୟନ୍ତ ରହିଥିବା ଯାତ୍ରା ଅର୍ଥାତ ଭାଷାକୁ ଡିଜିଟାଇଜ କରିବା ନିମନ୍ତେ ଆମକୁ ହିଁ ଉଦ୍ୟମ କରିବାକୁ ପଡିବ ଓ ଆମେ ସମସ୍ତେ ଏଥିରେ ସଫଳ ହେବା ବୋଲି ମୋର ବିଶ୍ୱାସ'।

ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, 'ସାହିତ୍ୟ ଓ ସଂସ୍କୃତି ଆମ ସମାଜର ଦର୍ପଣ। ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ଧ୍ରୁବତାରା। ତାଙ୍କର ଜୀବନୀ, ତାଙ୍କର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଆଦର୍ଶରେ ଆମ ଯୁବପିଢ଼ି ପ୍ରେରିତ ହୋଇ ଏକ ସଶକ୍ତ ସମାଜ ଗଠନ ନିମନ୍ତେ କାର୍ଯ୍ୟ କରିବେ ବୋଲି ମୁଁ ଆଶା କରୁଛି।'

କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋକପାତ କରିଥିଲେ।

ଆଜିର କାର୍ଯ୍ୟକ୍ରମରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିରକୁ ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ ।ଶିଳ୍ପୀଙ୍କ ତୂଳୀରେ ପ୍ରସ୍ଫୁଟିତ ଚିତ୍ରକଳାକୁ ଶ୍ରୀ ପ୍ରଧାନ ବେଶ୍ ପ୍ରଶଂସା କରିଥିଲେ। ଏଥିସହିତ ଆଜିର କାର୍ଯ୍ୟକ୍ରମରେ 'ବାଜିରାଉତ' ଶୀର୍ଷକ ପୁସ୍ତକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା 'କୋଣାର୍କ' ଉନ୍ମୋଚିତ ହୋଇଥିଲା। ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହୋଇଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ଆଜିର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀବୃନ୍ଦ, ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ନିୟୋଜିତ ହେବେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ

ଭୁବନେଶ୍ୱର : ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ନେଇ କମିଶନରେଟ୍ ପୋଲିସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବେ।୮ ଜଣ ଡିସିପି ରାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି , ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର ଏବଂ ୧୮୦ ଜଣ ସବ ଇନ୍ସପେକ୍ଟର ନିୟୋଜିତ ହେବେ। ରାଜଭବନ ସମେତ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ସୁରକ୍ଷା ବ୍ୟବସ୍ଥା କରାଯିବ। ଆସନ୍ତାକାଲି କମିଶନରେଟ୍ ପୋଲିସ ପକ୍ଷରୁ କାରକେଡ୍ ରିହର୍ସଲ୍ କରାଯିବ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଦୁଇଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି।ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ନରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବେ। ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

# ଓଡ଼ିଶାକୁ ମିଳିଥିବା କୃଷି ଶ୍ରେଷ୍ଠ ପୁରସ୍କାରକୁ ରାଜ୍ୟପାଳଙ୍କୁ ପ୍ରଦାନ କଲେ କେଭି

ଭୁବନେଶ୍ୱର : ଚଳିତ ଜୁଲାଇ ମାସ ୯ ତାରିଖରେ ନୂଆଦିଲ୍ଲୀ ଠାରେ ଏଗ୍ରିକଲଚର ଟୁଡେ ଗ୍ରୁପ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ୧୬ ତମ ଏଗ୍ରିକଲଚର ଲିଡ଼ରସିପ କନକ୍ଲେଭ ଆୟୋଜିତ ହୋଇଥିଲା । ଏଥିରେ, ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାରକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରିଥିଲେ। ଗତକାଲି ରାତିରେ ଓଡ଼ିଶା ଫେରିବା ପରେ ଆଜି ଏହି ପୁରସ୍କାରକୁ ରାଜ୍ୟପାଳ ଡ଼ ହରିବାବୁ କମ୍ଭମପାଟିଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ।

ଏହା କୃଷି କ୍ଷେତ୍ରରେ ଆହୁରି ଉନ୍ନତି ଆଣିବା ପାଇଁ ରାଜ୍ୟବାସୀଙ୍କୁ ପ୍ରେରଣା ଯୋଗାଇବ। କୃଷି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବର୍ଗ ବିଶେଷ କରି ଚାଷୀ ଭାଇ ଭଉଣୀଙ୍କୁ ଏଥିପାଇଁ ରାଜ୍ୟପାଳ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଭାରତର ବିଶିଷ୍ଟ ଶ୍ରମିକ ନେତା ଏମ୍ କେ ପାନ୍ଧେଙ୍କ ଜନ୍ମ ଶତବାର୍ଷିକୀ ପାଳିତ



ଭଦ୍ରକ, (ପିପିଏସ୍): ଭାରତର ବିଶିଷ୍ଟ ଶ୍ରମିକ ନେତା, ମହାନ ସ୍ୱାଧୀନତା ସଂଗ୍ରାମୀ, ଏଆଇଟିୟୁସିର ପୂର୍ବତନ ସାଧାରଣ ସଂପାଦକ, ସିଆଇଟିୟୁର ପୂର୍ବତନ ସର୍ବଭାରତୀୟ ସଭାପତି ଓ ସାଧାରଣ ସଂପାଦକ, ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟି ର ଅନ୍ୟତମ ତୁଙ୍ଗ ନେତା ତଥା ସିପିଆଇ(ଏମ)ର ପୂର୍ବତନ ପଲିଟବ୍ୟୁରୋ ସଭ୍ୟ ଏମ୍ କେ ପାନ୍ଧେଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମାରୋହ ସିପିଆଇ (ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ସହର ଅନ୍ତର୍ଗତ ନେତାଜୀ ନଗର ସ୍ଥିତ ଜାନକୀ ନିଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ମଧୁକର କାଶୀନାଥ ପାନ୍ଧେ (ଏମ୍ କେ ପାନ୍ଧେ)ଙ୍କ ୭ ଦଶନ୍ଧିର ରାଜନୈତିକ ଜୀବନର ଇତିହାସ ଆଲୋଚନା ହୋଇଥିଲା। ୧୯୪୩ ମସିହା ସୋଲାପୁର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ସାଧାରଣ ସଂପାଦକ ନିର୍ବାଚିତ ହେବା ପରଠାରୁ ସେ ଜୀବନର ଶେଷ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଛାତ୍ର, ଯୁବକ ଓ ଶ୍ରମିକ ମାନଙ୍କ ପାଇଁ ଲଢେଇ କରିଥିଲେ । ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ବ୍ରିଟିଶ ବିରୁଦ୍ଧରେ ଲଢି ଅନେକ ବାର କାରାବରଣ କରିଥିଲେ । ପୁଞ୍ଜିପତି ଶ୍ରେଣୀ ବିରୁଦ୍ଧରେ ବିପ୍ଳବୀ ଟ୍ରେଡ ୟୁନିୟନ ପରିଚାଳନା କରିବା କ୍ଷେତ୍ରରେ ଜୀବନରେ ସେ ୪ ବର୍ଷ ୬ ମାସ ନିର୍ଜନ ବାସ କରିଥିଲେ । ୧୯୭୮ ମସିହାରେ ଅନୁଷ୍ଠିତ ସିପିଆଇ(ଏମ)ର ୧୦ ମ ପାର୍ଟି କଂଗ୍ରେସରେ ସେ ସିପିଆଇ (ଏମ)ର କେନ୍ଦ୍ର କମିଟିକୁ ନିର୍ବାଚିତ ହୋଇଥିଲେ । ୧୯୯୮ ମସିହାରେ ଅନୁଷ୍ଠିତ ସିପିଆଇ (ଏମ) ର ୧୬ ତମ ପାର୍ଟି କଂଗ୍ରେସରେ ସେ ସିପିଆଇ (ଏମ)ର ପଲିଟବ୍ୟୁରୋକୁ ନିର୍ବାଚିତ ହୋଇଥିଲେ । ସେ ଥିଲେ ଜଣେ ମାର୍କ୍ସବାଦୀ- ଲେନିନ୍ ବାଦୀ ଓ ଆନ୍ତର୍ଜାତୀୟତାବାଦୀ । ୧୯୬୦ ମସିହାରେ ସେ ଏଆଇଟିୟୁସି ର ସର୍ବଭାରତୀୟ ସାଧାରଣ ସଂପାଦକ ଥିଲେ । ୧୯୯୦ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ସେ ଥିଲେ ସିଆଇଟିୟୁ ର ସର୍ବଭାରତୀୟ ସାଧାରଣ ସଂପାଦକ । ୧୯୯୯ ରୁ ୨୦୧୦ ମସିହା ପର୍ଯ୍ୟନ୍ତ ସେ ସିଆଇଟିୟୁର ସର୍ବଭାରତୀୟ ସଭାପତି ଥିଲେ । ବିଶ୍ୱ ଶ୍ରମିକ ଏକତା ପାଇଁ ପୃଥିବୀର ବିଭିନ୍ନ ଦେଶରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଗୋଆ ମୁକ୍ତି ସଂଗ୍ରାମରେ ସେ ଥିଲେ ଅନ୍ୟତମ ସେନାପତି । ସେ ଥିଲେ ଜଣେ ମେଧାବୀ ଛାତ୍ର। ପୁନେ ବିଶ୍ୱବିଦ୍ୟାଳୟ ରୁ ଅର୍ଥନୀତି ବିଭାଗର ସ୍ନାତକୋତର ରେ ସେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ । ସେ ଥିଲେ ଆମ ଦେଶର ଜଣେ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ। ୧୧, ଜୁଲାଇ ୧୯୨୫ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ୨୦, ଅଗଷ୍ଟ ୨୦୧୧ରେ ୮୬ ବର୍ଷ ବୟସରେ ସେ ହୃଦଘାତରେ ମୃତ୍ୟୁବରଣ କରିଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ମାର୍କ୍ସବାଦୀ ଦର୍ଶନକୁ ପାଥେୟ କରି ଭାରତରେ ଜନଗଣତାନ୍ତ୍ରିକ ବିପ୍ଳବ ସଂଗଠିତ ପାଇଁ ସେ ଲଢେଇ କରୁଥିଲେ । ନବ୍ୟଫାଶୀବାଦୀ ଆକ୍ରମଣ ଓ କର୍ପୋରେଟ ଶୋଷଣରୁ ଶ୍ରମିକ ଶ୍ରେଣୀକୁ ସୁରକ୍ଷା ଦେବା ପାଇଁ ଶ୍ରମିକ ଶ୍ରେଣୀର ସମ୍ମିଳିତ ଆନ୍ଦୋଳନ ଭଦ୍ରକ ଜିଲ୍ଲାରେ ସଂଗଠିତ କରାଇପାରିଲେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ କ୍ରାନ୍ତିକାରୀ ଏମ୍ କେ ପାନ୍ଧେଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସିପିଆଇ (ଏମ) ନେତୃତ୍ୱ ଏହି ଜନ୍ମ ଶତବାର୍ଷିକୀ ପାଳନ ସମାରୋହରେ ପରିପ୍ରକାଶ କରିଥିଲେ। ଏହି ଜନ୍ମ ଶତବାର୍ଷିକୀ ସମାରୋହରେ ସିପିଆଇ (ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ (ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ସୁରଜିତା ନାୟକ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିଆଇଟିୟୁ ଭଦ୍ରକ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଯୁବ ନେତା ବିନୋଦ ସାହୁ, ସେକ୍ ସନାଉଲ୍ଲା ପ୍ରମୁଖ ଏମ୍ କେ ପାନ୍ଧେଙ୍କ ନୀତି, ଲକ୍ଷ୍ୟ , ଆଦର୍ଶ, ରାଜନୈତିକ ଇତିହାସ ଓ ଭାରତବାସୀ ଙ୍କ କର୍ତ୍ତବ୍ୟ ସଂପର୍କରେ ଆଲୋଚନା କରିଥିଲେ।

# ଜାତୀୟ ବାଳିକା ହକି: ସେମିରେ ଓଡ଼ିଶା



ଭୁବନେଶ୍ୱର: ଝାଡ଼ଖଣ୍ଡରେ ଚାଲିଥିବା ଜାତୀୟ ବାଳିକା ହକି (୧୭ ବର୍ଷରୁ କମ୍) ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୫-୦ ଗୋଲ୍‌ରେ ବିହାରକୁ ପରାସ୍ତ କରିଛି। ମ୍ୟାଚ୍‌ର ଦଶମ ମିନିଟ୍‌ରେ ଅଣିକା ସାମଦଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍‌ରେ ଓଡ଼ିଶା ଅଗ୍ରଣୀ ପାଇଥିଲା। ପ୍ରିୟଙ୍କା ମିଞ୍ଜ (୧୪ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା। ୨୬ତମ ମିନିଟ୍‌ରେ ଏଲିନା ବୁର ଫିଲ୍ଡ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ରଖିଥିଲେ। ୩୩ ମିନିଟ୍‌ରେ ଗୀତା ଲାକ୍ରା ଓ ୩୭ ମିନିଟ୍‌ରେ ସ୍ୱିଟି କୁଜୁର ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୫-୦ରେ ବିଜୟ ଭେଟି ଦେଇଥିଲେ। ପ୍ରିୟଙ୍କା ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଶନିବାର ଓଡ଼ିଶା ସେମିଫାଇନାଲ୍‌ରେ ହରିୟାଣାକୁ ଭେଟିବ। ହରିୟାଣା ୧-୦ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ମିଜୋରାମ ଓ ଆୟୋଜକ ଝାଡ଼ଖଣ୍ଡ ମୁହାଁମୁହିଁ ହେବେ। କ୍ୱାର୍ଟରଫାଇନାଲ୍‌ରେ ମିଜୋରାମ ୪-୦ ଗୋଲ୍‌ରେ ପଞ୍ଜାବକୁ ଏବଂ ଝାଡ଼ଖଣ୍ଡ ୫-୪ (୧-୧) ସୁଟ୍‌ଆଉଟ୍‌ରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲା।

# ମିଚେଲ ମାର୍ଶ ଅଷ୍ଟ୍ରେଲିଆର ନୂଆ ଅଧିନାୟକ





ନୂଆଦିଲ୍ଲୀ : ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ କିଙ୍ଗଷ୍ଟନରେ ଖେଳାଯିବ। ଅଷ୍ଟ୍ରେଲିଆ ଦଳ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ୍ ଜିତି ସିରିଜ କବଜା କରିସାରିଛି। ଏବେ ସେମାନେ ଆୟୋଜକ ଦଳକୁ କ୍ଲିନ ସୁଇପ୍ କରିବା ଉଦ୍ଦେଶ୍ୟରେ ତୃତୀୟ ଟେଷ୍ଟ ଖେଳିବେ। ଏହାପରେ ଭ୍ରମଣକାରୀ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ଏହା ଜୁଲାଇ ୨୧ ରୁ ଆରମ୍ଭ ହେବ। ଏହି ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି। ଏଥିରେ ଦୁଇଟି ବଡ଼ ପରିବର୍ତ୍ତନ କରାଯାଇଛି। ଅଷ୍ଟ୍ରେଲିୟ ଅଧିନାୟକ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ନୂତନ ଅଧିନାୟକ ଘୋଷଣା କରାଯାଇଛି। ଏହାବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଚାମ୍ପିଅନ କରିଥିବା ବୋଲରମାନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇ ନାହିଁ।

ଜୁଲାଇ ୨୧ରୁ ଆରମ୍ଭ ହେଉଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି। ପ୍ୟାଟ କମିନ୍ସଙ୍କ ସ୍ଥାନରେ ମିଚେଲ ମାର୍ଶଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ କରାଯାଇଛି। ଏହି ସିରିଜ ପାଇଁ କମିନ୍ସ ଏବଂ ଦ୍ରୁତ ବୋଲର ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଛି। ହାଜେଲଉଡ ଆଇପିଏଲ୍ ୨୦୨୫ରେ ଆରସିବି ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଦଳକୁ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହାଜେଲଉଡ ଆଇପିଏଲ୍ ୨୦୨୫ରେ ୧୨ ମ୍ୟାଚ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୨୨ ଉଇକେଟ ନେଇଥିଲେ। ଏହା ବ୍ୟତୀତ ସେ ୫୨ ଟି୨୦ ମ୍ୟାଚ ଖେଳିଛନ୍ତି। ଯେଉଁଥିରେ ସେ ୬୭ ଉଇକେଟ ନେଇଛନ୍ତି। ହାଜେଲଉଡ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ରିକେଟ ଖେଳିବାରେ ବ୍ୟସ୍ତ ଅଛନ୍ତି। ସେ ଗତ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ୧୧ ଉଇକେଟ ନେଇଛନ୍ତି।

ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି-୨୦ ସିରିଜ ପାଇଁ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି। କମିନ୍ସଙ୍କ ସ୍ଥାନରେ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ଦଳର ଅଧିନାୟକ କରାଯାଇଛି। କମିନ୍ସ ଦକ୍ଷିଣ ଆଫ୍ରିକା ବିପକ୍ଷ ଧଳା ବଲ ସିରିଜ ପାଇଁ ମଧ୍ୟ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି। ସେ ୨୦୨୫-୨୬ ଆଶେସ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ ରଖିବାକୁ ଚାହାନ୍ତି ଏବଂ ସେଥିପାଇଁ ସେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମିଚେଲ ଓୱେନ ଏବଂ ମ୍ୟାଟ କୁହ୍ନେମାନଙ୍କୁ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଦଳରେ ସାମିଲ କରାଯାଇଛି।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ସିଆନ ଆବୋଟ୍, କୁପର କନୋଲି, ଟିମ ଡେଭିଡ୍, ବେନ ଡ୍ୱାରସିସ, ନାଥନ ଏଲିସ, କାମେରୁନ ଗ୍ରୀନ, ଆରୋନ ହାର୍ଡି, ଜୋଶ ଇଙ୍ଗଲିସ, ସ୍ପେନ୍ସର ଜନସନ୍ ?, ମ୍ୟାଟ କୁହ୍ନେମାନ, ଗ୍ଲେନ ମ୍ୟାକ୍ସୱେଲ, ମିଚେଲ ଓୱେନ, ମାଥ୍ୟୁ ସର୍ଟ, ଆଡାମ ଜାମ୍ପା।

## ଅନ୍ତର୍ଜାତୀୟ କ୍ରିକେଟରେ ବଡ଼ ହଇଚଇ

# ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କଲା ଇଟାଲୀ





ନୂଆଦିଲ୍ଲୀ : ଇଟାଲୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଭାରତ ଏବଂ ଶ୍ରୀଲଙ୍କା ଆୟୋଜନରେ ଆସନ୍ତା ବର୍ଷ ଖେଳାଯିବାକୁ ଥିବା ୨୦୨୬ ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରି ଇଟାଲୀ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି। ଭାରତ ଏବଂ ଶ୍ରୀଲଙ୍କା ଆୟୋଜନରେ ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ୨୦୨୬ ପୁରୁଷ ଟି୨୦ ବିଶ୍ୱକପ ଖେଳାଯିବାକୁ ଅଛି। ଏବେ ଇଟାଲୀ ମଧ୍ୟ କ୍ରିକେଟର ଏହି ମହାନ କୁମ୍ଭରେ ପ୍ରବେଶ କରିଛି। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଇଟାଲୀ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛି। ଇଟାଲୀ ସହିତ, ନେଦରଲାଣ୍ଡ ମଧ୍ୟ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛି।

୨୦୨୬ ଟି୨୦ ବିଶ୍ୱକପ ପାଇଁ ମୋଟ ୨୦ ଦଳ ରହିବେ। ଇଟାଲୀ ଏବଂ ନେଦରଲ୍ୟାଣ୍ଡ ଯୋଗ୍ୟତା ଅର୍ଜନ କରିବା ପରେ, ଟୁର୍ଣ୍ଣାମେଣ୍ଟ ପାଇଁ ୧୫ ଦଳ ନିର୍ଣ୍ଣୟ କରାଯାଇଛି। ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ବ୍ୟତୀତ, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ଇଂଲଣ୍ଡ, ଆମେରିକା, ୱେଷ୍ଟଇଣ୍ଡିଜ, ଆୟରଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ କାନାଡା ଏପର୍ଯ୍ୟନ୍ତ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫ଟି ଦଳ ଏପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇନାହିଁ।

ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ୨୦୨୬ ଟି୨୦ ବିଶ୍ୱକପ ଆୟୋଜନ କରିବାକୁ ଯାଉଛନ୍ତି। ଏହା ଦ୍ୱିତୀୟ ଥର ହେବ ଯେ ଭାରତ ଏବଂ ଶ୍ରୀଲଙ୍କା ଏକ ଟି୨୦ ବିଶ୍ୱକପ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବେ। ଟୁର୍ଣ୍ଣାମେଣ୍ଟର ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ, କିନ୍ତୁ ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚ ମାସରେ ଟି୨୦ ବିଶ୍ୱକପ ମ୍ୟାଚ ଖେଳାଯିବ।

୨୦୨୬ ଟି୨୦ ବିଶ୍ୱକପ ମଧ୍ୟ ୨୦୨୪ ଟି୨୦ ବିଶ୍ୱକପ ପରି ସମାନ ଫର୍ମାଟରେ ଖେଳାଯିବ। ଏଥର ମଧ୍ୟ, ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୨୦ ଦଳ ଅଂଶ ଗ୍ରହଣ କରିବେ। ଏହି ୨୦ ଦେଶର ଦଳଗୁଡ଼ିକୁ ପାଞ୍ଚଟି ଦଳ ବିଶିଷ୍ଟ ଚାରିଟି ଗ୍ରୁପରେ ବିଭକ୍ତ କରାଯିବ। ତା'ପରେ ପ୍ରତ୍ୟେକ ଗ୍ରୁପରୁ ଶ୍ରେଷ୍ଠ-୨ରେ ଥିବା ଦଳ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିବ। ସୁପର-୮ ପର୍ଯ୍ୟାୟରେ ମଧ୍ୟ, ଚାରିଟି ଦଳକୁ ନେଇ ଦୁଇଟି ଗୋଷ୍ଠୀ ଗଠନ କରାଯିବ, ଯେଉଁଥିରେ ଶ୍ରେଷ୍ଠ-୨ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ ଏବଂ ତା'ପରେ ସେମିଫାଇନାଲ ମ୍ୟାଚ ଜିତିଥିବା ଦଳଗୁଡ଼ିକ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।


# ପ୍ରଥମ ଥର ଲର୍ଡସ୍‌ରେ ଘଣ୍ଟି ବଜାଇଲେ ସଚିନ

ଲର୍ଡସ୍ : କିଂବଦନ୍ତି ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ପ୍ରଥମ ଥର ଲାଗି ଐତିହାସିକ ଲର୍ଡସ କ୍ରିକେଟ୍ ପଡ଼ିଆରେ ଘଣ୍ଟି ବଜାଇଛନ୍ତି। ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫିର ଗୁରୁବାର ଭାରତ-ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ୍ ମ୍ୟାଚ୍ ପୂର୍ବରୁ ଏହି ଉତ୍ସବ ପାଳନ ହୋଇଥିଲା। କ୍ରିକେଟ୍‌ର ଘର ଭାବେ ପରିଚିତ ଏହି ପଡ଼ିଆର ସ୍ୱତନ୍ତ୍ର ପରମ୍ପରାରେ ସଚିନ ୫ ମିନିଟ୍ ଧରି ଘଣ୍ଟି ବଜାଇ ନୂଆ ଇତିହାସ ରଚିଥିଲେ।

ଲର୍ଡସ ପାଭିଲିୟନ୍‌ର ବୋଲର ବାର୍ସ ବାହାରେ ରହିଥିବା ଏହି ଘଣ୍ଟିକୁ ୨୦୦୭ରୁ କ୍ରିକେଟ୍‌ର ମହାନ ଖେଳାଳି, ଅଧିକାରୀ ଓ କ୍ରୀଡ଼ା କିଂବଦନ୍ତି ବଜାଇବାର ପରମ୍ପରା ରହିଛି। ହେଲେ ସଚିନ କେବେ ବି ଏହି ଉତ୍ସବରେ ଯୋଗଦେବାର ସୁଯୋଗ ପାଇ ନଥିଲେ। ଏବେ ଲର୍ଡସରେ ସଚିନ ଘଣ୍ଟି ବଜାଇବାରେ ସାର ଭିଭିଆନ୍ ରିଚାର୍ଡ୍ସ, ସାର ଇଆନ୍ ବୋଥାମ, ସେନ୍ ୱର୍ଣ୍ଣ, ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ଼ ଓ କପିଳ ଦେବଙ୍କ କ୍ଲବ୍‌ରେ ସାମିଲ ହୋଇଛନ୍ତି।



# ବିଦେଶରେ ପ୍ରଶିକ୍ଷଣ ନେବେ ନୀରଜ





ନୂଆଦିଲ୍ଲୀ: ବିଶ୍ୱ ଦୌଡ଼କୁଦରେ ଭାଗ ନେବାକୁ ଥିବା ଭାରତୀୟ ଟ୍ରାକ୍ ଓ ଫିଲ୍ଡ ଆଥ୍‌ଲେଟ୍ସଙ୍କୁ ବିଦେଶରେ ପ୍ରଶିକ୍ଷଣ ନେବାକୁ ଅନୁମତି ମିଳିଛି। ଏଥିରେ ଜାଭ୍‌ଲିନ୍ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରା ମଧ୍ୟ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ବିଶେଷକରି ୟୁରୋପ ଓ ଆମେରିକାରେ ତାଲିମ ନେଉଛନ୍ତି। ବିଶ୍ୱ ପ୍ରତିଯୋଗିତା ସେପ୍ଟେମ୍ବରରେ ଟୋକିଓରେ ଖେଳାଯିବ। ଏହା ପୂର୍ବ ପର୍ଯ୍ୟନ୍ତ ତାଲିମ ନେବା ଲାଗି କ୍ରୀଡ଼ା ମନ୍ତ୍ରାଳୟର ମିସନ୍ ଅଲିମ୍ପିକ୍ ସେଲ୍ (ଏମ୍‌ଓସି) ଅନୁମୋଦନ ଦେଇଛି। ଟୋକିଓରେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ଏହି ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଥିବା ଖେଳାଳିଙ୍କ ତାଲିମ ପାଇଁ ୮୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ୧୫୭ତମ ଏମ୍‌ଓସି ବୈଠକରେ ନିଷ୍ପତ୍ତି ହୋଇଛି। ଭାରତ ପାଇଁ ପଦକ ଜିତିବାର ସବୁଠୁ ଦାବିଦାର ଥିବା ୨ ବିଶ୍ୱ ପଦକ ବିଜେତା ନୀରଜ ଚୋପ୍ରା ୫୭ଦିନ ଚେକ୍‌ଗଣରାଜ୍ୟର ପ୍ରେଗ୍ ଓ ନିମ୍ବର୍କରେ ତାଲିମ ନେବେ। ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ୟୁରୋପୀୟ ଦେଶରେ ଅଭ୍ୟାସ ଲାଗି ସେ ଆଜି ତାଙ୍କ ଫିଜିଓ ଇଶାନ ମାରୱାଙ୍କ ସହ ସେଠାକୁ ଗସ୍ତ କରିଥିଲା। ଏଥିପାଇଁ ପ୍ରାୟ ୧୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଷ୍ଟିପଲ୍‌ଚେଜର ଅବିନାଶ ସାବ୍‌ଲେ, ପାରୁଲ ଚୌଧୁରୀ, ଲମ୍ଫଦୌଡ଼ ଧାବକ ଗୁଲବୀର ସିଂହ ଲସ୍ ଏଞ୍ଜେଲସ୍‌ରେ ଚଳିତ ମାସ ୧୫ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ତାଲିମ ନେବେ। ଏହି ୩ ଜଣଙ୍କ ପାଇଁ ୪୧.୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମଧ୍ୟମଦୂରତା ଧାବକ ଅଜୟ କୁମାର ସରୋଜଙ୍କ ପାଇଁ ୧୦.୩୨ ଲକ୍ଷ, ଲମ୍ବ ଡିଆଁଳି ମୁରଲୀ ଶ୍ରୀଶଙ୍କରଙ୍କ ପାଇଁ ୫.୫୮ ଲକ୍ଷ ଏବଂ ଆନ୍‌ସି ସୋଜାନ ଓ ଶେଲି ସିଂହଙ୍କ ପାଇଁ ୯.୨୧ ଖର୍ଚ୍ଚକୁ ଅନୁମୋଦନ ମିଳିଛି।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୩ - ୨୦ ଜୁଲାଇ ୨୦୨୫

**ଦଲାଇଲାମାଙ୍କ ଉତ୍ତରାଧିକାରୀ ?**





ତିବ୍ବତୀୟ ଆତ୍ମିକ ନେତା ଦଲାଇ ଲାମାଙ୍କ ଉତ୍ତରାଧିକାରୀ ପ୍ରସଙ୍ଗକୁ ନେଇ ଏବେ ଆରମ୍ଭ ହୋଇଛି ବିତର୍କ ଓ ବିବାଦ। ଏହି ମାମଲାରେ କେବଳ ଦଲାଇ ଲାମା ହିଁ କୌଣସି ନିଷ୍ପତ୍ତି ନେଇ ପାରିବେ ବୋଲି ଭାରତ କହିଛି। ଏଥିରେ ଚୀନ୍‌ର କୌଣସି ପ୍ରକାରର ଦଖଲକୁ ଭାରତ ଅଗ୍ରାହ୍ୟ କରି ଏହା ତିବ୍ବତୀୟ ବୌଦ୍ଧ ପରମ୍ପରାଙ୍କର ଅନ୍ତରୀଣ ମାମଲା ବୋଲି କହିଛି।

**ଜାତୀୟ:** ଟେମ୍ପୁଲ ଟ୍ରାଜେଡି
**ଅନ୍ତର୍ଜାତୀୟ:** ଚୀନ୍‌କୁ ଗୁହାରି
**ବିଶେଷ ପ୍ରସଙ୍ଗ:** ଛିଡ୍ରୁନି ଅଡୁଆ
**ନାରୀ:** : ଘରେ ବନାନ୍ତୁ ଚକୋଲେଟ୍ ଇଡ଼ଲି
**କ୍ଷୁଦ୍ରଗଳ୍ପ:** କାନ୍‌ଭାସ୍
**ଚଳଚ୍ଚିତ୍ର:** ୩ ବର୍ଷ ପରେ, ଚଳଚ୍ଚିତ୍ର: ଇତିହାସ ରଚିଲେ ଦୀପିକା
**ଖେଳ:** : ମାର୍କ୍ୱେଜ୍‌ଙ୍କ ଇସ୍ତଫା, ପେରିକାର୍ଡ କଲେ ଦ୍ରୁତତମ ସର୍ଭିସ୍ ରେକର୍ଡ
**ମୀନାବଜାର:** ମୀନାବଜାର: ନିମ୍ବ ଦାରୁ, ଚର୍ଚ୍ଚାରେ: ଦେଶର ପ୍ରଥମ ଗୁରୁଦ୍ୱାର, ବିଜ୍ଞାନ: ବ୍ଲାକ୍ ବକ୍ସ କଣ ? କିପରି କହେ ଦୁର୍ଘଟଣାର କାରଣ, ପର୍ଯ୍ୟଟନ: ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ଚନ୍ଦ୍ରଗିରି, ଧର୍ମ: ମାନସରୋବରରେ ସ୍ନାନର ରହସ୍ୟ, କବିତା: ପ୍ରେମର ରଙ୍ଗ, ଜାଣନ୍ତି କି ? : ପାହାଡ଼ ଛାତିରେ ତ୍ରିଶୂଳ, ସ୍ୱାସ୍ଥ୍ୟ: ଖାଲିପାଦରେ ଚାଲିବାର ଫାଇଦା ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ପାଇବେ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ୱିମ୍ବଲଡନ୍ ଟେନିସ୍ : ଫାଇନାଲ୍‌ରେ ଅଲ୍‌କାରାଜ



ଲଣ୍ଡନ: ଦୁଇଥର ବିଜେତା ବିଶ୍ୱର ୨ ନମ୍ବର କାର୍ଲୋସ ଅଲ୍‌କାରାଜ ଲଗାତାର ତୃତୀୟ ଥର ଲାଗି ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପହଞ୍ଚିଛନ୍ତି। ଶୁକ୍ରବାର ପୁରୁଷ ଏକକ ସେମିଫାଇନାଲ୍‌ରେ ସ୍ପେନ୍‌ର ଏହି ୫ ଗ୍ରାଣ୍ଡ ସ୍ଲାମ୍ ବିଜେତା ୬-୪, ୫-୭, ୬-୩, ୭-୬ ସେଟ୍‌ରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ଅଲ୍‌କାରାଜ ଏଠାରେ ହ୍ୟାଟ୍ରିକ୍ ଏବଂ ଷଷ୍ଠ ଗ୍ରାଣ୍ଡ ସ୍ଲାମ୍ ବିଜୟ ଦିଗରେ ଶେଷ ପାଦ ବଢ଼ାଇଛନ୍ତି। ଅଲ୍‌କାରାଜ ରବିବାର ଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଇଟାଲିର ଜାନ୍ନିକ ସିନ୍ନର କିମ୍ବା ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସର୍ବିୟା ତାରକା ନୋଭାକ ଜୋକୋଭିକ୍‌ଙ୍କୁ ଭେଟିବେ। ଉଭୟଙ୍କ ମଧ୍ୟରେ ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍ ଚାଲିଛି।

## 'ବିଶ୍ୱ ଦୌଡ଼କୁଦ ମାନଚିତ୍ରରେ ପହଞ୍ଚିବ ଓଡ଼ିଶା'

# କଳିଙ୍ଗ ଷ୍ଟାଡିୟମ୍‌ରେ ଅଗଷ୍ଟ ୧୦ରେ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ୍ ଟୁର୍





ଭୁବନେଶ୍ୱର: ଡାଏମଣ୍ଡ୍ ଲିଗ୍ ତଳକୁ ଦ୍ୱିତୀୟ ମର୍ଯ୍ୟାଦାଜନକ ଦୌଡ଼କୁଦ ଇଭେଣ୍ଟ୍ ବିବେଚିତ ହେଉଥିବା ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ୍ ଟୁର ବ୍ରୋଞ୍ଜ ଲେବୁଲ୍‌ର ପ୍ରତିଯୋଗିତା ଅଗଷ୍ଟ ୧୦ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥି ସହିତ ଓଡ଼ିଶା ପ୍ରଥମ ଥର ପାଇଁ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରି ଭାରତୀୟ କ୍ରୀଡ଼ା ଦୁନିଆରେ ନୂଆ ଫର୍ଦ ଯୋଡ଼ିବ। କାରଣ ବିଶ୍ୱ ଦୌଡ଼କୁଦ ସ୍ତରୀୟ ପ୍ରତିଯୋଗିତା କେବଳ ଓଡ଼ିଶାରେ ନୁହେଁ ଭାରତରେ ବି ପ୍ରଥମ ଥର ଅନୁଷ୍ଠିତ ହେବ। ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓରେ ଖେଳାଯିବାକୁ ଥିବା ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ମଧ୍ୟ ଏହି ବ୍ରୋଞ୍ଜ ଲେବୁଲ୍ ପ୍ରତିଯୋଗିତା ଯୋଗ୍ୟତା ସୁଯୋଗ ରଖିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ମୋଟ ୨୦ ଇଭେଣ୍ଟ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଭାରତରୁ ପ୍ରାୟ ୧୦୦ ଖେଳାଳି ଏବଂ ବିଦେଶରୁ ପ୍ରାୟ ୫୦ ଜଣ ଅଂଶ ଗ୍ରହଣ କରିବେ ବୋଲି ଭାରତୀୟ ଦୌଡ଼କୁଦ ସଂଘ ସମ୍ପାଦକ ସନ୍ଦୀପ ମେହେଟା ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଜୁଲାଇ ୧୫ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ଥିବାରୁ ଖୁବ୍ ଶୀଘ୍ର ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ସ୍ପଷ୍ଟ ହୋଇଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

୮ ବର୍ଷ ପରେ ଓଡ଼ିଶା ଏକ ଅନ୍ତର୍ଜାତୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରୁଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ମଧ୍ୟ ଉତ୍ସାହିତ ଅଛି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ '୨୦୧୭ ମସିହାରେ ଓଡ଼ିଶାରେ ଏସୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରିଥିଲା। ଏବେ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଖେଳାଳିଙ୍କ ମାନ୍ୟତା ବୃଦ୍ଧିରେ ଏହା ସହାୟକ ହେବ। ଭାରତ ସହିତ ତୁର୍କମେନିସ୍ତାନ, ଭୁଟାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଓ ମାଳଦ୍ୱୀପ ଆଦି ୧୦ରୁ ଊର୍ଦ୍ଧ୍ୱ ଦେଶର ଖେଳାଳି ଏଥିରେ ଅଂଶ ଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ଓଡ଼ିଶାକୁ ବିଶ୍ୱ ଦୌଡ଼କୁଦ ମାନଚିତ୍ରରେ ସ୍ଥାନିତ କରିବ'। ଏହି ପ୍ରତିଯୋଗିତା ଆୟୋଜିତ ହେବା ମଧ୍ୟ ଓଡ଼ିଶା କ୍ରୀଡ଼ା ଉପରେ ଏକ ସକରାତ୍ମକ ପ୍ରଭାବ ପକାଇବ ବୋଲି ମନ୍ତ୍ରୀ ସୂରଜ ଆଶା ପ୍ରକଟ କରିଥିଲେ। ଅନିମେଷ କୁଜୁର, ଶ୍ରାବଣୀ ନନ୍ଦ, ଅଶୋକ ଦଣ୍ଡସେନା ଓ ସସ୍ମିତା ଟିଗାଙ୍କ ଭଳି ଖେଳାଳି ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛନ୍ତି। କଣ୍ଟିନେଣ୍ଟାଲ୍ ଟୁର ଇଭେଣ୍ଟ୍‌ରେ ଓଡ଼ିଶା ଖେଳାଳି ଭଲ କରନ୍ତୁ ଏବଂ ଭାରତୀୟ ଖେଳାଳି ଅଧିକ ପଦକ ଜିତନ୍ତୁ ବୋଲି ମନ୍ତ୍ରୀ ଆଶା କରିଥିଲେ। କନିଷ୍ଠ ବର୍ଗରେ ଓଡ଼ିଶା ନିକଟରେ ପ୍ରଚୁର ପ୍ରତିଭା ରହିଥିବାରୁ ପରବର୍ତ୍ତୀ ପିଢ଼ି ବି ବାହାରି ପାରିବେ ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶା ଦୌଡ଼କୁଦ ପ୍ରକଳ୍ପର ସିଓଓ ଦିନେଶ ସୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଭାରତୀୟ ଦୌଡ଼କୁଦ ସଂଘ କୋଷାଧ୍ୟକ୍ଷ ଷ୍ଟାନଲେ ଜୋନ୍ସ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ୍ ଟୁର ବ୍ରୋଞ୍ଜ ଲେବୁଲ୍ ପ୍ରତିଯୋଗିତାରେ ମୋଟ ୨୦ ଇଭେଣ୍ଟ୍ ଖେଳାଯିବ। ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର୍ ଓ ୪ ଗୁଣା ୪୦୦ ମିଟର୍ ରିଲେ, ଲଙ୍ଗ୍‌ଜମ୍ପ୍, ଜାଭଲିନ୍ ଥ୍ରୋ ଆଦି ୮ରେ ଉଭୟ ପୁରୁଷ ମହିଳା ଇଭେଣ୍ଟ୍ ଖେଳାଯିବ। ପୁରୁଷ ବିଭାଗରେ ମଧ୍ୟ ୫୦୦୦ ମିଟର ଦୌଡ଼, ଟ୍ରିପଲ୍ ଜମ୍ପ୍, ସଟ୍‌ପୁଟ୍ ଖେଳାଯିବ। ୪ ଗୁଣା ୪୦୦ ମିଟର୍ ମିଶ୍ରିତ ରିଲେ ମଧ୍ୟ ସାମିଲ ରହିଛି। ଯାହାକି କଳିଙ୍ଗ ଷ୍ଟାଡିୟମ୍ ଦର୍ଶକଙ୍କୁ ଅଗଷ୍ଟ ୧୦ରେ ଦିନତମାମ ଟ୍ରାକ୍ ଆଣ୍ଡ୍ ଫିଲ୍ଡର ଏକାଧିକ ରୋମାଞ୍ଚ ଯୋଗାଇଦେବ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583